RNI No.ODIODI/2010/33031
୧୭ ବର୍ଷ Volume-17
ISSUE -161 ସଂଖ୍ୟା-୧୬୧
ଭୁବନେଶ୍ୱର, ମଙ୍ଗଳବାର ୦୮ ସେପ୍ଟେମ୍ବର ୨୦୨୬
Bhubaneswar, Tuesday 08 September, 2026
୦୮ ପୃଷ୍ଠା Pages-08
ମୂଲ୍ୟ : ୨.୦୦ ଟଙ୍କା Price : Rs.2.00
www.odishamanthan.com

MANTHAN
ମନ୍ଥନ
www.odishamanthan.com RNI No. ORIORI/2010/33031
ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର



# ଲକ୍ଷ୍ନୌରେ ସବୁଠୁ ସ୍ୱଚ୍ଛ ବାୟୁ

## ଶ୍ରେଷ୍ଠ ୫ରେ ମଧ୍ୟପ୍ରଦେଶର ୩ ସହର



ନୂଆଦିଲ୍ଲୀ: କେନ୍ଦ୍ର ପ୍ରଦୂଷଣ ନିୟନ୍ତ୍ରଣ ପରିଷଦ (ସିପିସିବି) ଦ୍ୱାରା ସ୍ୱଚ୍ଛ ବାୟୁ ସର୍ଭେ ରିପୋର୍ଟ ୨୦୨୬ ପ୍ରକାଶ ପାଇଛି । ଚଳିତ ବର୍ଷ ସ୍ୱଚ୍ଛ ବାୟୁ ସର୍ଭେରେ ପ୍ରଥମ ବର୍ଗରେ ଇନ୍‌ଦୋରକୁ ପଛରେ ପକାଇ ଉତ୍ତର ପ୍ରଦେଶର ଲକ୍ଷ୍ନୌ ସହର ବାଜି ମାରିନେଇଛି । ତେବେ ମଧ୍ୟ ପ୍ରଦେଶ ତିନୋଟି ସହର ତାଲିକାର ଶୀର୍ଷ ସ୍ଥାନରେ ରହିଛନ୍ତି । ଲକ୍ଷ୍ନୌ ୧୯୮ ଅଙ୍କ ସହିତ ପ୍ରଥମ ସ୍ଥାନରେ ରହିଥିବାବେଳେ ମଧ୍ୟ ପ୍ରଦେଶର ଇନ୍‌ଦୋର ୧୯୭ ଓ ଜବଲପୁର ୧୯୫ ଅଙ୍କ ସହ ଯଥାକ୍ରମେ ଦ୍ୱିତୀୟ ଏବଂ ତୃତୀୟ ସ୍ଥାନରେ ରହିଛନ୍ତି । ସେହିପରି ଭୋପାଲ ଓ ଆଗ୍ରା ସହର ଉଭୟ ୧୯୨ ଅଙ୍କ ସହିତ ଯୁଗ୍ମଭାବେ ଚତୁର୍ଥ ସ୍ଥାନରେ ରହିଛନ୍ତି । ସେହିପରି ଗୁଜରାଟର ସୁରଟ ସହର ୧୯୧ ଅଙ୍କ ସହିତ ପଞ୍ଚମ ସ୍ଥାନରେ ରହିଛି ।

ଦେଶର ଜାତୀୟ ରାଜଧାନୀ ଦିଲ୍ଲୀ ନୈରାଶ୍ୟ ଜନକ ପ୍ରଦର୍ଶନ ରହିଛି । ଦିଲ୍ଲୀ ୧୭୨ ଅଙ୍କ ସହିତ ୨୧ତମ ସ୍ଥାନରେ ରହିଥିବାବେଳେ ମୁମ୍ବାଇ ସହର ୧୬୦.୮ ଅଙ୍କ ସହିତ ୨୮ତମ ସ୍ଥାନରେ ରହିଛି ।

ପ୍ରଥମ ବର୍ଗ ବା କାଟାଗୋରୀ-୧ରେ (୧୦ ଲକ୍ଷରୁ ଅଧିକ ଜନସଂଖ୍ୟା) ପ୍ରଥମ ସ୍ଥାନ ପାଇଁ ଦେଢ଼ କୋଟି, ଦ୍ୱିତୀୟ ସ୍ଥାନ ପାଇଁ ଏକ କୋଟି ଏବଂ ତୃତୀୟ ସ୍ଥାନ ପାଇଁ ୫୦ ଲକ୍ଷ ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯିବ । ସେହିପରି ଦ୍ୱିତୀୟ ବର୍ଗ ବା କାଟାଗୋରୀ-୨ (୩ରୁ ୧୦ ଲକ୍ଷ ଜନସଂଖ୍ୟା)ରେ ପ୍ରଥମ ସ୍ଥାନ ପାଇଁ ୭୫ ଲକ୍ଷ ଟଙ୍କା, ଦ୍ୱିତୀୟ ସ୍ଥାନ ପାଇଁ ୫୦ ଲକ୍ଷ ଏବଂ ତୃତୀୟ ସ୍ଥାନ ପାଇଁ ୨୫ ଲକ୍ଷ ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯିବ । ସେହିପରି କାଟାଗୋରୀ-୩ରେ (୩ ଲକ୍ଷରୁ କମ ଜନସଂଖ୍ୟା) ସହରକୁ ପ୍ରଥମ ସ୍ଥାନ ପାଇଁ ୩୭ ଲକ୍ଷ ୫୦ ହଜାର, ଦ୍ୱିତୀୟ ସ୍ଥାନ ପାଇଁ ୨୫ ଲକ୍ଷ ଏବଂ ତୃତୀୟ ସ୍ଥାନ ୧୨ ଲକ୍ଷ ୫୦ ହଜାର ଟଙ୍କା ପ୍ରଦାନ କରାଯିବ । ଏହି ପୁରସ୍କାର ରାଶି କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରଦାନ କରାଯିବ ।

### ସୁପ୍ରିମକୋର୍ଟରେ ଓଡିଶା ଡିଜିପି ଚୟନ ବିବାଦ

# ସରକାରଙ୍କ ଆଭିମୁଖ୍ୟକୁ ଚ୍ୟାଲେଞ୍ଜ କଲେ ସୁଶାନ୍ତ ନାଥ, ୨୨ରେ ପରବର୍ତ୍ତୀ ଶୁଣାଣି

ନୂଆଦିଲ୍ଲୀ,୭।୯: ଓଡିଶା ପୁଲିସର ପରବର୍ତ୍ତୀ ମୁଖିଆ(ଡିଜିପି) ଚୟନ ବିବାଦକୁ ନେଇ ସୁପ୍ରିମକୋର୍ଟରେ ଚାଲିଥିବା ମାମଲାରେ ଆଜି ନୂଆମୋଡ ଆସିଛି। ବରିଷ୍ଠ ଓଡିଆ ଆଇପିଏସ୍ ତଥା ଜେଲ୍ ଡିଜି ସୁଶାନ୍ତ କୁମାର ନାଥ ଏହି ମାମଲାରେ ଏକ ଇଣ୍ଟରଭେନସନ୍ ଆବେଦନ (ଆଇଏ) ଦାଖଲ କରି କୋର୍ଟରେ ନିଜ ପକ୍ଷ ରଖିଛନ୍ତି। ଆଜି ମାମଲାର ଶୁଣାଣିବେଳେ ସୁଶାନ୍ତ ନାଥଙ୍କ ପକ୍ଷରୁ ତାଙ୍କ ଓକିଲ କୋର୍ଟରେ ଯୁକ୍ତି ରଖି ରାଜ୍ୟ ସରକାରଙ୍କ ନିଷ୍ପତ୍ତି ଉପରେ ସଙ୍ଗୀନ ପ୍ରଶ୍ନ ଉଠାଇବା ସହ ସରକାରଙ୍କ ଆଭିମୁଖ୍ୟକୁ ଚ୍ୟାଲେଞ୍ଜ କରିଛନ୍ତି। ସୁପ୍ରିମକୋର୍ଟ ଆଜି ସୁଶାନ୍ତ ନାଥଙ୍କ ପକ୍ଷ ଶୁଣିବା ସହ ପରବର୍ତ୍ତୀ ଶୁଣାଣି ସେପ୍ଟେମ୍ବର ୨୨ତାରିଖକୁ ଧାର୍ଯ୍ୟ କରିଛନ୍ତି।

ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ, ଜଷ୍ଟିସ ଜୟମାଲ୍ୟ ବାଗଚୀ ଓ ଜଷ୍ଟିସ ଭି.ମୋହନାଙ୍କୁ ନେଇ ଗଠିତ ଖଣ୍ଡପୀଠରେ ଆଜି ଏହି ମାମଲାର ଶୁଣାଣି ଆରମ୍ଭ ହେବାମାତ୍ରେ ସୁଶାନ୍ତ ନାଥ ନିଜ ଓକିଲଙ୍କ ମାଧ୍ୟମରେ ପକ୍ଷଭୁକ୍ତ ହେବାକୁ କୋର୍ଟଙ୍କ ଅନୁମତି ଲୋଡିଥିଲେ। ସେ ଦାଖଲ କରିଥିବା ଆଇଏ ଉପରେ ବିଚାର କରିବା ସହ ପକ୍ଷ ରଖିବାକୁ ଖଣ୍ଡପୀଠ ତାଙ୍କୁ ସୁଯୋଗ ଦେଇଥିଲେ।

ଆଇପିଏସ୍ ସୁଶାନ୍ତ ନାଥ ତାଙ୍କ ଓକିଲ ମାଧ୍ୟମରେ ଆଜି ସୁପ୍ରିମକୋର୍ଟରେ ଯୁକ୍ତି ଉପସ୍ଥାପନ କରି କହିଥିଲେ ଯେ, ସେ ଜଣେ ଡିଜିପାହ୍ୟାର ବରିଷ୍ଠ ଅଫିସର ଓ ପ୍ରଥମ ପର୍ଯ୍ୟାୟରେ ରାଜ୍ୟ ସରକାର ୟୁପିଏସସିକୁ ପଠାଇଥିବା ତିନିଜଣିଆ ତାଲିକାରେ ତାଙ୍କ ନାମ ପ୍ରଥମରୁ ସାମିଲ ଥିଲା। କିନ୍ତୁ ବିନା କୌଣସି ପୂର୍ବ ସୂଚନାରେ ତାଙ୍କର ଇଣ୍ଟିଗ୍ରିଟି ସାର୍ଟିଫିକେଟ୍ ପ୍ରତ୍ୟାହାର କରାଯାଇଥିବା ନେଇ ସେ କେବଳ ଖବରକାଗଜରୁ ହିଁ ଜାଣିବାକୁ ପାଇଥିଲେ। ତାଙ୍କ ନାମକୁ ଅଟକାଇ ଅନ୍ୟମାନଙ୍କୁ ଆଗକୁ ନିଆଯାଇଥିବାବେଳେ ତାଙ୍କର ଦୀର୍ଘ ୩୨ ବର୍ଷର ଦାଗହୀନ କ୍ୟାରିୟର, ସଫଳ ସେବା ରେକର୍ଡ ଓ ରାଷ୍ଟ୍ରପତି ପଦକ ପାଇଥିବା ବିଷୟକୁ ଅଣଦେଖା କରାଯାଇଛି। ସେଥିପାଇଁ ପିଆଇଏଲ୍ ସମ୍ପର୍କିତ ସମସ୍ତ କାଗଜପତ୍ର ତାଙ୍କୁ ପ୍ରଦାନ କରିବା ଓ ତାଙ୍କୁ ନିଜ ପକ୍ଷ ରଖିବାକୁ ସୁଯୋଗ ଦେବା ଲାଗି ସେ ଅନୁରୋଧ କରିଥିଲେ।

ଖଣ୍ଡପୀଠ ତାଙ୍କର ଯୁକ୍ତି ଶୁଣିବା ସହ ତାଙ୍କୁ ଏହି ମାମଲାରେ ପକ୍ଷଭୁକ୍ତ ହୋଇ ପରବର୍ତ୍ତୀ ଶୁଣାଣି ପୂର୍ବରୁ ସତ୍ୟପାଠ ଦାଖଲ କରିବାକୁ କହିଛନ୍ତି। ସେଥିପାଇଁ ଜନସ୍ୱାର୍ଥ ମାମଲା ଓ ଏହି ମାମଲା ସମ୍ପର୍କିତ ସମସ୍ତ କାଗଜପତ୍ର ତାଙ୍କୁ ପ୍ରଦାନ କରିବାକୁ ତାଙ୍କ ଓକିଲ ନିବେଦନ କରିଥିଲେ। ଏପରିକି ତାଙ୍କର ମାମଲା ଏକ ସ୍ୱତନ୍ତ୍ର କାରଣ ଉପରେ ଆଧାରିତ ହୋଇଥିବାରୁ ଏହାକୁ ଅନ୍ୟ ମାମଲା ସହ ନମିଶାଇ ସ୍ୱତନ୍ତ୍ର ଭାବେ ଶୁଣାଣି କରିବାକୁ ଅନୁରୋଧ କରିଥିଲେ। ଅନ୍ୟପକ୍ଷରେ ଜନସ୍ୱାର୍ଥ ମାମଲାର ଆବେଦନକାରୀ ଜୟନ୍ତ ଦାସଙ୍କ ଓକିଲ ପି ଚିଦାମ୍ବରମ୍ ଅଭିଯୋଗ କରିଥିଲେ ଯେ, ଓଡିଶା ପୁଲିସ ଡିଜି ଚୟନ ପ୍ରକ୍ରିୟାରେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶାବଳୀ ତଥା ୟୁପିଏସସି ଦ୍ୱାରା ନିର୍ଦ୍ଧାରିତ ନିୟମାବଳୀକୁ ସମ୍ପୂର୍ଣ୍ଣ ଭାବେ ଉଲ୍ଲଂଘନ କରାଯାଇଛି। କୋର୍ଟ ଉଭୟ ପକ୍ଷଙ୍କୁ ଶୁଣିବା ପରେ ଏକ ସପ୍ତାହ ମଧ୍ୟରେ ଜବାବ ଦାଖଲ ତଥା କପି ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇ ଆସନ୍ତା ୨୨ତାରିଖରେ ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ କରିଛନ୍ତି।

ଉଲ୍ଲେଖଯୋଗ୍ୟ, ରାଜ୍ୟ ସରକାରଙ୍କ ଅପ୍ରତ୍ୟାଶିତ ଅନୁରୋଧରେ ପୁଲିସ ଡିଜି ଚୟନ ପାଇଁ ଗତ ଅଗଷ୍ଟ ୭ତାରିଖର ୟୁପିଏସସି ବୈଠକକୁ ସ୍ଥଗିତ ରହିବା ପରେ ଏହି ସମ୍ବେଦନଶୀଳ ବିବାଦ ସାମ୍ନାକୁ ଆସିଥିଲା। ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଓକିଲ ପି.ଚିଦାମ୍ବରମ୍ ମଧ୍ୟ ୨୦୦୬ ମସିହାରେ ପ୍ରକାଶ ସିଂ ମାମଲାରେ ସୁପ୍ରିମକୋର୍ଟ ଦେଇଥିବା ଐତିହାସିକ ରାୟକୁ ଉଲ୍ଲଙ୍ଘନ କରାଯାଇ ଜଣେ ଏଡିଜି ପାହ୍ୟାର ଅଫିସରଙ୍କୁ ରାତାରାତି ପଦୋନ୍ନତି ଦେଇ ଡିଜି ପ୍ୟାନେଲରେ ସାମିଲ ପାଇଁ ବ୍ୟାକଡୋର ପ୍ରୟାସ ଚାଲିଥିବା ଅଭିଯୋଗ କରିଥିଲେ।

### ସତ୍ୟ ନିକେତନ କୋଠା ଭୁଶୁଡ଼ିବା ମାମଲା: ରାଜସ୍ଥାନରୁ ଘର ମାଲିକ ଗିରଫ

ନୂଆଦିଲ୍ଲୀ,୭।୯ ଦକ୍ଷିଣ ଦିଲ୍ଲୀ ସତ୍ୟ ନିକେତନରେ କୋଠା ଭୁଶୁଡ଼ିବା ମାମଲାରେ ଘର ମାଲିକ ହରିଓମ ବଂଶଲଙ୍କୁ ରାଜସ୍ଥାନ ଭିବାଡ଼ୀରୁ ଗିରଫ କରାଯାଇଛି । ସୋମବାର ଦିଲ୍ଲୀ ପୋଲିସ ହରିଓମଙ୍କୁ ଗିରଫ କରିଛି । ପୁଲିସ କମିଶନର ନୀରଜ ଠାକୁର ଏହି ସୂଚନା ଦେଇଛନ୍ତି । ଗତକାଲି କୋଠା ଭୁଶୁଡ଼ିବା ପରଠାରୁ ପୋଲିସ ମାଲିକଙ୍କ ବିରୋଧରେ ଏକ ମାମଲା ରୁଜୁ କରି ତାଙ୍କୁ ଖୋଜୁଥିଲା । ଦିଲ୍ଲୀ, ହରିୟାଣା ଏବଂ ରାଜସ୍ଥାନରେ ଏକାଧିକ ପୋଲିସ ଟିମ୍ ଚଢ଼ଉ କରିଥିଲେ । ଆଜି ତାଙ୍କୁ ରାଜସ୍ଥାନରୁ ଗିରଫ କରାଯିବା ପରେ ଦିଲ୍ଲୀ ଅଣାଯିବ । ଗତକାଲି ଦିନ ସାଢେ ଗୋଟାଏ ସମୟରେ ସତ୍ୟନିକେତରେ ଏକ ପାଞ୍ଚ ମହଲା ଆବାସିକ କୋଠା ଭୁଶୁଡ଼ି ପଡ଼ିଥିଲା । ଏଥିରେ ଅନେକ ଲୋକ ଚାପି ହୋଇଯାଇଥିଲେ । ସେଥି ମଧ୍ୟରୁ ୭ ଜଣଙ୍କର ଏଯାବତ ମୃତ୍ୟୁ ହୋଇଛି ।

### ମିଶିବ ବିଏସଇ ଓ ସିଏଚଏସଇ

ଭୁବନେଶ୍ୱର,୭।୯(ନି.ପ୍ର.): ରାଜ୍ୟରେ ଦଶମ ଓ ଦ୍ୱାଦଶ ଶ୍ରେଣୀ ପାଇଁ ଏଣିକି ଗୋଟିଏ ବୋର୍ଡ ହେବ। ଦଶମ ଓ ଦ୍ୱାଦଶ ପରୀକ୍ଷା ପାଇଁ ବର୍ତ୍ତମାନ ଥିବା ବୋର୍ଡ ଅଫ୍ ସେକେଣ୍ଡାରୀ ଏଜୁକେସନ୍(ବିଏସଇ) ଏବଂ କାଉନସିଲ୍ ଅଫ୍ ହାୟର ସେକେଣ୍ଡାରୀ ଏଜୁକେସନ୍ (ସିଏଚଏସଇ) ବଦଳରେ ଗୋଟିଏ ବୋର୍ଡ ବ୍ୟବସ୍ଥା ଲାଗୁ କରିବାକୁ ସରକାର ଯୋଜନା କରୁଛନ୍ତି । ଏନେଇ ଗଣଶିକ୍ଷା ସଚିବ ଏନ୍‌ତିରୁମାଲା ନାୟକ ସୂଚନା ଦେଇଛନ୍ତି। ତାଙ୍କ କହିବା ଅନୁଯାୟୀ ଦଶମ ଓ ଦ୍ୱାଦଶ ପାଇଁ ଗୋଟିଏ ବୋର୍ଡ ଗଠନ କରିବା ନେଇ ମୁଖ୍ୟମନ୍ତ୍ରୀଙ୍କ ପକ୍ଷରୁ ନିର୍ଦ୍ଦେଶ ରହିଛି। ଆଗାମୀ ଦିନରେ ରାଜ୍ୟରେ ପାଠ୍ୟକ୍ରମ ଏବଂ ପରୀକ୍ଷା ପରିଚାଳନା ପାଇଁ ବିଏସଇ ଓ ସିଏଚଏସଇ ଅଲଗା ଅଲଗା ବୋର୍ଡ ଭାବେ ରହିବ ନାହିଁ। ଉଭୟ ଶ୍ରେଣୀର ପରୀକ୍ଷା ଗୋଟିଏ ବୋର୍ଡ ଅଧୀନରେ କରାଯିବ। ଏହି ବ୍ୟବସ୍ଥା କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସଇ)ର ଢାଞ୍ଚା ଭଳି ହେବ। ଯେପରି ସିବିଏସଇ ଦଶମ ଓ ଦ୍ୱାଦଶ ଶ୍ରେଣୀ ଉଭୟ ପରୀକ୍ଷା ପରିଚାଳନା କରୁଛି ସେହିପରି ଓଡ଼ିଶାରେ ମଧ୍ୟ ଗୋଟିଏ ବୋର୍ଡ ଉଭୟ ପରୀକ୍ଷା ପରିଚାଳନା କରିବ। ତେବେ ଏନେଇ ସରକାରୀ ଭାବେ କୌଣସି ଘୋଷଣା କରାଯାଇ ନାହିଁ ସମସ୍ତ ପ୍ରସ୍ତୁତି ପରେ ପଦକ୍ଷେପ ନିଆଯିବ ବୋଲି ସୂଚନା ରହିଛି।

# କ୍ୟାବିନେଟ୍‌ରେ ୧୮ ପ୍ରସ୍ତାବ ପାରିତ

ଭୁବନେଶ୍ୱର,୭।୯: ରାଜ୍ୟରେ ବିଦ୍ୟୁତ୍ ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ସରକାର ୧୫,୯୪୮.୭୦ କୋଟି ଟଙ୍କା ପୁଞ୍ଜିନିବେଶ କରିବେ। ଶକ୍ତି କ୍ଷେତ୍ରରେ ଏହା ସର୍ବବୃହତ୍ ପୁଞ୍ଜିନିବେଶ ହେବ। ଏହା ଦ୍ୱାରା ରାଜ୍ୟର ଦୀର୍ଘମିଆଦି ଅର୍ଥନୈତିକ ଓ ନିରନ୍ତର ବିକାଶ ପାଇଁ ଶକ୍ତିଶାଳୀ ଓ ନିର୍ଭରଯୋଗ୍ୟ ଟ୍ରାନ୍ସମିସନ୍ ନେଟ୍‌ୱର୍କ ଗଠନ ଦିଗରେ ସହାୟକ ହେବ ବୋଲି ସରକାର ଆଶା ରଖିଛନ୍ତି। ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ବସିଥିବା କ୍ୟାବିନେଟ୍ ବୈଠକରେ ଏ ସଂକ୍ରାନ୍ତୀୟ ପ୍ରସ୍ତାବ ପାରିତ ହୋଇଛି।



ଲୋକସେବା ଭବନରେ ବସିଥିବା ଏହି ବୈଠକରେ ୧୨ଟି ବିଭାଗର ୧୮ ପ୍ରସ୍ତାବ ପାରିତ ହୋଇଥିଲା। ବୈଠକ ପରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ କ୍ୟାବିନେଟ୍ ନିଷ୍ପତ୍ତି ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇଥିଲେ। ବିଜୁଳି ଭିତ୍ତିଭୂମି ପ୍ରସ୍ତାବରେ ଥିବା ବ୍ୟବସ୍ଥା ଅନୁଯାୟୀ ସରକାର ପ୍ରଥମ ଥର ପାଇଁ ୭୬୫ କେଭି ଟ୍ରାନ୍ସମିସନ୍ ନେଟ୍‌ୱର୍କ ସ୍ଥାପନ କରିବେ। ଶିଳ୍ପ ଅଭିବୃଦ୍ଧି ଓ ଘରୋଇ ଚାହିଦା ମଧ୍ୟରେ ସମନ୍ୱୟ ପାଇଁ ଖୁଣ୍ଟୁଣି, ଡୁବୁରି ଓ କୋଲାବିରାଠାରେ ତିନିଟି ନୂଆ ୭୬୫ କେଭି ଗ୍ରିଡ୍ ସବ୍‌ଷ୍ଟେସନ୍ ସ୍ଥାପନ କରାଯିବ। ବର୍ତ୍ତମାନ ଓଡିଶାରେ ୫ଟି ୪୦୦ କେଭି ଗ୍ରିଡ୍ ସବ୍‌ଷ୍ଟେସନ କାର୍ଯ୍ୟକ୍ଷମ ଥିବା ବେଳେ ୬ଟି ନିର୍ମାଣାଧୀନ ଅଛି।

କାଂସବାହାଲ ଓ ଟିଟିଲାଗଡରେ ଆଉ ଦୁଇଟି ଗ୍ରିଡ୍ ସବ୍‌ଷ୍ଟେସନ୍ ଅନୁମୋଦନ ହେବା ଫଳରେ ଓଡିଶାରେ ମୋଟ ୪୦୦ କେଭି ଗ୍ରିଡ୍ ସବ୍‌ଷ୍ଟେସନ୍ ସଂଖ୍ୟା ୫ରୁ ବୃଦ୍ଧି ପାଇ ୧୩ରେ ପହଞ୍ଚିବ। ସେହିପରି ୨୦୨୪ ସୁଦ୍ଧା ଓଡିଶାରେ ୪୮ଟି ୨୨୦ କେଭି ଗ୍ରିଡ୍ ସବ୍‌ଷ୍ଟେସନ୍ ଥିବା ବେଳେ ବିଗତ ଦୁଇ ବର୍ଷ ମଧ୍ୟରେ ୬ଟି ନୂଆ ୨୨୦ କେଭି ଗ୍ରିଡ୍ ସବ୍‌ଷ୍ଟେସନ୍ କାର୍ଯ୍ୟକ୍ଷମ ହୋଇଛି ଏବଂ ଆଉ ୧୧ଟି ନିର୍ମାଣାଧୀନ ଅଛି। ଆଜି କ୍ୟାବିନେଟ୍‌ରେ ଆଉ ୧୦ଟି ଗ୍ରିଡ୍ ସବ୍‌ଷ୍ଟେସନ୍ ଅନୁମୋଦନ ହେବା ଫଳରେ ଏହି ସଂଖ୍ୟା ୪୮ରୁ ବୃଦ୍ଧି ପାଇଁ ୭୫ ହେବ। ଏହା ଫଳରେ ରାଉରକେଲା, ସମ୍ବଲପୁର ଓ ବରଗଡରେ ୨୨୦ କେଭି ରିଂ ନେଟ୍‌ୱର୍କ କାର୍ଯ୍ୟକ୍ଷମ ହୋଇପାରିବ। ବର୍ଦ୍ଧିତ ବିଦ୍ୟୁତ୍ ଚାହିଦା ପୂରଣ ପାଇଁ ୭୯ଟି ସବ୍‌ଷ୍ଟେସନ୍ ଆଧୁନିକୀକରଣ କରାଯିବ। ଓପିଟିସିଏଲ୍ ନିଜର ଟ୍ରାନ୍ସଫର୍ମେସନ୍ କ୍ଷମତାକୁ ୨୯,୮୮୯ ଏମ୍‌ଭିଏରୁ ୬୩,୩୬୪ ଏମ୍‌ଭିଏକୁ ବୃଦ୍ଧି କରିବ। ହୀରାକୁଦ ଓ ଇନ୍ଦ୍ରାବତୀ ଜଳଭଣ୍ଡାରରେ ଭାସମାନ ସୋର ପ୍ରକଳ୍ପ ଏବଂ ପଶ୍ଚିମ ଓ ଦକ୍ଷିଣ ଓଡିଶାର ଭୂମିଭିତ୍ତିକ ସୋର ପ୍ରକଳ୍ପଗୁଡିକରୁ ବିଦ୍ୟୁତ୍ ଉତ୍ପାଦନ ପାଇଁ ଉପଯୁକ୍ତ ନେଟ୍‌ୱର୍କ ସୃଷ୍ଟି ହେବ। ଓପିଟିସିଏଲ୍ ନେଟ୍‌ୱର୍କକୁ ରିମୋଟ୍ ପରିଚାଳନା ମାଧ୍ୟମରେ ନିୟନ୍ତ୍ରଣ କରାଯିବ। ଏହା ଭୁବନେଶ୍ୱର, ବ୍ରହ୍ମପୁର, ଝାରସୁଗୁଡା ଓ ବାଲେଶ୍ୱରସ୍ଥିତ ଚାରିଟି ନିୟନ୍ତ୍ରଣ କେନ୍ଦ୍ରରୁ ପରିଚାଳିତ ହେବ।

'ପଞ୍ଚସଖା ଶିକ୍ଷାସେତୁ ଯୋଜନା'ରେ ରାଜ୍ୟ ସରକାର ପାଞ୍ଚ ବର୍ଷରେ ୩୧୨.୯୬ କୋଟି ଟଙ୍କା ଖର୍ଚ୍ଚ କରିବେ। ଏ ସଂକ୍ରାନ୍ତୀୟ ପ୍ରସ୍ତାବରେ କ୍ୟାବିନେଟ୍ ମୋହର ବାଜିଛି। ଏହି ଯୋଜନାରେ ବିଦ୍ୟାଳୟର ବିକାଶ ପାଇଁ ଜଣେ ବ୍ୟକ୍ତି ବା ଅନୁଷ୍ଠାନ ଯେତିକି ଅନୁଦାନ ପ୍ରଦାନ କରିବେ, ସରକାର ତାହାର ଦୁଇ ଗୁଣ କିମ୍ବା ସର୍ବାଧିକ ୫୦ ଲକ୍ଷ ଟଙ୍କା ଅନୁଦାନ ଦେବେ। ୨୦୨୪ ଡିସେମ୍ବରରୁ ୨୦୨୯ ମାର୍ଚ୍ଚ ୩୧ ତାରିଖ ପର୍ଯ୍ୟନ୍ତ ପାଞ୍ଚ ବର୍ଷର ଅବଧି ମଧ୍ୟରେ ୩୧୨.୯୬ କୋଟି ଟଙ୍କା ଖର୍ଚ୍ଚ କରାଯିବ।

'ଓଡିଶା ଜନବିଶ୍ୱାସ ବିଲ୍, ୨୦୨୬' ଆଜି କ୍ୟାବିନେଟ୍‌ରେ ପାରିତ ହୋଇଛି। ଏହି ବିଲ୍ ମାଧ୍ୟମରେ ଲାଇସେନ୍ସିଂ ଓ ଅନୁମତି ଆବଶ୍ୟକତାକୁ ସରଳ କରିବା, ଦ୍ୱୈତ ଅନୁମୋଦନଗୁଡିକୁ ଦୂର କରିବା, ଶିଳ୍ପ ଲାଇସେନ୍ସ ଓ ପଞ୍ଜୀକରଣ ପାଇଁ ବୈଧତା ଅବଧି ବୃଦ୍ଧି ବ୍ୟବସ୍ଥା ପ୍ରଚଳନ କରିବାକୁ ଲକ୍ଷ୍ୟ ରଖାଯାଇଛି। ୧୧ଟି ସରକାରୀ ବିଭାଗ ଦ୍ୱାରା ପରିଚାଳିତ ୧୬ଟି ରାଜ୍ୟ ଆଇନରେ ୬୨ଟି ବ୍ୟବସ୍ଥାରେ ସଂଶୋଧନ ପ୍ରସ୍ତାବ ରହିଛି। ବ୍ୟବସ୍ଥାଗତ ଛୋଟ ଛୋଟ ବୈଷୟିକ ଓ ପ୍ରକ୍ରିୟାଗତ ତ୍ରୁଟିକୁ ଯୁକ୍ତିସଂଗତ କରିବା ପାଇଁ ୧୧ଟି ଆଇନରେ ୩୫ଟି ସଂଶୋଧନ କରାଯାଇଛି। ଲାଇସେନ୍ସିଂ ଓ ନିୟାମକ ଆବଶ୍ୟକତାକୁ ସହଜ କରିବା ପାଇଁ ୫ଟି ଆଇନରେ ୨୭ ସଂଶୋଧନ କରାଯାଇଛି। ପ୍ରସ୍ତାବିତ ସଂସ୍କାରଗୁଡିକ ମକଦ୍ଦମା ଓ ପ୍ରକ୍ରିୟାଗତ ବିଳମ୍ବକୁ ହ୍ରାସ କରବା ସହ ନାଗରିକ ଓ ନିବେଶକମାନଙ୍କ ବିଶ୍ୱାସକୁ ସୁଦୃଢ଼ କରିବ ବୋଲି ସରକାର ଆଶା ରଖିଛନ୍ତି।

# ଭୁବନେଶ୍ୱରରେ ଦବିଲା ନିର୍ମାଣଧୀନ ଲୁହା କୋଠା

ଭୁବନେଶ୍ୱର,୭।୯(ନି.ପ୍ର.): ନିର୍ମାଣଧୀନ କୋଠା ଦବିବା ଫଳରେ କିଛି ଶ୍ରମିକ ଆହତ ହୋଇଥିବାର ସୂଚନା ମିଳିଛି। ରାତିରେ ଜୋର ଶବ୍ଦ ଶୁଣିଥିବା କହିଲେ ସ୍ଥାନୀୟ ଲୋକ । ଏ ସମ୍ପର୍କରେ ଠିକାଦାର କିମ୍ବା ନିର୍ମାଣଧୀନ ସଂସ୍ଥାର ପ୍ରତିକ୍ରିୟା ମିଳିପାରି ନାହିଁ ।

ଦିଲ୍ଲୀର ସତ୍ୟ ନିକେତନ ଅଞ୍ଚଳରେ ଚାଲିଥିବା ୫ ମହଲା ବିଶିଷ୍ଟ ପିଜି(ପେଇଂ ଗେଷ୍ଟ) ହଷ୍ଟେଲ ଭୁଶୁଡି ପଡିଥିଲା। ଏଥିରେ ୭ ଜଣ ପ୍ରାଣ ହରାଇଥିବା ବେଳେ ୧୧ ଜଣ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ଏବେ ବି ବିଲଡିଂର ଧ୍ୱଂସାବଶେଷ ତଳେ ୨୦ରୁ ୨୫ ଜଣ ଫସି ରହିଥିବା ଆଶଙ୍କା କରାଯାଉଛି।

ଦିଲ୍ଲୀର ସତ୍ୟ ନିକେତନରେ ନିକଟରେ ଘଟିଥିବା ଭୟାବହ କୋଠା ଭୁଶୁଡ଼ିବା ଘଟଣା ପରେ ଏବେ ତତ୍ପର ହୋଇଛି ଓଡ଼ିଶା ସରକାର। ଦୁର୍ବଳ ଓ ବିପଦସଙ୍କୁଳ କୋଠାଗୁଡ଼ିକୁ ଚିହ୍ନଟ କରି ଭାଙ୍ଗିବା ପାଇଁ ପଦକ୍ଷେପ ଆରମ୍ଭ ହୋଇଛି। ଏନେଇ ସହରାଞ୍ଚଳରେ ସୁରକ୍ଷା ବ୍ୟବସ୍ଥାକୁ ନେଇ ସରକାର କଡ଼ା ନଜର ରଖିଥିବା ଜଣାପଡ଼ିଛି।

ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି ଯେ, ସହରାଞ୍ଚଳରେ ଥିବା ଦୁର୍ବଳ ସରକାରୀ କୋଠାଗୁଡ଼ିକୁ ଭଙ୍ଗାଯାଉଛି। ଏହାସହ ଅସୁରକ୍ଷିତ ଘରୋଇ କୋଠାଗୁଡ଼ିକୁ ମଧ୍ୟ ଭାଙ୍ଗିବା ପାଇଁ ନୋଟିସ୍ ଜାରି କରାଯିବ। କେବଳ ସରକାରୀ କାର୍ଯ୍ୟାଳୟ ନୁହେଁ, ଦୁର୍ବଳ ସ୍କୁଲ କୋଠା ଏବଂ ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକୁ ନେଇ ମଧ୍ୟ ପ୍ରଶାସନ ପଦକ୍ଷେପ ନେଉଛି। ଏଭଳି ଅନେକ ଦୁର୍ବଳ କୋଠାକୁ ଭାଙ୍ଗିବା ପାଇଁ ଇତିମଧ୍ୟରେ ନୋଟିସ୍ ଦିଆଯାଇଥିବା ମନ୍ତ୍ରୀ ସୂଚନା ଦେଇଛନ୍ତି। ସହର ସୀମା ଭିତରେ ଥିବା ବିପଦସଙ୍କୁଳ କୋଠାଗୁଡ଼ିକୁ ଚିହ୍ନଟ କରି ଆବଶ୍ୟକ ପଦକ୍ଷେପ ନେବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ଲୋକଙ୍କ ଜୀବନ ସୁରକ୍ଷାକୁ ସର୍ବାଧିକ ଗୁରୁତ୍ୱ ଦେଇ ସରକାର ଏହି ପ୍ରସଙ୍ଗରେ କଡ଼ା ନଜର ରଖିଛି ବୋଲି ମନ୍ତ୍ରୀ କହିଛନ୍ତି। ଦିଲ୍ଲୀ ଘଟଣାରେ ସାତଜଣଙ୍କ ଜୀବନ ଯାଇଥିବା ପରେ ଓଡ଼ିଶା ସରକାରଙ୍କ ଏହି ପଦକ୍ଷେପକୁ ଗୁରୁତ୍ୱପୂର୍ଣ୍ଣ ବୋଲି ମନେ କରାଯାଉଛି।

## ଦିଲ୍ଲୀରେ ହାଇକମାଣ୍ଡ ସହ ମନମୋହନ ସାମଲ

ଭୁବନେଶ୍ୱର,୭।୯(ନି.ପ୍ର.): ଓଡ଼ିଶା ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଶେଷ ହେବା ପରେ ରାଜ୍ୟ ସଭାପତି ମନମୋହନ ସାମଲ ଦୁଇ ଦିନିଆ ଦିଲ୍ଲୀ ଗସ୍ତରେ ଯାଇଛନ୍ତି। ତାଙ୍କର ଏହି ଅଚାନକ ଦିଲ୍ଲୀ ଯାତ୍ରାକୁ ନେଇ ରାଜନୈତିକ ମହଲରେ ଚର୍ଚ୍ଚା ଜୋର ଧରିଛି ।ଦଳୀୟ ସୂତ୍ର ଅନୁସାରେ, ରାଜ୍ୟ କାର୍ଯ୍ୟକାରିଣୀରେ ଗୃହୀତ ପ୍ରସ୍ତାବ, ସାଂଗଠନିକ ନିଷ୍ପତ୍ତି ଏବଂ ତୃଣମୂଳ ସ୍ତରରୁ ମିଳିଥିବା ମତାମତକୁ କେନ୍ଦ୍ରୀୟ ନେତୃତ୍ୱଙ୍କ ସମ୍ମୁଖରେ ଉପସ୍ଥାପନ କରିପାରନ୍ତି ସାମଲ। ଏହା ସହ ବିଭିନ୍ନ ନିଗମ ଓ ବୋର୍ଡରେ ନିଯୁକ୍ତି ପାଇଁ କେନ୍ଦ୍ରୀୟ ଅନୁମୋଦନ ପ୍ରସଙ୍ଗ ମଧ୍ୟ ଆଲୋଚନାରେ ରହିପାରେ ।ରାଜ୍ୟରେ ଆଗାମୀ ପଞ୍ଚାୟତ ଓ ପୌର ନିର୍ବାଚନକୁ ଦୃଷ୍ଟିରେ ରଖି ସଂଗଠନକୁ ଅଧିକ ସୁଦୃଢ଼ କରିବା, ବୁଥ୍ ସ୍ତରର ପ୍ରସ୍ତୁତି ଏବଂ ନିର୍ବାଚନୀ ରୋଡମ୍ୟାପ୍ ପ୍ରସ୍ତୁତି ନେଇ ମଧ୍ୟ କେନ୍ଦ୍ରୀୟ ନେତୃତ୍ୱ ସହ ଗୁରୁତ୍ୱପୂର୍ଣ୍ଣ ବୈଠକ ହୋଇପାରେ। କାର୍ଯ୍ୟକାରିଣୀ ବୈଠକ ପରେ ସଙ୍ଗେ ସଙ୍ଗେ ଦିଲ୍ଲୀ ଗସ୍ତ ହେତୁ ଦଳ ଭିତରେ କିଛି ନୂଆ ସାଂଗଠନିକ ନିଷ୍ପତ୍ତି କିମ୍ବା ଦାୟିତ୍ୱ ବଣ୍ଟନ ନେଇ ଜଳ୍ପନା ବଢ଼ିଛି। ଯଦିଓ ଏନେଇ ବିଜେପି ପକ୍ଷରୁ କୌଣସି ଆନୁଷ୍ଠାନିକ ସ୍ପଷ୍ଟୀକରଣ ମିଳିନାହିଁ, ତଥାପି ସାମଲଙ୍କ ଏହି ଦିଲ୍ଲୀ ଗସ୍ତ ଆଗାମୀ ଦିନରେ ରାଜ୍ୟ ବିଜେପିରେ କିଛି ବଡ଼ ଘୋଷଣାର ସଙ୍କେତ ବୋଲି ଚର୍ଚ୍ଚା ହେଉଛି।

## ଗୁଳି କରି ପତ୍ନୀଙ୍କୁ ହତ୍ୟା

ରେଢାଖୋଲ,୭।୯(ନି.ପ୍ର.): ଦେଶୀ ବନ୍ଧୁକରେ ସ୍ତ୍ରୀକୁ ଗୁଳି କରି ହତ୍ୟା କରିଛି ସ୍ୱାମୀ । ଏପରି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଥାନା ଘୋଷରମାଳ ପଞ୍ଚାୟତ ଲାଣ୍ଡିମାଲ ଗାଁରେ । ମୃତକ ଜଣକ ହେଲେ ଅମ୍ବିକା ମିର୍ଦ୍ଧା ।ପାରିବାରିକ କଳହରୁ ଏହି ହତ୍ୟାକାଣ୍ଡ ଘଟିଥିବାର କଥା ପ୍ରାଥମିକ ତଦନ୍ତରୁ ଜଣାପଡିଛି। ମଦ୍ୟପାନ କରି ଅଭିଯୁକ୍ତ ସ୍ୱାମୀ ଚରଣ ମିର୍ଦ୍ଧା ଏଭଳି କାଣ୍ଡ ଘଟାଇଥିବାର ସୂଚନା ମିଳିଛି । ଗୁଳିମାଡ଼ରେ ସ୍ତ୍ରୀଙ୍କ ବାମ ହାତ ଓ ଛାତିରେ ଗୁଳିବାଜିଛି । ଘଟଣା ପରେ ରେଢ଼ାଖୋଲ ପୋଲିସ ତଦନ୍ତ ଆରମ୍ଭ କରିଛି ।

# ୩୫ ହଜାର ଟଙ୍କା ଲାଞ୍ଚ ନେଇ ଧରାପଡିଲେ ଆର୍‌ଆଇ ଓ ଏଆର୍‌ଆଇ

ଭୁବନେଶ୍ୱର/ପିପିଲି,୭।୯(ନି.ପ୍ର.): ଏକ ଚାଷ ଜମିର ଘରବାରି କିସମ ପରିବର୍ତନ ପାଇଁ ଆବେଦନକାରୀଙ୍କ ଠାରୁ ୩୫ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍‌ସ ଟିମ୍ ହାତରେ ପିପିଲି ତହସିଲ ଅଧୀନ ସିଉଳା ରାଜସ୍ୱ ନିରୀକ୍ଷକ କଲ୍ୟାଣୀ ଜେନା ଓ ସହ ରାଜସ୍ୱ ନିରୀକ୍ଷକ ପୂର୍ଣ୍ଣଚନ୍ଦ୍ର ବେହେରା ରଙ୍ଗେହାତ ଧରାପଡ଼ିଛନ୍ତି।

ଭିଜିଲାନ୍‌ସ ବିଭାଗ ଠାରୁ ମିଳିଥିବା ସୂଚନାନୁସାରେ, ଧଉଳି ଅଞ୍ଚଳର ରଶ୍ମି ରଞ୍ଜନ ପଣ୍ଡା ନିଜ ଚାଷ ଜମିର ଘରବାରି କିସମ ପରିବର୍ତ୍ତନ ପାଇଁ ଅନ୍‌ଲାଇନ୍ ଆବେଦନ କରିଥିଲେ। ନଜର ଆବେଦନର ଅଗ୍ରଗତି ସମ୍ପର୍କରେ ସେ ଉଭୟ ଏଆର୍‌ଆଇ ଓ ଆର୍‌ଆଇଙ୍କୁ ସାକ୍ଷାତ କରିଥିଲେ। ତେବେ



ଏଥିପାଇଁ ସେମାନେ ୩୫ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଏ ସମ୍ପର୍କରେ ଅଭିଯୋଗକାରି ଶ୍ରୀ ପଣ୍ଡା ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ଅଭିଯୋଗ ଭିତ୍ତିରେ ଦୁର୍ନୀତି ନିବାରଣ ଆଇନର ଧାରା ୭ରେ ୨୦/୫-୯-୨୦୨୬ରେ ମାମଲା ରୁଜୁ କରିଥିଲା। ଯୋଜନା ଅନୁସାରେ ଶ୍ରୀ ପଣ୍ଡା ୩୫ ହଜାର ଟଙ୍କା ଦେବାବେଳେ ପୂର୍ବରୁ ସେଠାରେ ଛକି ରହିଥିବା ଭିଜିଲାନ୍ସ ଟିମ ଦୁହିଁଙ୍କୁ କାବୁ କରି ନେଇଥିଲା । ଅନ୍ୟପକ୍ଷରେ ରାଜସ୍ୱ ନିରୀକ୍ଷକ ଶ୍ରୀମତୀ ଜେନାଙ୍କର ବ୍ରହ୍ମକୁମ୍ଭ଼, ଅଚ୍ୟୁତପୁର, ଚନ୍ଦନପୁର, ଭୁବନେଶ୍ୱରର ରସୁଲଗଡ଼ ଘର ଉପରେ ଭିଜିଲାନ୍ସ ଚଢ଼ାଉ ଜାରି ରହିଛି । ଏନେଇ ଭୁବନେଶ୍ୱର ଭିଜିଲାନ୍ସ ପକ୍ଷରୁ ୨୦/୨୬ରେ ୭ପିସି ଆମେଣ୍ଡମେଣ୍ଟ ୨୦୧୮ ଅନୁସାରେ ଏକ ମାମଲା ରୁଜୁ ହୋଇଛି।

# ଗଙ୍ଗୁଆ ପୁନରୁଦ୍ଧାର ପାଇଁ ଖର୍ଚ୍ଚହେବ ୪ହଜାର କୋଟି

ଭୁବନେଶ୍ୱର,୭।୯ : ଗଙ୍ଗୁଆ ନାଳର ପୁନରୁଦ୍ଧାର ପାଇଁ ସରକାର ପ୍ରାୟ ୪ହଜାର କୋଟି ଟଙ୍କା ଖର୍ଚ୍ଚ କରିବେ । ଏଥିପାଇଁ ଯୋଜନା ପ୍ରସ୍ତୁତ ହୋଇଥିବାବେଳେ ଏଥିରେ ଜଳସମ୍ପଦ ବିଭାଗ, ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ, ଜଙ୍ଗଲ ବିଭାଗ ଓ ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ ବିଭାଗ ସାମିଲ ହେବେ ।ରାଜଧାନୀ ମଧ୍ୟ ଦେଇ ବହି ଯାଇଥିବା ଗଙ୍ଗୁଆ ନାଳ ଏବେ ଏକ ପ୍ରକାର ନର୍ଦ୍ଦମା ପାଲଟିଛି । ସହରରେ କେବଳ ମଶାବଂଶ ବୃଦ୍ଧି ନୁହେଁ, ବିଭିନ୍ନ ପ୍ରକାର ରୋଗର ବି ଏହା କାରଣ ପାଲଟିଛି । ସହରର ବିଭିନ୍ନ ସ୍ଥାନରୁ ବାହାରୁଥିବା ବର୍ଜ୍ୟଜଳ, ଆବର୍ଜନା ଆଦି ଏଥିରେ ପଡି ରାଜଧାନୀର ପରିବେଶକୁ ଅତ୍ୟନ୍ତ ପୂତିଗନ୍ଧମୟ କରିଦେଉଛି ।

ଉଲ୍ଲେଖନୀୟ ଯେ ଗଙ୍ଗୁଆ ନାଳର ଉତ୍ପତି ରାଜଧାନୀ ଇଞ୍ଜିନିୟରିଂ କଲେଜ ନିକଟସ୍ଥ ବୁଡ଼ି ନାଳରୁ ବାହାରିଛି । ଏଠାରୁ ପ୍ରାୟ ୧୮ କିଲୋମିଟର ଯାଇ ଏହା ମଞ୍ଚେଶ୍ୱରର ଚକେଇସିଆଣି ଦେଇ ପଳାଶୁଣି ଏବଂ ଟଙ୍କପାଣି ରୋଡ୍ ନିକଟରେ ୧୬ ନମ୍ବର ଜାତୀୟ ରାଜପଥକୁ ଅତିକ୍ରମ କରିଛି । ମୋଟ ୩୩ କିଲୋମିଟର ପଥ ଅତିକ୍ରମ କରିବାପରେ କଣ୍ଟି ନିକଟରେ ଏହା ଦୟା ନଦୀରେ ମିଶିଛି । ବର୍ତ୍ତମାନ ଗଙ୍ଗୁଆର ବିଷାକ୍ତ ଜଳ ଦୟା ବାଟ ଦେଇ ଚିଲିକାରେ ପହଞ୍ଚିବାର ଅଭିଯୋଗ ବି ଆସିବାରେ ଲାଗିଛି ଯାହା ଚିଲିକାର ଜୈବ ବିବିଧତା ପ୍ରତି ବଡ ବିପଦ ହୋଇଛି ।



ତେବେ ଗଙ୍ଗୁଆ ନାଳକୁ ସଫା କରିବାପାଇଁ ଏହାକୁ ବିଭିନ୍ନ ଭାଗରେ ବିଭକ୍ତ ସହିତ ଦୁଇ ପଟରେ ପାଚେରୀ ନିର୍ମାଣ କରାଯିବ । ଏହି କାର୍ଯ୍ୟ ଜଳସମ୍ପଦ ବିଭାଗ କରିବାକୁ ଥିବାବେଳେ ଏଥିପାଇଁ ୧୮୬୨ କୋଟି ଟଙ୍କା ବ୍ୟୟ ହେବ । ସେହିଭଳି ଗଙ୍ଗୁଆ ଅବବାହିକାରେ ପରିବେଶରେ ଉନ୍ନତି ଆଣିବାପାଇଁ ଡ୍ରେନେଜ, ଏସଟିପି, ସଡକ ସହିତ ବୃକ୍ଷରୋପଣ କରାଯିବ । ଏଥିପାଇଁ ୨୧୨୯ କୋଟି ଟଙ୍କାର ବ୍ୟୟବରାଦ ଥିବାବେଳେ ବିଏମସି, ବିଡିଏ, ଜଙ୍ଗଲ ବିଭାଗ ଏବଂ ଗୃହ ଓ ନଗର ଉନ୍ନୟନ ବିଭାଗ ମିଳିତ ଭାବେ ଏହାକୁ କାର୍ଯ୍ୟକାରୀ କରିବାର ପ୍ରସ୍ତାବ ରହିଛି ।ତେବେ ଏହି ପ୍ରକଳ୍ପ କାର୍ଯ୍ୟକାରୀ ପାଇଁ ସବୁକିଛି ନିର୍ଭର କରୁଛି ଆବଶ୍ୟକ ହେଉଥିବା ଜମି ଅଧିଗ୍ରହଣ ଉପରେ । ଜମି ମିଳିବାପରେ ପ୍ୟାକେଜ ୱାରୀ କିମ୍ବା ଏକକ ଇପିସି ଟେଣ୍ଡର ଜାରି କରାଯିବ । ଇତି ମଧ୍ୟରେ ଜଳସମ୍ପଦ ବିଭାଗ ପକ୍ଷରୁ ଏଥିପାଇଁ ହାଇଡ୍ରୋଲିକ୍ ସର୍ଭେ ସହିତ ଅବବାହିକା ଅଞ୍ଚଳରେ ବିସ୍ତୃତ ସର୍ଭେ ସମ୍ପନ୍ନ ହୋଇଛି । ଏହି ସର୍ଭେ ଆଧାରରେ ଡିଜାଇନ୍ ପ୍ରସ୍ତୁତ କରାଯାଇଛି । ଏଥି ସହିତ ବୈଷୟିକ ସମନ୍ୱୟ କମିଟି ଏବଂ ଗଙ୍ଗୁଆ ସମନ୍ୱ କମିଟି ଚୂଡାନ୍ତ ହୋଇସାରିଛି । ୱାଟ୍‌କୋ ପକ୍ଷରୁ ଡିପିଆର ପ୍ରସ୍ତୁତ କରାଯାଇ ସରକାରଙ୍କ ଅନୁମୋଦନ ପାଇଁ ତାହାକୁ ପଠାଯାଇଛି । ମହାନଗର ନିଗମ ପକ୍ଷରୁ ପ୍ରକଳ୍ପର ସରକାରୀ ଅନୁମୋଦନ ପାଇଁ ୱାଟ୍‌କୋ ଓ ଅନ୍ୟାନ୍ୟ କାର୍ଯ୍ୟକାରୀ ସଂସ୍ଥା ସହିତ ସମନ୍ୱୟ ରକ୍ଷା କରାଯାଉଥିବା ସୂଚନା ମିଳିଛି ।

### ଡାହୁକ



ଶ୍ରେଷ୍ଠ ଭାବି ନିଜେ ନିଜକୁ ମଣିଷ
ପ୍ରକୃତି ସହିତ ଖେଳୁଚି
ମାଟିକୁ ଖୋଳୁଚି ପାହାଡ଼ ଭାଙ୍ଗୁଚି
ଜଙ୍ଗଲକୁ ସଫା କରୁଚି
ନିଜକୁ ବୋଲେଇ ମର୍ଦ୍ଦନ ସର୍ଦ୍ଦନ
କଂକ୍ରିଟ ପ୍ରେମରେ ପଡୁଚି
ପ୍ରକୃତି ଟ୍ରେଲର ଛାଡିଚି
ଟ୍ରେଲରକୁ ଦେଖି ଏମିତି ଛାନିଆଁ
ଆଗକୁ ଫିଲିମି ପଡୁଚି
-ବିଧୁ



# ଷ୍ଟାଡିଅମ ପାଖରେ ବାସ୍କେଟବଲ୍ ଫିଲ୍ଡର ଦୁର୍ଦ୍ଦଶା: ଖେଳ ପଡ଼ିଆରେ ମଦ ବୋତଲ, ଚାରିପଟେ ଅଳିଆ

ମାଲକାନଗିରି,୭।୯ :(ମନ୍ଥନ)ଖେଳାଳିଙ୍କ ପାଇଁ ନିର୍ମାଣ ହୋଇଥିବା ବାସ୍କେଟବଲ୍ ଫିଲ୍ଡ ଏବେ ଅବହେଳାର ଶିକାର। ମାଲକାନଗିରି ଜିଲ୍ଲା ଷ୍ଟାଡିଅମ ନିକଟରେ ଥିବା ବସ୍କେଟବଲ୍ ଫିଲ୍ଡର ଅବସ୍ଥା ଏବେ ଦୟନୀୟ ହୋଇପଡ଼ିଛି। ଖେଳ ପାଇଁ ନିର୍ମିତ ଏହି ପଡ଼ିଆ ଏବେ ଅବ୍ୟବହୃତ ହୋଇ ପଡ଼ିଥିବା ବେଳେ ଏହା ଭିତରେ ଓ ଚାରିପଟେ ଅନେକ ପ୍ରକାରର ମଦ ବୋତଲ ଏବଂ ଅଳିଆ ଆବର୍ଜନା ପଡ଼ିରହିଥିବା ଦେଖିବାକୁ ମିଳୁଛି।ଫିଲ୍ଡର ଚାରିପଟେ ଘାସ ମାଡ଼ିଯାଇଥିବା ବେଳେ ନିୟମିତ ସଫେଇ ଅଭାବରୁ ପରିବେଶ ମଧ୍ୟ ଅପରିଷ୍କାର ହୋଇପଡ଼ିଛି। ଏପରିକି ଫିଲ୍ଡରେ ଲାଗିଥିବା ବିଭିନ୍ନ ସାମଗ୍ରୀ ମଧ୍ୟ ନଷ୍ଟ ହେବାକୁ ବସିଲାଣି। ଯେଉଁ ଉଦ୍ଦେଶ୍ୟରେ ଏହି ଖେଳ ପଡ଼ିଆ ନିର୍ମାଣ କରାଯାଇଥିଲା, ତାହା ଏବେ ପ୍ରଶ୍ନବାଚୀ ହୋଇଛି।ସ୍ଥାନୀୟ ଖେଳାଳିଙ୍କ କହିବା ଅନୁଯାୟୀ, ଏହି ଫିଲ୍ଡ ଦୀର୍ଘଦିନ ଧରି କୌଣସି ବିଶେଷ କାର୍ଯ୍ୟରେ ଲାଗୁନାହିଁ। ରକ୍ଷଣାବେକ୍ଷଣ ଓ ସଫେଇ ଅଭାବରୁ ଧୀରେଧୀରେ ଏହା ନଷ୍ଟ ହେବାକୁ ବସିଛି। ଖେଳାଳିଙ୍କ ପାଇଁ ଥିବା



ଏକ ମୂଲ୍ୟବାନ ଭିତ୍ତିଭୂମି ଏଭଳି ଅବହେଳିତ ହୋଇ ପଡ଼ିରହିବା ନେଇ ଅସନ୍ତୋଷ ପ୍ରକାଶ ପାଇଛି।ସବୁଠାରୁ ବଡ଼ ପ୍ରଶ୍ନ ହେଉଛି ଷ୍ଟାଡିଅମକୁ ପ୍ରତିଦିନ ବିଭିନ୍ନ ପ୍ରଶାସନିକ ଅଧିକାରୀ ଓ କର୍ମଚାରୀ ଆସୁଥିବା ସତ୍ତ୍ୱେ ଏହି ଫିଲ୍ଡର ଦୁର୍ଦ୍ଦଶା ଉପରେ କାହାର ନଜର କାହିଁକି ପଡୁନାହିଁ ?।ଖେଳ ପାଇଁ ନିର୍ମିତ ଫିଲ୍ଡ ଯଦି ମଦ ବୋତଲ ଓ ଅଳିଆ ଆବର୍ଜନାରେ ଭିଯିବ, ତେବେ ଏହାର ରକ୍ଷଣାବେକ୍ଷଣ ଦାୟିତ୍ୱ କାହାର ସେନେଇ ମଧ୍ୟ ଉଠିଛି ପ୍ରଶ୍ନ।ଖେଳ ଭିତ୍ତିଭୂମିର ବିକାଶ ନାମରେ ଲକ୍ଷଲକ୍ଷ ଟଙ୍କା ଖର୍ଚ୍ଚ ହେଉଥିବା ବେଳେ ନିର୍ମିତ ଫିଲ୍ଡର ରକ୍ଷଣାବେକ୍ଷଣ ନହେବା ଏକ ଗୁରୁତର ପ୍ରଶାସନିକ ଅବହେଳା ବୋଲି ଅଭିଯୋଗ ହେଉଛି। ତୁରନ୍ତ ଫିଲ୍ଡର ସଫେଇ, ଘାସ କଟା, ନଷ୍ଟ ହୋଇଥିବା ସାମଗ୍ରୀର ମରାମତି ସହ ଏହାକୁ ପୁନର୍ବାର ଖେଳାଳିଙ୍କ ବ୍ୟବହାରଯୋଗ୍ୟ କରିବାକୁ ଦାବି ହୋଇଛି।ଏବେ ଦେଖିବାର କଥା ଅବହେଳିତ ଏହି ବାସ୍କେଟବଲ୍ ଫିଲ୍ଡ ଉପରେ ପ୍ରଶାସନର ନଜର କେବେ ପଡୁଛି ଏବଂ କେବେ ଏହାର ଚିତ୍ର ବଦଳୁଛି।

# ଷଣ୍ଢ ଓ ବୁଲା ଗାଇଗୋରୁଙ୍କ ପାଇଁ ଧାନ ଫସଲ ନଷ୍ଟ

## ସମସ୍ୟାର ସମାଧାନ ପାଇଁ କଂଗ୍ରେସ ପକ୍ଷରୁ ଦାବିପତ୍ର ପ୍ରଦାନ

ପିପିଲି,୭।୯ :(ମନ୍ଥନ)ପିପିଲି ବ୍ଲକର ୨୫ଟି ଗ୍ରାମପଞ୍ଚାୟତ ଓ ପିପିଲି ପୌରାଞ୍ଚଳ ର ଚାଷୀ ଏବଂ ରାଜପଥରେ ଯାତାୟତ କରୁଥିବା ଯାତ୍ରୀ ମାନଙ୍କ ପାଇଁ ଏବେ ବିପଦ ସାଜିଛି ଷଣ୍ଢ ଏବଂ ବୁଲା ଗାଇଗୋରୁ । ପ୍ରତେକ୍ୟ ପଞ୍ଚାୟତ ର ଗ୍ରାମ ମାନଙ୍କରେ ଏବଂ ଜାତୀୟ ରାଜପଥରେ ବୁଲୁଥିବା ଷଣ୍ଢ ଏବଂ ବୁଲା ଗାଇ -ଗୋରୁ ମାନଙ୍କୁ ଗୋ ଶାଳାରେ ରଖାଯାଉ କିମ୍ବା ଅନ୍ୟତ୍ର ଯେ କୌଣସି ସ୍ଥାନରେ ଥଇଥାନ ବ୍ୟବସ୍ଥା କରିବା ପାଇଁ ପିପିଲି ବ୍ଲକ କଂଗ୍ରେସ କମିଟି ର ସଭାପତି ଜିତୁପ୍ରକାଶ ପରିଡା ଙ୍କ ସମେତ ତାଙ୍କ ସମର୍ଥକ ମାନେ ପିପିଲି ତହସିଲଦାର, ପିପିଲି ଥାନା ଅଧିକାରୀ ଏବଂ ପୁରୀ ଜିଲ୍ଲାପାଳଙ୍କ ଉଦେଶ୍ୟରର ଚାରି ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିଛନ୍ତି । ଏହି ଦାବିପତ୍ରରେ ପିପିଲି ଅଞ୍ଚଳର ପଚାଶ ଜଣ ଚାଷୀ ଙ୍କ ସମେତ ବ୍ଲକ କଂଗ୍ରେସ ର ବିଭିନ୍ନ ପଦ ପଦବୀରେ ଥିବା ସଦସ୍ୟ ମାନେ ଦସ୍ତଖତ କରିଛନ୍ତି । ସେମାନେ ଦେଇଥିବା



ଦାବିପତ୍ରରେ ଦର୍ଶାଇଛନ୍ତି ଚଳିତ ବର୍ଷ ରବିଫସଲରେ ମୁଗ ବିରି ସହିତ ଧାନ ତଳି, ରୁଆ ଧାନକୁ ଦଳ ଦଳ ହୋଇ ଷଣ୍ଢ ଓ ବୁଲା ଗାଇ ଗୋରୁ ନଷ୍ଟ କରି ଚାଷୀ ସମ୍ବଳ ନଷ୍ଟ କରିଛନ୍ତି ।ଏହାଦ୍ୱାରା ପିପିଲି ବ୍ଲକର ୨୫ଗୋଟି ପଞ୍ଚାୟତ ଏବଂ ପିପିଲି ପୌରାଞ୍ଚଳ ରେ ଚାଷୀ କୁଳ ଏକ ପ୍ରକାର ହତାଶ ଅବସ୍ଥାରେ ଅଛନ୍ତି । ଷଣ୍ଢ ଏବଂ ବୁଲା ଗାଇ -ଗୋରୁ ଏବେ ଚାଷୀ ଓ କୃଷକ ସମାଜ ପାଇଁ ବିପଦ ସାଜିଛନ୍ତି । ଗୋରୁ ଗାଇ ମାନଙ୍କର ବାସସ୍ଥାନ ତଥା ଖାଦ୍ୟ ବନ୍ଦୋବସ୍ତ ନଥିବାରୁ ସେମାନେ ହିଂସ୍ର ହୋଇ ଚାଷୀ କରିଥିବା ଅସ୍ଥାୟୀ ବାଡ଼ ଭାଙ୍ଗି କ୍ଷେତ ନଷ୍ଟ କରୁଛନ୍ତି । ଖାଲି ଚାଷ ଜମି ନୁହେଁ ବରଂ ଜାତୀୟ ରାଜପଥ ଏକ ରକମ ସେମାନଙ୍କ ରହିବା ପାଇଁ ଗୁହାଳରେ ପରିଣତ ହୋଇଛି । ଜାତୀୟ ରାଜପଥ ରେ ରହିବା ଦ୍ୱାରା ଦ୍ୱାରା ଯାତାୟାତରେ ନାହିଁ ନଥିବା ଅସୁବିଧା ଭୋଗିବାକୁ ପଡୁଛି । ଏହା ଯୋଗୁଁ ବାରମ୍ବାର ଧନ ଜୀବନ ନଷ୍ଟ ହେଉଛି ଏବଂ ରାଜପଥରେ ବାରମ୍ବାର ଦୁର୍ଘଟଣା ଘଟି ବହୁ ଷଣ୍ଢ ବୁଲା ଗୋରୁ ଗାଇ ମାନଙ୍କ ସହିତ ବହୁ ଯାତ୍ରୀ ଙ୍କର ଜୀବନ ହାନି ଘଟୁଛି । ତେଣୁ ବୁଲା ଗୋରୁ ଗାଇ ଏବଂ ଷଣ୍ଢ କୁ ନେଇ ଗୋଶାଳା ହେଉ କିମ୍ବା ଅନ୍ୟତ୍ର କୌଣସି ସ୍ଥାନରେ ଥଇଥାନ ବ୍ୟବସ୍ଥା କରାଯାଉ । ଚାଷୀମାନଙ୍କର ଚାଷବାସର ସୁରକ୍ଷା ନିମିନ୍ତେ ବିଧିବ୍ୟବସ୍ଥା କରାଯିବା ନିମନ୍ତେ ପ୍ରଶାସନ ପକ୍ଷରୁ ଉଚିତ ପଦକ୍ଷେପ ନିଆଯାଉ , ନଚେତ ଆଗାମୀ ଦିନରେ ଜୋରଦାର ଆନ୍ଦୋଳନ କରାଯିବା ପାଇଁ କଂଗ୍ରେସ ପକ୍ଷରୁ ଚେତାବନୀ ଦିଆଯାଇଛି ।

# ପିଏମ୍ ଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଗୁରୁଦିବସ ପାଳିତ

ବଲାଙ୍ଗିର,୭।୯ :(ମନ୍ଥନ)ଗୁରୁ-ଶିଷ୍ୟ ପରମ୍ପରାର ମହନୀୟତା,ଶିକ୍ଷକଙ୍କ ଅବଦାନ ଓ ଶିକ୍ଷାର ମହତ୍ତ୍ୱକୁ ସ୍ମରଣ କରି ପିଏମ୍ ଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଗୁରୁଦିବସ ଉତ୍ସାହ ଓ ଭାବଗମ୍ଭୀର ପରିବେଶରେ ପାଳିତ ହୋଇଯାଇଛି।ଏହି ଅବସରରେ ବିଦ୍ୟାଳୟ ପକ୍ଷରୁ ୮ ଜଣ ଅବସରପ୍ରାପ୍ତ ଶିକ୍ଷକଙ୍କୁ ସମ୍ମାନପୂର୍ବକ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା।ବିଦ୍ୟାଳୟରେ ଆୟୋଜିତ ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆରମ୍ଭ ଗୁରୁବନ୍ଦନାରୁ ହୋଇଥିଲା।ବିଶିଷ୍ଟ ଗୁରୁ ଡ. ସୁରେଶ ବାରିକ ଓ ବିଦ୍ୟାଳୟର ଛାତ୍ରୀମାନଙ୍କ ଦ୍ୱାରା କୀର୍ତ୍ତନ ମାଧ୍ୟମରେ ଗୁରୁମାନଙ୍କ ବନ୍ଦନା ଗାନ କରାଯାଇଥିଲା।ଭକ୍ତି ଓ ଶ୍ରଦ୍ଧାଭରା ଏହି ଗୁରୁବନ୍ଦନା ପରିବେଶକୁ ଆଧ୍ୟାତ୍ମିକ ଓ ଭାବପୂର୍ଣ୍ଣ କରିଦେଇଥିଲା।ଛାତ୍ରୀମାନେ ଗୁରୁଙ୍କ ପ୍ରତି ନିଜର ସମ୍ମାନ ଓ କୃତଜ୍ଞତାକୁ କୀର୍ତ୍ତନ ମାଧ୍ୟମରେ ପ୍ରକାଶ କରିଥିଲେ।କାର୍ଯ୍ୟକ୍ରମରେ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ନୂତନ ନାୟକ ନିଜର ଅଭିଭାଷଣ ପ୍ରଦାନ କରି ଗୁରୁଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ।ସେ କହିଥିଲେ ଯେ,ଶିକ୍ଷକ କେବଳ ପାଠ ପଢ଼ାଇବାରେ ସୀମିତ ନୁହନ୍ତି;ସେମାନେ ଛାତ୍ରଛାତ୍ରୀଙ୍କୁ ଜୀବନର ସଠିକ୍ ଦିଗ ଦେଖାଇବା ସହ ନୈତିକ ମୂଲ୍ୟବୋଧ,ଶୃଙ୍ଖଳା, ଦାୟିତ୍ୱବୋଧ ଓ ମାନବିକତାର ଶିକ୍ଷା ଦେଇଥାନ୍ତି।ଜଣେ ଭଲ ଶିକ୍ଷକଙ୍କ ମାର୍ଗଦର୍ଶନ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଗଠନରେ ଅମୂଲ୍ୟ ଭୂମିକା ଗ୍ରହଣ କରେ ବୋଲି ସେ ମତପ୍ରକାଶ କରିଥିଲେ।ଏହି ଅବସରରେ ବିଦ୍ୟାଳୟର ଛାତ୍ରୀ ସୋନାକ୍ଷୀ ହରପାଳ,ତପସ୍ୱିନୀ ନାଏକ,ମିତ୍ତଲ ରାଣୀ ଠାକୁର,ମୌସୁମୀ ସରଭଙ୍ଗିଆ,ମାନସୀ ରାଣୀ ଦାଶ,ସୁହାନୀ ସୁନା,ଅଙ୍କିତା ନାଏକ,ଶ୍ରୀୟା ସାହୁ,ଶୁଚିସ୍ମିତା ସାହୁ,ଶର୍ମିଷ୍ଠା ଝାଙ୍କର,ଅଙ୍କିତା ସ୍ୱାଇଁ,ଚହକ ବାନୋ,ସଂସ୍କୃତି ସାହୁ,ଶ୍ରୁତି ଶିଖା କୁମ୍ଭାର,ପ୍ରିୟାଂଶି ପ୍ରିୟଦର୍ଶିନୀ ଦାଶ ପ୍ରମୁଖ ଗୁରୁଙ୍କ ଭୂମିକା ଓ ଗୁରୁ-ଶିଷ୍ୟ ସମ୍ପର୍କର ମହତ୍ତ୍ୱ ଉପରେ ବକ୍ତବ୍ୟ ରଖିଥିଲେ।ଛାତ୍ରୀମାନେ କହିଥିଲେ ଯେ,ଜୀବନରେ ମାତାପିତାଙ୍କ ପରେ ଶିକ୍ଷକଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।

# ଆମ ଓଡିଶା ପକ୍ଷରୁ ବାର୍ଷିକ ପ୍ରତିଯୋଗିତା ଅନୁଷ୍ଠିତ

ଖଣ୍ଡପଡା, ୭।୯ :(ମନ୍ଥନ) ଖଣ୍ଡପଡା ସହରାଞ୍ଚଳ ଅଧୀନ ଓଡିଶା ଆଦର୍ଶ ବିଦ୍ୟାଳୟରେ ସମ୍ବାଦ ଓ ଆମ ଓଡିଶା ପକ୍ଷରୁ ବାର୍ଷିକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଜିତେନ୍ଦ୍ର କୁମାର ସାହୁଙ୍କ ସଂଯୋଜନାରେ ଆୟୋଜିତ ପ୍ରତିଯୋଗୀତାରେ ଚିତ୍ରାଙ୍କନ, ହସ୍ତାକ୍ଷରରେ, ଭାଷାଜ୍ଞାନ ପ୍ରବନ୍ଧରେ ବହୁ ଛାତ୍ରଛାତ୍ରୀ ଭାଗନେଇଥିଲେ। ଚିତ୍ରାଙ୍କନରେ ଓମ ସାଇ ଇଣ୍ଟରନ୍ୟାସନାଲ ସ୍କୁଲର ପଞ୍ଚମ ଶ୍ରେଣୀ ଛାତ୍ର ପୂର୍ବାଂଶ ଅରମାନପାଇକରାୟ, ଛାତ୍ରୀ ଆଞ୍ଜେଲ ଅପୂର୍ବା ସିଂଦେଓ, ଚତୁର୍ଥ ଶ୍ରେଣୀ ଛାତ୍ରୀ ଆଦ୍ୟଶା ମହାରଣା ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ ତୃତୀୟ ସ୍ଥାନ ଅଧିକାର ଅଧିକାର କରିଥିଲେ। ଓଡିଆ ହସ୍ତାକ୍ଷର ପରୀକ୍ଷାରେ ଓଡିଶା ଆଦର୍ଶ ବିଦ୍ୟାଳୟର ସପ୍ତମ ଶ୍ରେଣୀ ଛାତ୍ର ଅଂଶୁମାନ ଦାଶ ପ୍ରଥମ,ଚନ୍ଦ୍ରଶେଖର ଆଶ୍ରମ ବିଦ୍ୟାଳୟର ଅଷ୍ଟମ ଶ୍ରେଣୀ ଆଲୋକ ବିବାର ଦ୍ୱିତୀୟ ଏବଂ ଆଦର୍ଶ ବିଦ୍ୟାଳୟ ଷଷ୍ଠ ଶ୍ରେଣୀ ଛାତ୍ରୀ ଇତି ଅର୍ପିତା ବେହେରା ତୃତୀୟ ସ୍ଥାନ ଅଧିକାର କରିଥିବା ସୂଚନା ମିଳିଛି। ଓଡିଆ ଭାଷାଜ୍ଞାନ ପ୍ରବନ୍ଧ ପରୀକ୍ଷାରେ ଓଡିଶା ଆଦର୍ଶ ବିଦ୍ୟାଳୟର ଲକ୍ଷ୍ମୀପ୍ରିୟା ଖଟୁଆ ପ୍ରଥମ,ପିଏମଶ୍ରୀ ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟର ଦଶମ ଶ୍ରେଣୀ ଛାତ୍ର ରିତ୍ୱିକ ପଣ୍ଡା ଦ୍ୱିତୀୟ, ଓଡିଶା ଆଦର୍ଶ ବିଦ୍ୟାଳୟର ଦଶମ ଶ୍ରେଣୀ ଛାତ୍ର ଆଲୋକ କୁମାର ଦାସ ତୃତୀୟ ସ୍ଥାନ ଅଧିକାର ଅଧିକାର କରିଥିବା ସୂଚନା ମିଳିଛି। ଏ ଅବସରରେ ବାର୍ଷିକ ପ୍ରତିଯୋଗିତା ପୁରସ୍କାର ବିତରଣ ସଭାରେ ଅତିଥି ଭାବେ ବିଶିଷ୍ଟ ଚିକିତ୍ସକ ଡା ପ୍ରଦୀପ କୁମାର ପାଇକରାୟ, ଓଏଭି ଖଣ୍ଡପଡାର ବରିଷ୍ଠ ଶିକ୍ଷକ ବିଦ୍ୟାଧର ମହାରଣା ଯୋଗଦେଇ ପରୀକ୍ଷାରେ କୃତିତ୍ୱ ଲାଭ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଛାତ୍ରଛାତ୍ରୀ ମାନେ ଓଡିଆ ଭାଷା ପ୍ରତି ବିମୁଖ ନ ହୋଇ ଏହାକୁ ପଢିବାକୁ ଗୁରୁତ୍ୱ ଦିଅନ୍ତୁ ବୋଲି ମତପ୍ରକାଶ ପାଇଥିଲା। ସେହିପରି ପରୀକ୍ଷା କେନ୍ଦ୍ରରେ ଶିକ୍ଷକ ଚିତ୍ତରଞ୍ଜନ ପଣ୍ଡା, ମନୋଜ କୁମାର ସାହୁ, ଦୁର୍ଗାପ୍ରସାଦ ଆଚାର୍ଯ୍ୟ, ସିଦ୍ଧେଶ୍ୱର ବେହେରା ପ୍ରମୁଖ ନିରିକ୍ଷକ ଓ ପରୀକ୍ଷକ ଦାୟିତ୍ୱ ତୁଲାଇଥିବା ବେଳେ ସାହିତ୍ୟ ଘର ସମ୍ପାଦକ କାଶୀନାଥ ବେହେରା, ଖଣ୍ଡପଡା 'ସମ୍ବାଦ ଓ ଆମ ଓଡିଶା 'ପ୍ରତିନିଧି ଜିତେନ୍ଦ୍ର କୁମାର ସାହୁ, ନଗର କଂଗ୍ରେସ ସଭାପତି ସନ୍ତୋଷ ମହାପାତ୍ର ପ୍ରମୁଖ ପରୀକ୍ଷା ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ। ସେହିପରି ସିଙ୍ଘାପଡା ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ମଧ୍ୟ ଏହି ପରୀକ୍ଷା ଅନୁଷ୍ଠିତ ହୋଇଥିବା ସୂଚନା ମିଳିଛି।



# ଶାଶୁ ଘରୁ ବୋହୂ ନିଖୋଜ, ଶାଶୁ ଘର ପକ୍ଷରୁ ଏ ନେଇ ଯାଜପୁର ଥାନାରେ ଅଭିଯୋଗ

ଯାଜପୁର,୭।୯ :(ମନ୍ଥନ)ବୋହୁ ନିଜ ଶାଶୁ ଘରୁ ନିଖୋଜ ହେବା ଭଳି ଏକ ରୋଚକ ଅଭିଯୋଗ ଯାଜପୁର ଟାଉନଥାନାରେ ହୋଇଛି। ଶାଶୁ ଘର ପକ୍ଷରୁ ଏ ନେଇ ଯାଜପୁର ଥାନାରେ ଅଭିଯୋଗ କରିଛନ୍ତି । ଯାଜପୁର ଟାଉନ୍ ଥାନା ଅନ୍ତର୍ଗତ କୁଞ୍ଜବିହାରୀପୁର ଗ୍ରାମର ମାର୍କଣ୍ଡ କରଙ୍କ ବୋହୂ ରୋଜାଲିନ୍ ଦାଶ ଓରଫ ବର୍ଷା( ୩୧ ) ବିଗତ ୧୩ ବର୍ଷ ହେବ ତାଙ୍କ ପୁତ୍ର ଚନ୍ଦ୍ରକାନ୍ତ କରଙ୍କୁ ଭଲ ପାଇ ବିବାହ କରିଥିଲେ। ତାଙ୍କର ଗୋଟେ ୧୨ ବର୍ଷର ପୁଅ ଅଛି । ବିବାହ ପରଠାରୁ ସେ ତାଙ୍କ ସ୍ୱାମୀ ପାଖରେ ଗୁଜରାଟରେ ରହୁଥିଲେ। ସେମାନଙ୍କ ପୁଅ ବ୍ରତଘର ପାଇଁ ମେ ମାସରେ ଶାଶୁଘରକୁ ଆସିଥିଲେ। ପୁଅ ବ୍ରତଘର ପରେ ସେ ତାଙ୍କ ସ୍ୱାମୀଙ୍କ ସହିତ ଗୁଜରାଟ ନ ଯାଇ ତାଙ୍କ ବାପ ଘରକୁ ବୁଲିବାକୁ ଯାଇଥିଲେ। କିନ୍ତୁ ଗତ ୨୧-୦୮-୨୬ ରିଖରେ ତାଙ୍କ ମା - ଅଞ୍ଜନା ଦାଶ ଏବଂ ଭାଇ - ସୁକାନ୍ତ ଦାଶ ଙ୍କ ସହିତ ଶାଶୁ ଘରକୁ ଆସିଥିଲେ। ସେଦିନ ରାତିରେ ସମସ୍ତେ ଖାଇ ପିଇ ସାରି ମା ଝିଅ ଗୋଟେ ଯାଗାରେ ଶୋଇଲେ। ଭୋର୍ ୫ ଟା ରୁ ବୋହୂ ରୋଜାଲିନ୍ (ବର୍ଷା) ଶାଶୁ ଘରୁ ୫୦ ହଜାର ଟଙ୍କା ଏବଂ ସୁନା ଗହଣା ନେଇ କେଉଁ ଆଡେ ନିଖୋଜ ହୋଇଯାଇଥିବା ଅଭିଯୋଗ ହୋଇଛି। ସକାଳୁ ତାଙ୍କ ମା, ଭାଇ ଏବଂ ଶଶୁର ବୋହୂତ ଖୋଜା ଖୋଜି କରି ନ ପାଇଲା ପରେ ସମସ୍ତେ ଯାଇ ଯାଜପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଲିଖିତ ଅଭିଯୋଗକୁ ଭିତି କରି ପୁଲିସ୍ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। କିନ୍ତୁ ଘଟଣା ଘଟିବାର ୧୪ ଦିନ ବିତି ଯାଇଥିଲେ ସୁଦ୍ଧା ବୋହୂ ର କୌଣସି ସନ୍ଧାନ ନ ପାଇବାରୁ ଶୁକ୍ରବାର ଦିନ ପୁନର୍ବାର ଥାନାର ଦ୍ୱାରସ୍ଥ ହୋଇଛନ୍ତି ଶ୍ୱଶୁର ଘର ଲୋକେ। ପୋଲିସ ସକ୍ରିୟ ହେଲେ ନିଖୋଜ ବୋହୁ ର ସନ୍ଧାନ ମିଳିପାରନ୍ତା ବୋଲି ଶ୍ୱଶୁର ଘର ଲୋକେ ମତ ଦେଇଛନ୍ତି। ଯାଜପୁର ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନଥିବାରୁ ଯାଜପୁର ଏସପିଙ୍କ ଦ୍ୱାରସ୍ଥ ହେବେ ବୋଲି ପରିବାର ଲୋକେ ସୂଚନା ଦେଇଛନ୍ତି। ଯଦି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯାଏ ଆଗାମୀ ଦିନରେ ଥାନା ସମ୍ମୁଖରେ ଧାରଣା ଦେବେ ବୋଲି ପରିବାର ବର୍ଗଙ୍କ ପକ୍ଷରୁ ଚେତାବନୀ ଦିଆଯାଇଛି।

# ପ୍ରଦେଶ କଂଗ୍ରେସ ନୂତନ ଉପ ସଭାପତି ସତ୍ୟବ୍ରତଙ୍କୁ ଅଭିନନ୍ଦନ

ଅସ୍ତରଙ୍ଗ, ୭।୯ :(ମନ୍ଥନ)କାକଟପୁର ନିର୍ବାଚନ ମଣ୍ଡଳୀର ପୂର୍ବତନ ସଂଗଠକ ଓ ବର୍ତ୍ତମାନ ନିମାପଡା ର ପ୍ରିୟ ନେତା ଶ୍ରୀଯୁକ୍ତ ସତ୍ୟବ୍ରତ ପାତ୍ର (ରମୁ ବାବୁ ) ଙ୍କୁ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ର ଉପସଭାପତି ଭାବେ ଦାୟିତ୍ୱ ପ୍ରଦାନ କରିଥିବାରୁ ଅଖିଳ ଭାରତ କଂଗ୍ରେସ କମିଟି ସଭାପତି ଶ୍ରୀ ମଲ୍ଲିକାର୍ଜୁନ ଖଡ୍‌ଗେ, ବିରୋଧୀ ଦଳ ନେତା ଶ୍ରୀ ରାହୁଲ ଗାନ୍ଧୀ ଏବଂ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀ ଭକ୍ତ ଚରଣ ଦାସ ଙ୍କୁ ଅସ୍ତରଙ୍ଗ କଂଗ୍ରେସ ପକ୍ଷରୁ ଜିଲ୍ଲା କଂଗ୍ରେସ ଉପ ସଭାପତି ବିକାଶ କୁମାର ବାରିକ୍ , ଜିଲ୍ଲା ସାଧାରଣ ସମ୍ପାଦକ ତୁଷାର କୁମାର ନାୟକ , ଦୀନବନ୍ଧୁ ବେହେରା ପ୍ରମୁଖ କୃତଜ୍ଞତା ଜଣାଇଛନ୍‌ତି। ପ୍ରିୟ ରମୁ ବାବୁ ଙ୍କୁ ଏହି ନୂତନ ଦାୟିତ୍ୱ ପାଇଁ କାକଟପୁର ଓ ଅସ୍ତରଙ୍ଗ କଂଗ୍ରେସ ପରିବାର ତରଫରୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି ଅପରପକ୍ଷେ ଅସ୍ତରଂଗ ପ୍ରେସ କ୍ଲବର ସଭାପତି ଶରତ କୁମାର ପରିଡ଼ା, ଉପସଭାନେତ୍ରୀ ମମତା ଜେନା, ସାଧାରଣ ସମ୍ପାଦକ ବୃନ୍ଦାବନ ବିଶ୍ୱାଳ, ବରିଷ୍ଠ ସାମ୍ବାଦିକ ଜ୍ୟୋତିଶଙ୍କର ଦାଶ, ପ୍ରଶାନ୍ତ ଜେନା ଓ ପ୍ରିୟବ୍ରତ ମୁଦୁଲି ଏବଂ ସମସ୍ତ ସଦସ୍ୟ, ସଦସ୍ୟା ଶ୍ରୀ ପାତ୍ରଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଛନ୍ତି । ଏହି ନିଯୁକ୍ତି ଆଗାମୀ ଦିନରେ କାକଟପୁର ନିର୍ବାଚନ ମଣ୍ଡଳୀର ସୁପ୍ତ କଂଗ୍ରେସ ଦଳ କୁ ସୁସଂଗଠିତ କରିବା ସହ କ୍ରିୟାଶୀଳ କରିବ ବୋଲି ବହୁ କଂଗ୍ରେସ କର୍ମୀ ଆଶା ପ୍ରକଟ କରିବା ସହ ଅଂଚଳବାସୀ ମଧ୍ୟରେ ଖୁସିରେ ଲହରୀ ଖେଳିଯାଇଛି ।

# ଧାମନଗର ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ ଭାରତୀୟ ଜନତା ପାର୍ଟିର ରାଜ୍ୟ କାର୍ଯ୍ୟ କାରିଣୀ ବୈଠକରେ ସ୍ୱତନ୍ତ୍ର ନିମନ୍ତ୍ରିତ ସଦସ୍ୟ ଭାବରେ ଯୋଗଦାନ

ଧାମନଗର,୭।୯ :(ମନ୍ଥନ)କଟକ ଜବାହରଲାଲ ନେହେରୁ ଷ୍ଟାଡିୟମ ଠାରେ ଭାରତୀୟ ଜନତା ପାର୍ଟିର ସେପ୍ଟେମ୍ବର ୫ଓ ୬ତାରିଖ ଦୁଇଦିନ ଧରି ରାଜ୍ୟ କାର୍ଯ୍ୟ କାରିଣୀ ବୈଠକ ଅନୁଷ୍ଠିତ ହୋଇଛି। ଏହି ବୈଠକରେ ଭଦ୍ରକର ଦୃଢ଼ ସଂଗଠକ , ତୃଣମୂଳ ସ୍ତରରୁ ଜଣେ ବରିଷ୍ଠ ନେତୃତ୍ୱ ଧାମନଗର ର ପୂର୍ବତନ ବିଧାୟକ ଶ୍ରୀଯୁକ୍ତ ମୁକ୍ତିକାନ୍ତ ମଣ୍ଡଳ ସ୍ୱତନ୍ତ୍ର ନିମନ୍ତ୍ରିତ ସଦସ୍ୟ ଭାବେ ଯୋଗ ଦେଇଛନ୍ତି। ପ୍ରକାଶ ଥାଉକି ଶ୍ରୀଯୁକ୍ତ ମୁକ୍ତିକାନ୍ତ ମଣ୍ଡଳଙ୍କ ରାଜନୈତିକ ଦକ୍ଷତା ତ୍ରିସ୍ତରୀୟ ପଞ୍ଚାୟତରାଜ ବ୍ୟବସ୍ଥା ଠାରୁ ଆରମ୍ଭ କରି ବିଧାୟକ, ସାଂସଦ ହେବା ପର୍ଯ୍ୟନ୍ତ ରାଜନୈତିକ ଦକ୍ଷତା ଓ ପାରଙ୍ଗମ ଭଦ୍ରକ ସଂସଦୀୟ କ୍ଷେତ୍ରରେ ୭ଟି ନିର୍ବାଚନ ମଣ୍ଡଳୀରେ ବୁଦ୍ଧିଜୀବ ଓ ଜନସାଧାରଣ ମାନଙ୍କୁ ଭଲଭାବେ ଜଣା। କାରଣ ଶ୍ରୀଯୁକ୍ତ ମୁକ୍ତିକାନ୍ତ ମଣ୍ଡଳ ପଞ୍ଚାୟତର ସରପଞ୍ଚ ଠାରୁ ଆରମ୍ଭ କରି ତିନି ତିନି ଥର ବାସୁଦେବପୁର ପଞ୍ଚାୟତ ସମିତିରେ ଅଧ୍ୟକ୍ଷ, ୨୦୧୪ ମସିହାରେ ୧୩ଦିନ ବ୍ୟବଧାନରେ ଧାମନଗରରେ ବିଧାୟକ ପାର୍ଥିହୋଇ ଜୟ ଯୁକ୍ତ ହେବା ଏବଂ ଧାମନଗର ନିର୍ବାଚନମଣ୍ଡଳୀର ବହୁବିଧ ଉନ୍ନତିମୂଳକ କାର୍ଯ୍ୟ ଯଥା ନଦୀବନ୍ଧ ସୁଦୃଢ଼ୀକରଣ, କୋଚିଲା ବ୍ୟାରେଜ୍, କୋଠାର ଧାମନଗର ବାଇପାସ୍ ରାସ୍ତା, ଜରାନିବାସ, କୋର୍ଟ, ଷ୍ଟାଡିୟମ ନିର୍ମାଣ କ୍ଷେତ୍ରରେ କାର୍ଯ୍ୟ କରିବାରେ ସକ୍ଷମ ହୋଇ ଥିଲେ। ୨୦୧୯ ମସିହାରେ ଭଦ୍ରକର ପ୍ରଥମ ମହିଳା ସାଂସଦ ଭାବେ ନିଜର ଧର୍ମପତ୍ନୀ ଶ୍ରୀମତୀ ମଞ୍ଜୁଲତା ମଣ୍ଡଳଙ୍କୁ ବିଜୁ ଜନତା ଦଳର ପାର୍ଥି କରାଇ ଜନସାଧାରଣଙ୍କର ଅସ୍ଥାଭାଜନ ହୋଇ ନିର୍ବାଚିତ ହୋଇ ସଂସଦୀୟ କ୍ଷେତ୍ରରେ ଜାତୀୟ ରାଜପଥ ରେ ଅନେକ ପୋଲ ନିର୍ମାଣ ରେଳ ଷ୍ଟେସନ ମାନଙ୍କରେ ପୋଲ ନିର୍ମାଣ ଭଳି ବହୁବିଧ ଉନ୍ନତି ମୂଳକ କାର୍ଯ୍ୟ କରି ପାରିଥିଲେ। ପୁନଶ୍ଚ ୨୦୨୪ମସିହାରେ ନିର୍ବାଚନର ମଧ୍ୟ ସାଂସଦ ପ୍ରାର୍ଥିନି ଭାବେ ସକ୍ଷମ ହୋଇ ପାରିଥିଲେ। କିଛିଦିନ ପୂର୍ବେ ? ବିଜୁ ଜନତା ଦଳରେ ତାଙ୍କୁ ଅଣଦେଖା କରିବା, ଏବଂ କୌଣସି କାରଣ ନ ଥାଇ କିଛି କୁଚକ୍ରୀ ଗୋଷ୍ଠୀଙ୍କ ଦ୍ୱାରା ତାଙ୍କୁ ଦଳରୁ ନିଲମ୍ବିତ କରିବା ସମସ୍ତଙ୍କୁ ଚକିତ କରିଥିଲା। ଯାହା ଫଳରେ ଶ୍ରୀଯୁକ୍ତ ମୁକ୍ତିକାନ୍ତ ମଣ୍ଡଳ ଏବଂ ତାଙ୍କର ଧର୍ମ ପତ୍ନୀ ଶ୍ରୀମତୀ ମଞ୍ଜୁଲତା ମଣ୍ଡଳଙ୍କ ସହ ଭଦ୍ରକ ସଂସଦୀୟ କ୍ଷେତ୍ରରେ ଅନେକ ନେତୃମଣ୍ଡଳୀ ବିଜେଡି ଜିଲ୍ଲା ସଭାପତିଙ୍କ ସହିତ ପ୍ରାୟ ଏକହଜାରରୁ ଅଧିକ କର୍ମୀ ବିଜେଡି ଦଳ ଛାଡ଼ି ଭାରତୀୟ ଜନତା ପାର୍ଟିର ନୀତି ଆଦର୍ଶକୁ ଆପଣେଇ ରାଜ୍ୟ ବିଜେପି କାର୍ଯ୍ୟାଳୟରେ ରାଜ୍ୟ ସଭାପତି ଶ୍ରୀଯୁକ୍ତ ମନମୋହନ ସାମଲଙ୍କ ନେତୃତ୍ୱରେ ଭାରତୀୟ ଜନତା ପାର୍ଟିରେ ଯୋଗ ଦେଇଥିଲେ। ଆଜି ଭଦ୍ରକ ଜିଲ୍ଲାର ବିଜୁ ଜନତା ଦଳର ସଂଗଠନ ଦୁର୍ବଳ ହେବାକୁ ଯାଉଛି। ପ୍ରଫୁଲ୍ଲ ସାମଲଙ୍କ ଭଳି ନେତା ଅସୁସ୍ଥ ହେବା ଏବଂ ମୁକ୍ତିକାନ୍ତ ମଣ୍ଡଳଙ୍କ ଭଳି ବରିଷ୍ଠ ନେତା ଆଜି ଆଉ ବିଜୁ ଜନତା ଦଳରେ ନାହାନ୍ତି। ଭଦ୍ରକ ସଂସଦୀୟ କ୍ଷେତ୍ରରେ ଶ୍ରୀଯୁକ୍ତ ମୁକ୍ତିକାନ୍ତ ମଣ୍ଡଳଙ୍କ ସହ ନେତୃତ୍ୱ ଓ କର୍ମୀମାନେ ଭାରତୀୟ ଜନତା ପାର୍ଟିରେ ଯୋଗଦାନ ପରେ ଭଦ୍ରକ ଜିଲ୍ଲାର ଭାରତୀୟ ଜନତା ପାର୍ଟିର ସଂଗଠନ ସୁଦୃଢ ହେବାକୁ ଯାଉଛି। ଆଗାମୀ ନିର୍ବାଚନ ମାନଙ୍କରେ ଭଦ୍ରକ ଜିଲ୍ଲାର ଭାରତୀୟ ଜନତା ପାର୍ଟି ଅପେକ୍ଷାକୃତ ଭଲଫଳ ପ୍ରଦର୍ଶନ କରିବ। ଭଦ୍ରକ ଜିଲ୍ଲାର ଭାରତୀୟ ଜନତା ପାର୍ଟିର ରାଜ୍ୟ କାର୍ଯ୍ୟ କାରିଣୀ ବୈଠକରେ ଶ୍ରୀଯୁକ୍ତ ମୁକ୍ତିକାନ୍ତ ମଣ୍ଡଳଙ୍କୁ ସ୍ୱତନ୍ତ୍ର ସଦସ୍ୟତା ଭାବେ ଗ୍ରହଣ କରିଥିବା ରୁ ବିଭିନ୍ନ ମହଲରୁ ଶ୍ରୀଯୁକ୍ତ ମୁକ୍ତିକାନ୍ତ ମଣ୍ଡଳଙ୍କୁ ସ୍ୱାଗତ ଜଣାଇବା ସହିତ ଶ୍ରୀଯୁକ୍ତ ମୁକ୍ତିକାନ୍ତ ମଣ୍ଡଳ ଭାରତର ପ୍ରଧାନମନ୍ତ୍ରୀ ଶ୍ରୀଯୁକ୍ତ ନରେନ୍ଦ୍ର ମୋଦୀଜୀ, ରାଷ୍ଟ୍ରୀୟ ଅଧ୍ୟକ୍ଷ ଶ୍ରୀ ନୀତିନ ନବୀନ ଏବଂ ରାଜ୍ୟ କାର୍ଯ୍ୟ କାରିଣୀ ବୈଠକରେ ଯୋଗ ଦେଇଥିବା ରାଜ୍ୟ ସଭାପତି ଶ୍ରୀଯୁକ୍ତ ମନମୋହନ ସାମଲ, ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ମୋହନ ଚରଣ ମାଝୀ ରାଜ୍ୟ ପ୍ରଭାରୀ ବିଜୟପାଲ ସିଂ ତୋମାର, ରାଷ୍ଟ୍ରୀୟ ସାଧାରଣ ସଂପାଦକ ସୁନୀଲ ବଂଶଲ୍, ମାନ୍ୟବର ଉପମୁଖ୍ୟମନ୍ତ୍ରୀ, ମାନ୍ୟବର ମନ୍ତ୍ରୀ, ସାଂସଦ,ବିଧାୟକ ଏବଂ ସମସ୍ତ ସଦସ୍ୟ ମାନଙ୍କୁ କୃତଜ୍ଞତା ଓ ଧନ୍ୟବାଦ୍ ଜଣାଇଛନ୍ତି।

## ସୁବ୍ରତ କୁମାର ପଟ୍ଟନାୟକ ହେଲେ ବୁଗୁଡ଼ା ଏନଏସି କଂଗ୍ରେସ ସଭାପତି

ବୁଗୁଡ଼ା,୭।୯ :(ମନ୍ଥନ) ଭାରତୀୟ ଜାତୀୟ କଂଗ୍ରେସ ଦଳର ବୁଗୁଡ଼ା ଏନ୍ଏସି ସଭାପତି ଭାବେ ସୁବ୍ରତ କୁମାର ପଟ୍ଟନାୟକଙ୍କୁ ଦଳର ପ୍ରଦେଶ କଂଗ୍ରେସ କମିଟି ଚୟନ କରିଛନ୍ତି । ପୂର୍ବରୁ ସୁବ୍ରତ କର୍ମନିଷ୍ଠ ସଦସ୍ୟ ଭାବେ ବିଭିନ୍ନ ଦାୟିତ୍ୱ ସୁଚାରୁ ରୂପେ ତୁଲାଇ ଆସୁଥିବା ବେଳେ ତାଙ୍କର କାର୍ଯ୍ୟ ଦକ୍ଷତା ପାଇଁ ନଗର ସଭାପତି ଦାୟିତ୍ୱ ଦିଆ ଯାଇଛି । ପୂର୍ବରୁ ଏହି ପଦବୀରେ ମାନସ ରଞ୍ଜନ ଦାଶ ରହିଥିଲେ ଏବଂ ସେ ଜିଲ୍ଲା ସ୍ତରକୁ ସାଧାରଣ ସମ୍ପାଦକ ଭାବେ ମନୋନୀତ ହୋଇଥିବା ଯୋଗୁଁ ବର୍ତ୍ତମାନ ଆଇନଜୀବୀ ସୁବ୍ରତ କୁମାର ପଟ୍ଟନାୟଙ୍କୁ ଏହି ଦାୟିତ୍ୱ ମିଳିବା ପରେ ବିଭିନ୍ନ ମହଲରେ ଖୁସିର ଲହରୀ ଖେଳି ଯାଇଛି । ଜଣେ ଦକ୍ଷ ଯୁବ ସଂଗଠକ ଭାବେ ସେ ବେଶ ସୁଚାରୁ ରୂପେ ଦାୟିତ୍ୱ ତୁଲାଇବେ ବୋଲି ଦଳ ପକ୍ଷରୁ ଆଶା କରାଯାଇଛି । ନଗର ସଭାପତି ଭାବେ ଚୟନ ହେବା ପରେ ତାଙ୍କ ନିକଟକୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଥିବା ଜଣାଯାଇଛି ।

# ସ୍ୱର୍ଗତ ଦୁଇ ଫୁଟବଲ କିମ୍ବଦନ୍ତିଙ୍କ ସ୍ମାରକୀ ଟୁର୍ଣ୍ଣାମେଣ୍ଟ

କୋରାପୁଟ,୭।୯ :(ମନ୍ଥନ)ଦୁଇ ସ୍ୱର୍ଗତ ଫୁଟବଲ୍ କିମ୍ବଦନ୍ତି ବନ୍ଧୁଙ୍କ ସ୍ମୃତିରେ ସୁନାବେଡ଼ା ଦଶହରା ଫୁଟବଲ୍ ପଡ଼ିଆରେ ଜବାହାର ଜ୍ୟୋତି ସ୍ପୋର୍ଟସ୍ କ୍ଲବ ପକ୍ଷରୁ ଆୟୋଜିତ ତିନିଦିନିଆ ଫୁଟବଲ୍ ଟୁର୍ନାମେଣ୍ଟ ଉତ୍ସାହର ସହ ଶେଷ ହୋଇଛି। ଟୁର୍ନାମେଣ୍ଟରେ ପଞ୍ଚମ କ୍ଲବ ବିଜେତା ହୋଇଥିବା ବେଳେ ଏନ୍‌ବିଏଫ୍‌ସି ଲୁଙ୍ଗୁରି ଦଳ ରନର୍ସଅପ୍ ହୋଇଛି।ବିଜେତା ପଞ୍ଚମ କ୍ଲବକୁ ଟ୍ରଫି ସହ ୨୫ ହଜାର ଟଙ୍କା ଏବଂ ରନର୍ସଅପ୍ ଏନ୍‌ବିଏଫ୍‌ସି ଲୁଙ୍ଗୁରିକୁ ଟ୍ରଫି ସହ ୧୮ ହଜାର ଟଙ୍କା ପୁରସ୍କାର ପ୍ରଦାନ କରାଯାଇଛି। ତୃତୀୟ ସ୍ଥାନରେ ଲକ୍ଷ୍ମୀଙ୍ଗ ଦଳକୁ ଟ୍ରଫି ସହ ୫ ହଜାର ଟଙ୍କା ଏବଂ ଚତୁର୍ଥ ସ୍ଥାନରେ ଥିବା ଚର୍ଚ୍ଚ କଲୋନୀ, ସୁନାବେଡ଼ା ଦଳକୁ ଟ୍ରଫି ସହ ୫ ହଜାର ଟଙ୍କା ପ୍ରଦାନ କରାଯାଇଛି। ଟୂର୍ଣ୍ଣାମେଣ୍ଟରେ ଉତ୍ତମ ଖେଳ ପଦର୍ଶନ କରିଥିବା ବ୍ୟକ୍ତିଙ୍କୁ ପୁରସ୍କାରରେ ପଞ୍ଚମ କ୍ଲବର ସୁଭାଷ ଖରାଙ୍କୁ ବେଷ୍ଟ ଗୋଲକିପର, ଡମ୍ବୁ ରନ୍ଧିଙ୍କୁ ବେଷ୍ଟ ଡିଫେଣ୍ଡର, ପିଙ୍କୁ ତାକ୍ରୀଙ୍କୁ ବେଷ୍ଟ ମିଡ୍‌ଫିଲ୍ଡର ଏବଂ ଆପାଲି ରନ୍ଧିଙ୍କୁ ଟୁର୍ନାମେଣ୍ଟର ବେଷ୍ଟ ପ୍ଲେୟର ଏବଂ ଲୁଙ୍ଗୁରି ଏମ୍‌ଏଫ୍‌ସି ଦଳର ଦୁର୍ଗାଦାସ ଦୁମ୍ବାରୀଙ୍କୁ ବେଷ୍ଟ ଷ୍ଟ୍ରାଇକର ଭାବରେ ସମ୍ମାନିତ କରାଯାଇଛି !ଏହି ଟୁର୍ନାମେଣ୍ଟରେ ସ୍ଥାନୀୟ ଅଞ୍ଚଳର ପ୍ରାୟ ୮୦ଟି ଦଳ ଅଂଶଗ୍ରହଣ କରିଥିଲେ। ମ୍ୟାଚ୍‌ଗୁଡ଼ିକୁ ନିରପେକ୍ଷ ଭାବେ ପରିଚାଳନା ପାଇଁ ନବରଙ୍ଗପୁର ଜିଲ୍ଲାରୁ ୩ ଜଣ ରେଫରିଙ୍କୁ ଅଣାଯାଇଥିଲା।ଜବାହାର ଜ୍ୟୋତି ସ୍ପୋର୍ଟସ୍ କ୍ଲବର ସଭାପତି ପୂର୍ଣ୍ଣଚନ୍ଦ୍ର ମହାନ୍ତି ଓ ସମ୍ପାଦକ ଗଙ୍ଗାଧର ପ୍ରଧାନଙ୍କ ନେତୃତ୍ୱରେ ଆୟୋଜିତ ଏହି ପ୍ରତିଯୋଗିତାରେ ଉପସଭାପତି ରମେଶ ପ୍ରଧାନ, ସୁବାସ ଗନ୍ତାୟତ, ପ୍ରଦୀପ ମହାରଣା, ଦେବାଶିଷ ରାଉତ, ସଞ୍ଜୟ ନାୟକ, କାହ୍ନୁଚରଣ ରାଉତ, ସୁଶାନ୍ତ ଭଞ୍ଜଙ୍କ ସମେତ କ୍ଲବ ସଦସ୍ୟ ଓ ସ୍ଥାନୀୟ ସମର୍ଥକମାନେ ସହଯୋଗ କରିଥିଲେ।ଆୟୋଜକମାନେ କହିଛନ୍ତି, ଏହି ଆୟୋଜନ କେବଳ ଏକ ଫୁଟବଲ୍ ପ୍ରତିଯୋଗିତା ନୁହେଁ, ବରଂ ଦୁଇ ସ୍ୱର୍ଗତ ଫୁଟବଲ୍ କିମ୍ବଦନ୍ତି ବନ୍ଧୁଙ୍କ ସ୍ମୃତିକୁ ଜୀବନ୍ତ ରଖିବା ସହ ଯୁବପିଢ଼ିଙ୍କୁ ଫୁଟବଲ୍ ଖେଳପ୍ରତି ଖେଳାଳୀ ଓ ଦର୍ଶକମାନଙ୍କୁ ଉତ୍ସାହିତ କରିବାର ଏକ ପ୍ରୟାସ। ସୁନାବେଡା ଜବାହାର ଜ୍ୟୋତି ସ୍ପୋର୍ଟ କ୍ଲବର ନେତୃବୃନ୍ଦ ଏହାକୁ ସଫଳ କରିଥିବା ନେଇ ଦୁଇ ପରିବାର ବର୍ଗ ତରଫରୁ ଧନ୍ୟବାଦ ଦିଆଯାଇଥିବା ଜଣା ଯାଇଛି ।

# ଯୁଦ୍ଧକାଳୀନ ଭିତିରେ ଆରମ୍ଭ ହୋଇଛି ଘାଇ ମରାମତି

ଯାଜପୁର,୭।୯ :(ମନ୍ଥନ) ଯୁଦ୍ଧକାଳୀନ ଭିତିରେ ଆରମ୍ଭ ହୋଇଛି ଘାଇ ମରାମତି। ଜଳସମ୍ପଦ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ରତ୍ନାକର ଦଳାଇ ନିଜେ ରେ ଘାଇ ନିକଟରେ ବନ୍ୟା ପାଣିରେ ପଶି ଘାଇ ମରାମତି କାର୍ଯ୍ୟର ସମୀକ୍ଷା କରିଛନ୍ତି। ଏଥି ସହ ନିଜେ ପାଣି ଭିତରେ ବୁଡି ଘାଇ ର ସ୍ଥିତି ଯାଂଚ କରିଥିବା ବେଳେ କେଉଁ ପଦ୍ଧତିରେ ମରାମତି କାର୍ଯ୍ୟ କଲେ ଘାଇ ମରାମତି ସଠିକ ହୋଇ ପାରିବ ସେ ନେଇ ଠିକାଦାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଘାଇ ମରାମତିରେ ୨୦୦ ରୁ ଉର୍ଦ୍ଧ ଶ୍ରମିକ ନିୟୋଜିତ ହେବା ସହ ଅତ୍ୟାଧୁନିକ ମେସିନ ବ୍ୟବହାର କରାଯାଇ ବୈତରଣୀର ବିଭିନ୍ନ ସ୍ଥାନରେ ପାଣିକୁ ଅଟକାଇ ଦୃତ ଗତି ରେ କାର୍ଯ୍ୟ ଆଗେଇ ଚାଲିଛି। ସୂଚନା ଥାଉକି ବୈତରଣୀରେ ପ୍ରଳୟଙ୍କାରୀ ବନ୍ୟା ଫଳରେ ଦଶରଥପୁର ବ୍ଲକ ଦେଇ ପ୍ରବାହିତ ବୈତରଣୀର ଶାଖା କାଣୀ ନଦୀବନ୍ଧର ଡୋଭାବିଲ ପାଟଣାରେ ଗତ ଜୁଲାଇ ୨୯ରେ ସୃଷ୍ଟି ହୋଇଥିଲା ୩୦୦ଫୁଟର ଘାଇ ହୋଇ ବ୍ଲକର ୧୯ ପଂଚାୟତରେ ବ୍ୟାପକ ଅଂଚଳ ବନ୍ୟାଜଳରେ ବୁଡ଼ିଯାଇଥିଲା। ପୂର୍ବରୁ ମରାମତି କାର୍ଯ୍ୟ ଆରମ୍ଭ ହୋଇଥିଲେ ମଧ୍ୟ ବାରମ୍ବାର ବୈତରଣୀରେ ବନ୍ୟାଜଳ ପ୍ରଭାବିତ ହେଉଥିବାରୁ ଘାଇ ମରାମତି କାର୍ଯ୍ୟ ଆଗେଇ ପାରୁ ନଥିଲା। ଫଳରେ ସେଇ ଘାଇ ବାଟ ଦେଇ ବନ୍ୟାଜଳ ପ୍ରବେଶ କରୁଥିବାରୁ ସ୍ଥାନୀୟ ଅଂଚଳରେ ମାସାଧିକ କାଳ ଲୋକେ ଜଳବନ୍ଦୀ ହୋଇ ରହିଥିଲେ। ଏବେ ଜଳସ୍ତର ହ୍ରାସ ପାଇବା ପରେ ଘାଇ ମରାମତି କାର୍ଯ୍ୟ ଦ୍ରୁତ ଗତିରେ ଆଗେଇ ଚାଲିଛି । ଅଧିକ୍ଷଣ ଯନ୍ତ୍ରୀ ରତ୍ନାକର ଦଳାଇ ପାଣି ରେ ପଶି ସ୍ଥିତି ଦେଖିବା ସହିତ ମରାମତି କାର୍ଯ୍ୟର ତଦାରଖ କରିଛନ୍ତି। ବଲା, ବାଲି ବସ୍ତା ପକାଇ ଘାଇ ବନ୍ଦ କରିବାର କାମ ଦୃତ ଗତିରେ କାର୍ଯ୍ୟ ଚାଲୁଛି ।



# ଶ୍ରୀ ସତ୍ୟ ସାଇ ସଂଗଠନ ପକ୍ଷରୁ ଜିଲ୍ଲାସ୍ତରୀୟ ବେଦ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ

ବୁଗୁଡ଼ା, ୭।୯ :(ମନ୍ଥନ)ସ୍ଥାନୀୟ ଶ୍ରୀ ସତ୍ୟ ସାଇ ସେବା ସମିତି ଆନୁକୂଲ୍ୟରେ ଏକ ଜିଲ୍ଲାସ୍ତରୀୟ ବେଦ ପ୍ରଶିକ୍ଷଣ ଶିବିର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲାର ଆସିକା,ବେଲଗୁଣ୍ଠା,ଭଞ୍ଜ ନଗର, ବୁଗୁଡ଼ା ଓ ପୋଲସରା ସେବା ସମିତି ଓ ସମସ୍ତ ଭଜନ ମଣ୍ଡଳୀର ଦ୍ୱିଶତାଧିକ ବେଦପାଠୀ ଅଂଶ ଗ୍ରହଣ କରି ବେଦପାଠ ସମ୍ପର୍କିତ ବହୁ ଜ୍ଞାତବ୍ୟ ସୂତ୍ର ସମ୍ପର୍କରେ ଜ୍ଞାନ ଆହରଣ କରିଥିଲେ । ଏହି ଶିବିରରେ ସମ୍ବଳ ପ୍ରଶିକ୍ଷକ ଭାବେ କାର୍ତ୍ତିକେଶ୍ୱର ପଣ୍ଡା ଓ ସିଦ୍ଧାର୍ଥ ଶଙ୍କର ମଲ୍ଲିକ ଯୋଗ ଦେଇ ବିଭିନ୍ନ ଗାୟନ କୌଶଳ ବତାଇ ଥିଲେ। ସାଇ ଜିଲ୍ଲା ଗଞ୍ଜାମ-୨ର ପୂଜ୍ୟ ସଭାପତି ଦେବାଶିଷ ମିଶ୍ର ଦୀପ ପ୍ରଜ୍ୱଳନ ପୂର୍ବକ ଶିବିରର ଉଦ୍ଘାଟନ କରିଥିବା ବେଳେ ଜିଲ୍ଲା ବେଦ ସଂଯୋଜକ ନାଗରାଜ ଭାଇ ସ୍ୱାଗତ ଭାଷଣ ପ୍ରଦାନ ଏବଂ ଜିଲ୍ଲା ସେବା ସଂଯୋଜକ ଶିବରାମ ନାହାକ ଶିବିରର ସଂଯୋଜନା କରିଥିଲେ। ଜିଲ୍ଲା ସାଇ ସିମ୍ଫୋନି ପକ୍ଷରୁ ବାଳ ବିକାଶ ପିଲାଙ୍କ ଦ୍ୱାରା ଭଜନ ପରିବେଷଣ କରାଯାଇଥିଲା। ପ୍ରାତଃ କାଳରୁ ଓମକାର , ସୁପ୍ରଭାତ , ନଗର ସଂକୀର୍ତ୍ତନ ଏବଂ ପ୍ରଶାନ୍ତି ଧ୍ୱଜା ଉତ୍ତୋଳନ କରାଯାଇଥିଲା । ଏଥିରେ ଜିଲ୍ଲା ଓ ଜିଲ୍ଲା ବାହାରୁ ବହୁ ବୟୋଜ୍ୟେଷ୍ଠ ସାଇ ସେବକ ଯୋଗଦାନ କରିଥିଲେ ।ଶେଷରେ ବୁଗୁଡ଼ା ସମିତି ଆବାହକ ଏମ.ସୂର୍ଯ୍ୟନାରାୟଣ ସୁବୁଦ୍ଧି କୃତଜ୍ଞତା ଜ୍ଞାପନ କରିଥିଲେ।



# ମାଲକାନଗିରି ଜିଲ୍ଲାରେ କ୍ୱାକ ସାଜିଛନ୍ତି ଡାକ୍ତର

ମାଲକାନଗିରି,୭।୯ :(ମନ୍ଥନ)ପ୍ରାକୃତିକ ସମ୍ପଦ ରେ ଭରପୁର ମାଲକାନଗିରି ଜିଲ୍ଲାରେ ଗୁଣାତ୍ମକ ଶିକ୍ଷା ଅଭାବ ହେଉ କିମ୍ବା ଅନ୍ଧ ବିଶ୍ୱାସ ଯୋଗୁଁ ହେଉ ଆଜି ବି ଜିଲ୍ଲାରେ ଯେ କୌଣସି ଚିକିତ୍ସା ପାଇଁ ପ୍ରଥମ ପସନ୍ଦ ହେଉଛି କ୍ୱାକ୍ ଏବଂ ଦିଶାରୀ(ଗୁଣି ଗାରେଡି) । ସ୍ଥାନୀୟ ଜନସାଧାରଣ ଯେ କୌଣସି ରୋଗ ହେଉ ଚିକିତ୍ସା ପାଇଁ ଶିକ୍ଷିତ ଓ ପ୍ରଶିକ୍ଷିତ ଡାକ୍ତର ଅପେକ୍ଷା କ୍ୱାକ୍ ଏବଂ ଦିଶାରି ପାଖକୁ ଯାଉଥିବା ତଥ୍ୟରୁ ଜଣାପଡିଛି ।ଫଳସ୍ୱରୁପ ଜିଲ୍ଲାରେ ଶହ ଶହ ବେଆଇନ କ୍ଲିନିକ୍ ବେଧଡକ ଚାଲିଛି ।ଅପରପକ୍ଷରେ ମ୍ୟାଲେରିଆ, ରକ୍ତହୀନତା, ଝାଡାବାନ୍ତି, ଶିଶୁ ଓ ମାତୃ ମୃତ୍ୟୁହାର ଏବଂ ପୁଷ୍ଟିହିନତାକୁ ନେଇ ସଂଘର୍ଷ କରୁଥିବା ମାଲକାନଗିରି ଜିଲ୍ଲାରେ ସ୍ୱାସ୍ଥ୍ୟ ବ୍ୟବସ୍ଥାରେ ଏକ ବିକଳ ଚିତ୍ର ରିତିମତ ଦେଖିବାକୁ ମିଳିଛି । ସେହିଭଳି ଏନେଇ ଜେନିକ ଡାକ୍ତର ସୂଚନା ପ୍ରଦାନ କରି କହିଛନ୍ତି ଯେ ଜିଲ୍ଲାରେ ଡାକ୍ତରମାନଙ୍କ ରୋଜଗାର ଠାରୁ କ୍ୱାକ୍ ମାନଙ୍କର ରୋଜଗାର ଅଧିକା। ଉପାନ୍ତ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଡାକ୍ତର ଅଭାବରୁ କ୍ୱାକମାନେ ନିଜକୁ ବିଶେଷଜ୍ଞ ଡାକ୍ତର ଭାବେ ପରିଚିତ କରାଇପାରିଛନ୍ତି ଏବଂ ଆସ୍ଥାଭାଜନ ହୋଇପାରିଛନ୍ତି ଫଳରେ ଏକ ବିପଜ୍ଜନକ ପରିସ୍ଥିତି ଜିଲ୍ଲାରେ ବହୁଦିନ ଧରି ସୃଷ୍ଟି ହୋଇଆସିଅଛି ।ଏନେଇ ସ୍ୱାସ୍ଥ୍ୟ ବିଭାଗରେ ଡାକ୍ତର ଏବଂ କର୍ମଚାରୀ ଅଭାବ ଏବଂ ବେଆଇନ କ୍ଲିନିକ୍ ଉପରେ ଅଂକୁଶ ଲାଗୁନଥିବାରୁ ଜିଲ୍ଲାର ସ୍ୱାସ୍ଥ୍ୟ ବ୍ୟବସ୍ଥାର ବିକଳ ଚିତ୍ର ପରିବର୍ତ୍ତନ ହୋଇପାରୁନାହିଁ। ସ୍ୱାସ୍ଥ୍ୟ ବିଭାଗର ସୂଚନା ଅନୁଯାୟି ଜିଲ୍ଲାରେ ୩୮୨ ଡାକ୍ତର ଅନୁମୋଦିତ ହୋଇଥିବା ବେଳେ ମାତ୍ର ୧୪୪ ଜଣ ଡାକ୍ତର କାର୍ଯ୍ୟରତ ଅଛନ୍ତି ଏବଂ ୨୩୮ ଜଣ ଡାକ୍ତର ନାହାନ୍ତି ।ଜିଲ୍ଲାରେ ୮ ଟି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ୩୦ଟି ପ୍ରାଥମିକ ସ୍ୱାସ୍ଥ୍ୟ ଓ ୨୭ ଟି ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ରହିଛି । ଜିଲ୍ଲାରେ ୫୬ ଟି ବିଶେଷଜ୍ଞ ଡାକ୍ତର ପଦବୀ ରୁ ମାତ୍ର ଅଛନ୍ତି ୧୪ ଜଣ ସେହିପରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ୮୯ ଜଣ ଡାକ୍ତର ଙ୍କ ମଧ୍ୟରୁ ଅଛନ୍ତି ୪୩ ଜଣ । ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଗୁଡିକରେ ଠିକ ଭାବେ ଡାକ୍ତର ରହୁ ନଥିବାରୁ ସ୍ଥାନୀୟ ଲୋକ ସ୍ୱାସ୍ଥ୍ୟ ସେବାରୁ ବଞ୍ଚିତ ହେଉଛନ୍ତି ଓଏଭଳି ସ୍ଥିତିରେ ସ୍ଥାନୀୟ ଗରିବ ଅଧିବାସୀ ଡାକ୍ତରଙ୍କ ଅପେକ୍ଷା କ୍ୱାକ୍ ଏବଂ ଦିଶାରିଙ୍କ ଉପରେ ମାତ୍ରାଧିକ ଭରସା କରୁଥିବା ଦେଖିବାକୁ ମିଳିଛି । ଏପରିକି ପ୍ରାଣ ଘାତକ ମ୍ୟାଲେରିଆ ଚିକିତ୍ସା ପାଇଁ କ୍ୱାକ ଏବଂ ଦିଶାରି ଉପରେ ହିଁ ସ୍ଥାନୀୟ ଲୋକ ଭରସା କରି ମୃତ୍ୟୁ ମୁଖରେ ପଡୁଛନ୍ତି । ସରକାରଙ୍କ ମଙ୍ଗଳ ବିଭାଗ ଦ୍ୱାରା ପରିଚାଳିତ ଆବାସିକ ବିଦ୍ୟାଳୟ ମାନଙ୍କରେ ମ୍ୟାଲେରିଆରେ ଆକ୍ରାନ୍ତ ହେଲାପରେ ପରିବାରବର୍ଗ ସେମାନଙ୍କ ପିଲାଙ୍କୁ ହଷ୍ଟେଲରୁ ବାହାର କରି ନିଜ ଘରକୁ ଚିକିତ୍ସା ପାଇଁ ନେଇ କ୍ୱାକ୍ ଏବଂ ଦିଶାରିର ଶରଣରେ ପସିଥାନ୍ତି ।

# କଂଗ୍ରେସର ଏସ୍ଆଇଆର ବିଏଲଏ -୨ ସମ୍ବର୍ଦ୍ଧନା ସଭା

କୁକୁଡାଖଣ୍ଡି, ୭।୯ :(ମନ୍ଥନ)କଂଗ୍ରେସ ପକ୍ଷରୁ ଏସଆଇଆର ବିଏଲଏ-୨ ବୁଥ୍ କୁକୁଡାଖଣ୍ଡି ବ୍ଲକର ୮୫ ପ୍ରତିନିଧିଙ୍କୁ ଉପଢୌକନ ସହ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧନା ପ୍ରଧାନ କରାଯାଇଛି। ବ୍ରହ୍ମପୁର ଉପକଣ୍ଠ ମାଁ ମହୁରୀ କାଳୁଆ ପୀଠରେ ରବିବାର ଦିଗପହଣ୍ଡି ନିର୍ବାଚନ ମଣ୍ଡଳୀ କଂଗ୍ରେସ ବିଧାୟକ ପ୍ରାର୍ଥୀ ଶାକା ସୁଜିତ କୁମାରଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ କଂଗ୍ରେସର ବହୁ ବରିଷ୍ଠ ନେତୃବୃନ୍ଦ ଉପସ୍ଥିତ ଥିବା ବେଳେ ଏସଆଇଆର ବୁଥ୍ ପ୍ରତିନିଧି ମାନଙ୍କୁ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ସାମ୍ବାଦିକ ରବି ରଥ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଫଳତା ଉପରେ ଉଦବେଗ ପ୍ରକାଶ କରାଯାଇଥିଲା। ବିଶେଷ କରି ଏସଆଇଆର ଭୋଟର ତାଲିକାର ସଘନ ସଂଶୋଧନ ବେଳେ ଅନିୟମିତତା ହେଉଥିବା ନେଇ ଅଭିଯୋଗ କରାଯାଇଛି। ସରକାର ବିରୋଧୀ ହଜାର ହଜାର ଲୋକଙ୍କ ନାମ ଭୋଟର ତାଲିକାରୁ ବାଦ୍ ଦିଆଯାଉଥିବା ନେଇ କଂଗ୍ରେସ ଅଭିଯୋଗ କରିଛି। ଏହା ସହ ବିଜେଡି ନେତା ଅଦୃଶ୍ୟ ଥିବା ବେଳେ ସ୍ଥାନୀୟ ନେତା ଙ୍କ ଇଚ୍ଛାଶକ୍ତି ଅଭାବ ରୁ ଦିଗପହଣ୍ଡି ଅଞ୍ଚଳରେ ବିକାଶ ନିମ୍ନ ସ୍ତରରେ ପହଞ୍ଚିଛି ବୋଲି କଂଗ୍ରେସ ନେତା ଏସ. ସୁଜିତ କୁମାର କହିଛନ୍ତି। ନିର୍ବାଚନ ମଣ୍ଡଳୀର ନେତା ଗୀତ ଗାଇ ଲୋକଙ୍କୁ ଭୁଲାଇ ସମୟ ବିତାଉଛନ୍ତି ବୋଲି ସେ କଟାକ୍ଷ କରିଛନ୍ତି। ଆଗାମୀ ପଞ୍ଚାୟତ ଓ ପୌର ନିର୍ବାଚନକୁ ଦୃଷ୍ଟିରେ ରଖି କଂଗ୍ରେସ କିଭଳି ବାଜିମାତ କରିବ ସେ ନେଇ ମଧ୍ୟ ଏହି ବୈଠକରେ ରଣନୀତି ପ୍ରସ୍ତୁତ କରାଯାଇଥିଲା। ଏଥିରେ ମଞ୍ଚାସିନ ଥିବା କଂଗ୍ରେସର ଜିଲ୍ଲା ସାଧାରଣ ସମ୍ପାଦକ ପ୍ରକାଶ ଚନ୍ଦ୍ର ଗୌଡ଼, ବିକ୍ରମ ପଣ୍ଡା, ମହେଶ୍ୱର ପାତ୍ର, ଆର.ଦିନବନ୍ଧୁ, ଶଙ୍କର ଅଧିକାରୀ, କୃଷ୍ଣ ସ୍ୱାଇଁ, ସାଗର ମହାରଣା, ମୃତ୍ୟୁଞ୍ଜୟ ପାତ୍ର, ପ୍ରମୁଖ ମଞ୍ଚାସିନ ଥିବା ବେଳେ ଉତ୍ତମ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ ।ଏହା ସହ ବହୁ ସଂଖ୍ୟା ରେ କଂଗ୍ରେସ କର୍ମୀ ଯୋଗଦେଇଥିଲେ ।

# ଅନୁଗୋଳ ଜିଲ୍ଲା ୬୬୨ ବର୍ଗ ଶିକ୍ଷକ ଓ କର୍ମଚାରୀ ସଂଘର ସାଂଗଠନିକ ବୈଠକ

ଅନୁଗୋଳ,୭।୯ :(ମନ୍ଥନ) ଅନୁଗୋଳ ଜିଲ୍ଲା ୬୬୨ ବର୍ଗ ଶିକ୍ଷକ ଓ କର୍ମଚାରୀ ସଂଘର ସାଂଗଠନିକ ବୈଠକ ଅନୁଗୋଳ ସାନ୍ଧ୍ୟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଜିଲ୍ଲା ସଂଘର ସଭାପତି ପ୍ରଭାତ କୁମାର ସିହ୍ନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଉକ୍ତ ସଭାରେ ରାଜ୍ୟ ସଂଘର ସଭାପତି ଗୋଲକ ନାୟକ, ଉପ ସଭାପତି ଡକ୍ଟର ତପନ ଜେନା, ଯୁକ୍ତ ୩ ସମ୍ପାଦକ ଡକ୍ଟର ଗଗନ ବେଉରା, ଯୁକ୍ତ ୨ ସମ୍ପାଦକ ଡ଼କ୍ଟର ସତ୍ତାପଉଦ୍ଦିନ ଅହମ୍ମଦ ଉପସ୍ଥିତ ରହି ଜିଲ୍ଲା ତଥା ରାଜ୍ୟ ସଂଘକୁ ଶକ୍ତିଶାଳୀ କରି ଆଗାମି ଦିନରେ ସରକାରଙ୍କ ଉପରେ ପେନସନ ତଥା ଚାକିରୀ ସର୍ତ୍ତାବଳୀ ପାଇଁ ଆନ୍ଦୋଳନ କରାଯିବ ବୋଲି କହିଥିଲେ। ଜିଲ୍ଲା ସଂଘର ସମ୍ପାଦକ ନରେନ୍ଦ୍ର ପାଇକରାୟ ଉକ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଉକ୍ତ ସଭାରେ ଜିଲ୍ଲାର ୧୬ ଟି ଯୁକ୍ତ୨ ଓ ଯୁକ୍ତ୩ ର ଅଧକ୍ଷ ଓ କର୍ମଚାରୀ ଯୋଗ ଦେଇଥିଲେ। ରାଜ୍ୟ ୬୬୨ ବର୍ଗ ଡେମନଷ୍ଟ୍ରେଟର ଓ ଲାଇବ୍ରେରୀ ଆନ ସଂଘର ରାଜ୍ୟ ସଭାପତି ପ୍ରଶାନ୍ତ କୁମାର ସାମଲ ଉପସ୍ଥିତ ରହିଥିଲେ ଏବଂ ଆଗାମି ଦିନରେ ଆନ୍ଦୋଳନରେ ସାମିଲ ହେବାପାଇଁ ସମ୍ମତି ପ୍ରଦାନ କରିଥିଲେ। ସଭାରେ ଜିଲ୍ଲା ସଂଯୋଜକ ଇନ୍ଦ୍ରମଣି ସାହୁ,ଉପ ସଭାପତି ପ୍ରବୀଣ କୁମାର ସାହୁ,କୋଷାଧକ୍ଷ ବୈରାଗୀ ଚରଣ ମହାରଣା, ଦିଗାମ୍ବର ବିଶ୍ୱାଳ,ପ୍ରତିମା ବାଘ,ନରେଶ ଚନ୍ଦ୍ର ସାମଲ, ଅରୁଣ କୁମାର ରାଉତ,ଅନୀଲ କୁମାର ମିଶ୍ର,, ପ୍ରଶାନ୍ତ ମାଝୀ, ୬୬୨ ବର୍ଗ (୨୦୧୪ ଜିଓ) ର ଅନୁଗୋଳ ଜିଲ୍ଲା ସଭାପତି ତରୁଣ କୁମାର ପଣ୍ଡା, ଜଗବନ୍ଧୁ ସାହୁ,ଲଲାଟେନ୍ଦୁ ଗଡନାୟକ,ମନୋଜ କୁମାର ସ୍ୱାଇଁ, ଦିଲ୍ଲିପ ବିଶ୍ୱାଳ, ପଦ୍ମ ଚରଣ ସାହୁ, ବଳରାମ ପ୍ରଧାନ, ଯଶୋବନ୍ତ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ସମ୍ପାଦକ ନରେନ୍ଦ୍ର ପାଇକରାୟ ଧନ୍ୟବାଦ ପ୍ରସ୍ତାବ ଦେଇଥିଲେ।



# ପବିତ୍ର ଜନ୍ମାଷ୍ଟମୀ ଉତ୍ସବ ଓ ପ୍ରତିଷ୍ଠା ଦିବସ ପାଳିତ

ମୋରଡ଼ା,୭।୯ :(ମନ୍ଥନ) ମୟୂରଭଞ୍ଜ ଜିଲ୍ଲା ର ଶୁଳିଆପଦା ବ୍ଲକର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ଚନ୍ଦ୍ରିକା କଳା ବିକାଶ କେନ୍ଦ୍ର, ଦେଉଳି ପକ୍ଷରୁ ପବିତ୍ର ଜନ୍ମାଷ୍ଟମୀ ଉତ୍ସବ ଓ ୩୩ତମ ପ୍ରତିଷ୍ଠା ଦିବସ ଅତ୍ୟନ୍ତ ଭକ୍ତି ଓ ଆଡମ୍ବର ସହକାରେ ପାଳନ କରାଯାଇଛି । ଏହି ଅବସରରେ ଅନୁଷ୍ଠାନର କୁନି କୁନି ଛାତ୍ରଛାତ୍ରୀ ମାନେ ଶ୍ରୀକୃଷ୍ଣ ଓ ରାଧା ବେଶରେ ସଜ୍ଜିତ ହୋଇ ମନମୋହକ ନାଚ, ଗୀତ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଗୀତ ସହିତ ପିଲାମାନଙ୍କର ନୃତ୍ୟର ତାଳେ ତାଳେ ସମଗ୍ର ପରିବେଶ ଭକ୍ତିମୟ ହୋଇ ଉଠିଥିଲା ଓ ଉପସ୍ଥିତ ଦର୍ଶକମାନେ ଝୁମି ଉଠିଥିଲେ। ଅନୁଷ୍ଠାନର ପ୍ରତିଷ୍ଠାତା ବିଶିଷ୍ଟ ସମାଜସେବୀ ତଥା ବରିଷ୍ଠ ସାମ୍ବାଦିକ ମନୋଜ କୁମାର ବେହେରା, ପରିଚାଳନା ନିର୍ଦ୍ଦେଶିକା ଚନ୍ଦ୍ରିକା ପୁଥାଳ, ସମସ୍ତ ଗୁରୁଜୀ , ଗୁରୁମା ଓ ଶିକ୍ଷକମାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଉତ୍ସବ ପାଳିତ ହୋଇଥିଲା। ଚାନ୍ଦୁଆ ଥାନା ଅଧିକାରୀ ଲକ୍ଷ୍ମଣ ନାଏକ, ଶୁଳିଆପଦା ଥାନା ଅଧିକାରୀ ସତ୍ୟନାରଣ ବଳ , ମୟୂରଭଞ୍ଜ ଜିଲ୍ଲା ସାମ୍ବାଦିକ ସଂଘ ସଭାପତି ଅରୁଣ କୁମାର ଓଡା, ଶିକ୍ଷାବିତ ଆଦିତ୍ୟପଣ୍ଡା ,ସମାଜସେବୀ ଅରନ୍ତଯ୍ୟାମୀକାନୁନଗୋ, ମଣ୍ଡଳ ସଭାପତି ମନୋଜ ଦାଁ- ଶୁଳିଆପଦା ଯୁକ୍ତ ଦୁଇ ମହାବିଦ୍ୟାଳୟର ଅଧକ୍ଷ ଶୋଭାକର ଆଚାର୍ଯ୍ୟ ବରିଷ୍ଠ ସାମ୍ବାଦିକ ଦୀପକ ନାୟକ , ରଞ୍ଜନ ଦାସ, ଜୟନ୍ତ ଧଡା, ସତ୍ୟ ମହାପାତ୍ର, ସାରଦା ବାରିକ ଓ ସ୍ଥାନୀୟ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ଅଭିଭାବକ ଓ ଛାତ୍ରଛାତ୍ରୀ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ ।



# ଜୟ ଜଗନ୍ନାଥ ସେବା ସଂଘ, ଛେଣ୍ଡିପଦା ମଣ୍ଡଳର ବାର୍ଷିକ ବୈଠକ

ଛେଣ୍ଡିପଦା,୭।୯ :(ମନ୍ଥନ)ଜୟ ଜଗନ୍ନାଥ ସେବା ସଂଘ, ଛେଣ୍ଡିପଦା ମଣ୍ଡଳ ବାର୍ଷିକ ବୈଠକ ଛେଣ୍ଡିପଦା ସ୍ଥିତ ମା ବନ ଦୁର୍ଗା ମଣ୍ଡପ ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ମାଙ୍କ ପୀଠରେ ଯଥାବିଧି ପୂଜାର୍ଚ୍ଚନା କରିବା ସହ ଜୟ ଜଗନ୍ନାଥ ଓ ଜୟ ମା ବନ ଦୁର୍ଗା ଉଚ୍ଚାରଣ କରି ଏକ ଧାର୍ମିକ ଭାବନା ସୃଷ୍ଟି ହୋଇଥିଲା କ୍ଷ ଏହାପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା ।ଉକ୍ତ ବୈଠକରେ ସଂଘର ସଭାପତି ବିପିନ ବିହାରୀ ନାଥ ସଭାପତିତ୍ୱ କରିଥିଲେ ।ସଂଘର ସମ୍ପାଦକ ଅଧାପକ ବୁଦ୍ଧଦେବ ପ୍ରଧାନ ବିଗତ ପୁରୀ ରଥଯାତ୍ରାର ଆୟବ୍ୟୟର ହିସାବ ପ୍ରଦାନ କରିଥିଲେ ଓ ଏହାକୁ ସର୍ବସମ୍ମତି କ୍ରମେ ବୈଠକରେ ଗୃହୀତ ହୋଇଥିଲା । ସଂଘର ବରିଷ୍ଠ ସଦସ୍ୟ ଯଶୋବନ୍ତ ପ୍ରସାଦ ବେହେରା ସଦସ୍ୟ ମାନଙ୍କୁ ବିଗତ ରଥଯାତ୍ରାରେ ସୁରୁଖୁରୁରେ ସେବାକାର୍ଯ୍ୟ ହୋଇଥିବାରୁ ସମସ୍ତଙ୍କୁ ସାଧୁବାଦ ପ୍ରଦାନ ପୂର୍ବକ ସେବାକାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଅନୁରୋଧ କରିଥିଲେ । ସେବାସଂଘର ନୂତନ କର୍ମକର୍ତ୍ତାମାନଙ୍କୁ ସଦସ୍ୟମାନଙ୍କ ଦ୍ୱାରା ମନୋନୀତ କରାଯାଇଛି । ସଭାପତି ଭାବେ ଅବସରପ୍ରାପ୍ତ ଶିକ୍ଷକ ବିପିନ ବିହାରୀ ନାଥ, ଉପସଭାପତି ଭାବେ ଅବସରପ୍ରାପ୍ତ ଅଧାପକ ବିଭୁତି ଭୂଷଣ ମହାପାତ୍ର, ସାଧାରଣ ସମ୍ପାଦକ ଭାବେ ଅଧାପକ ବୁଦ୍ଧଦେବ ପ୍ରଧାନ, ସହ ସମ୍ପାଦକ ଭାବେ ସୁଜିତ କୁମାର ଗଡ଼ନାୟକ ଓ କୋଷାଧକ୍ଷ ଭାବେ ସୁଜିତ କୁମାର ସାହୁଙ୍କୁ ମନୋନୀତ କରାଯାଇଛି । ଏହି ବୈଠକରେ ଆଲୋଚ୍ୟ ପ୍ରସ୍ତାବ ଗୁଡ଼ିକ ସର୍ବସମ୍ମତିକ୍ରମେ ଗୃହୀତ ହୋଇଯାଇଛି । ସେବାସଂଘର ବିକାଶ ଓ ପ୍ରଗତି ନିମିତ୍ତ ନୂତନ କର୍ମକର୍ତ୍ତାମାନେ ସଂକଳ୍ପବଦ୍ଧ ବୋଲି ଅଭିଭାଷଣ ମାଧ୍ୟମରେ କହିଥିଲେ । ଏହାର ପରବର୍ତ୍ତୀ ବୈଠକ ଜରପଡା ଜଗନ୍ନାଥ ମନ୍ଦିର ଠାରେ ଅନୁଷ୍ଠିତ ହେବା ପାଇଁ ନିଷ୍ପତ୍ତି ନିଆଯାଇଛି । ତତ୍ ସହିତ ଯେଉଁ ଗ୍ରାମ ଗୁଡିକ ସହଯୋଗର ହାତ ବଢ଼ାଇ ନାହାନ୍ତି ସେହି ଗ୍ରାମ ଗୁଡିକ ନିକଟକୁ ଯାଇ ଯେପରି ସେବା ସଂଘରେ ମିଶିବେ ସେଥିପାଇଁ ବନ୍ଦୋବସ୍ତ କରିବା ସହ ସମସ୍ତେ ପ୍ରଚେଷ୍ଟା କରିବାକୁ ମତାମତ ଦେଇଛନ୍ତି । ଉକ୍ତ ବୈଠକରେ ରବି ନାରାୟଣ ପ୍ରଧାନ, ରମାକାନ୍ତ ସାହୁ, ରଞ୍ଜନ କୁମାର ମାଝୀ, ଋଷଭ କୁମାର ସାହୁ, ପତିତପାବନ ସାହୁ, ଅଞ୍ଜନ କୁମାର ଦେହୁରୀ, ଯଦୁମଣି ସାହୁ, ସରୋଜ କୁମାର ସାହୁ, ମାନସ ରଞ୍ଜନ ସାହୁ, ସତ୍ୟବାଦୀ ପ୍ରଧାନ, ଲଳିତ ମୋହନ ଗଡ଼ନାୟକ, ମହେଶ୍ୱର ସାହୁ, କାଳିଆ ସାହୁ, କନ୍ହେଇଲାଲ ତୁଳସିଆନ୍, ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ, ପ୍ରକାଶ ସାହୁ, ଲିଙ୍ଗରାଜ ସାହୁ, ହଟକିଶୋର ଷଡ଼ଙ୍ଗୀ, ପ୍ରଶାନ୍ତ କୁମାର ମହାପାତ୍ର, ବିଜୟ କୁମାର ବେହେରା, ସହଦେବ ମାଝୀ, ଚକ୍ରଧର ପ୍ରଧାନ, ମୀନକେତନ ସାହୁ, ଉମାକାନ୍ତ ତ୍ରିପାଠୀ, ପ୍ରମୋଦ କୁମାର ଦେହୁରୀ ପ୍ରମୁଖ ଉପସ୍ଥିତ ଥିଲେ । ବୈଠକ ଶେଷରେ ଉପସ୍ଥିତ ସଦସ୍ୟମାନଙ୍କୁ ସଭ୍ୟ ନାରାୟଣ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଶେଷରେ ସାମୂହିକ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା ।




# ସିଏମ୍ କିଷାନ୍ ଯୋଜନାର ପଞ୍ଚମ କିସ୍ତି ବଣ୍ଟନ ସମାରୋହ ଆୟୋଜିତ

ଅନୁଗୋଳ,୭।୯ :(ମନ୍ଥନ)ମୁଖ୍ୟମନ୍ତ୍ରୀ କିଷାନ୍ ସମ୍ମାନ ନିଧି (ସିଏମ୍ କିଷାନ୍) ଯୋଜନାର ପଞ୍ଚମ କିସ୍ତି ଆଜି ପବିତ୍ର ଜନ୍ମାଷ୍ଟମୀରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ଶିକ୍ଷାସଦନ ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଦାନ କରିଛନ୍ତି। ସ୍ଥାନୀୟ କୃଷି ବିଜ୍ଞାନ କେନ୍ଦ୍ରରେ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ଆଭାସୀ ମାଧ୍ୟମରେ ଆୟୋଜିତ ହୋଇଯାଇଛି। ସିଏମ୍ କିଷାନ୍ ଯୋଜନାରେ କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ ବର୍ଷକୁ ୨ଟି କିସ୍ତିରେ ପ୍ରତିବର୍ଷ ୨୦୦୦ ଟଙ୍କା ହିସାବରେ ମୋଟ ୪୦୦୦ ଟଙ୍କା ପ୍ରଦାନ କରାଯାଉଛି। ସେହିଭଳି ଭୂମିହୀନ ଚାଷୀଙ୍କୁ ୩ଟି କିସ୍ତିରେ ମୋଟ ୧୨ ହଜାର ୫୦୦ ଟଙ୍କା ପ୍ରଦାନ କରାଯାଉଛି। ଏହି କିସ୍ତିରେ ଜିଲ୍ଲାର ୧ ଲକ୍ଷ ୪୮ ହଜାର ୯୨୬ ଜଣ କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ ୨୯ କୋଟି ୭୮ ଲକ୍ଷ ୫୨ ହଜାର ଟଙ୍କା ଏବଂ ୨୦୭ ଜଣ ଭୂମିହୀନ ଚାଷୀଙ୍କୁ ପ୍ରାୟ ୮ ଲକ୍ଷ ୬୨ ହଜାର ୫୦୦ ଟଙ୍କା ପ୍ରଦାନ କରାଯାଇଛି। ଜିଲ୍ଲାରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ମାନ୍ୟବର ପାଲଲହଡ଼ା ବିଧାୟକ ଶ୍ରୀ ଅଶୋକ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥବା ବେଳେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ମାନ୍ୟବର ସମ୍ବଲପୁର ସାଂସଦଙ୍କ ପ୍ରତିନିଧି ଶ୍ରୀ ସୁଦିପ ଗଡ଼ନାୟକ , ମାନ୍ୟବର ଛେଣ୍ଡିପଦା ବିଧାୟକଙ୍କ ପ୍ରତିନିଧି ଶ୍ରୀ ଚୌଧୁରୀ ପ୍ରଧାନ, ମାନ୍ୟବର ତାଳଚେର ବିଧାୟକଙ୍କ ପ୍ରତିନିଧି ଶ୍ରୀ ମୁରଲୀଧର ସାହୁ, କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଡ଼. ଦେବାଶିଷ ମିଶ୍ର, ଜଳ ବିଭାଜିକାର ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ଜୟରାମ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଶ୍ରୀ ଦିବ୍ୟ ଲୋଚନ ପଣ୍ଡା, ଜିଲ୍ଲା କୃଷି ଅଧିକାରୀ ଶ୍ରୀ ବିନୋଦ କୁମାର ଦଳାଇଙ୍କ ସମେତ ଜିଲ୍ଲାର ସମସ୍ତ ବ୍ଲକର କୃଷି ଅଧିକାରୀ, ବିଭାଗୀୟ ଅଧିକାରୀ ଓ କୃଷକ ପ୍ରମୁଖ ଉପସ୍ଥିତ ଥିଲେ। ଆତ୍ମା ଉପ-ପ୍ରକଳ୍ପ ନିର୍ଦ୍ଦେଶିକା ପ୍ରଭାତୀ ରାମ ମଞ୍ଚ ପରିଚାଳନା କରିଥିଲେ।




# ନିରୁପମା ପାତ୍ର ହେଲେ କଂଗ୍ରେସ ଦଳର ରାଜ୍ୟ ସାଧାରଣ ସମ୍ପାଦିକା

ଡେଲାଙ୍ଗ,୭।୯ :(ମନ୍ଥନ) ଡେଲାଙ୍ଗ ବ୍ଲକ ହରିରାଜପୁର ଗ୍ରାମର ନିରୁପମା ପାତ୍ର ଙ୍କୁ କଂଗ୍ରେସ ଦଳର ରାଜ୍ୟ ସାଧାରଣ ସମ୍ପାଦିକା ଦାୟିତ୍ୱ ମିଳିଛି । ସେ ପୂର୍ବରୁ ପୁରୀ ଜିଲ୍ଲା ମହିଳା କଂଗ୍ରେସ ସଭାପତି, ମହିଳା କଂଗ୍ରେସ ସାଧାରଣ ସମ୍ପାଦକ ଭାବେ କାର୍ଯ୍ୟ ସମ୍ପାଦନ କରି ଆସିଛନ୍ତି । ଅଲ ଇଣ୍ଡିଆ କଂଗ୍ରେସ କମିଟି ପକ୍ଷରୁ ତାଙ୍କୁ ଓଡିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ସାଧାରଣ ସମ୍ପାଦିକା ଭାବେ ଦାୟିତ୍ୱ ପ୍ରଦାନ କରାଯାଇଛି। ପିପିଲି ଓ ଡେଲାଙ୍ଗ ବ୍ଲକ ସମେତ ପିପିଲି ଏନଏସି କଂଗ୍ରେସ ଦଳର ପ୍ରତ୍ୟେକ ହକ ପାଇଁ ସବୁ ସମୟରେ ଲଢେଇ ଜାରି ରଖିବେ ବୋଲି କହିଛନ୍ତି । ଏହି ନୂତନ ଦାୟିତ୍ୱ ମିଳିବା ପରେ ଜିଲ୍ଲା ସମେତ ନିର୍ବାଚନ ମଣ୍ଡଳୀର କଂଗ୍ରସ ସମର୍ଥକଙ୍କ ମନରେ ଉତ୍ସାହ ଦେଖା ଦେଇଛି । ସେ ରାଜ୍ୟ ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସ, ରାଜ୍ୟ ପ୍ରଭାରୀ ଲାଲାଜି ଦେଶାଇ ଏବଂ ପିପିଲି ଡେଲାଙ୍ଗ କଂଗ୍ରେସ ନେତା ପ୍ରିୟବ୍ରତ ସାମନ୍ତରାୟ ଙ୍କ ସମେତ ଦଳୀୟ କର୍ମୀମାନଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି ।

# ଗଛକୁ ପିଟିଲା ବାଇକ୍, ଜଣେ ମୃତ ଜଣେ ଗୁରୁତର

ବଳଙ୍ଗା,୭।୯ :(ମନ୍ଥନ)ରବିବାର ମଧ୍ୟାହ୍ନରେ ବଳଙ୍ଗା ଥାନା ବାୟାବର ଛକ ସ୍ଥିତ ଜାଭିୟର ସ୍କୁଲ ସାମ୍ନାରେ ରାସ୍ତା ପାର୍ଶ୍ୱରେ ଥିବା ଏକ ଗଛରେ ଗୋଟିଏ ବାଇକ ପିଟି ହେବାରୁ ବାଇକ୍ ଚାଳକର ମୃତ୍ୟୁ ହୋଇଥିଲା ବେଳେ ଅନ୍ୟ ଜଣେ ଗୁରୁତର ହେଇଛନ୍ତି। ମୃତ ଯୁବକ ଜଣଙ୍କ ହେଲେ ଏହି ଥାନା ଅନ୍ତର୍ଗତ ଚନ୍ଦ୍ରାଦେଇପୁର ଗ୍ରାମର ଚିନ୍ମୟ ବେହେରା ଓ ଗୁରୁତର ଆହତ ହେଲେ ଗୁଡୁ ସେଠୀ ବୋଲି ଜଣା ପଡିଛି। ସୂଚନା ମୁତାବକ ଚିନ୍ମୟ ଓ ଗୁଡୁ ଆଜି ମଧ୍ୟାହ୍ନରେ ଏକ ବାଇକ୍ ଯୋଗେ ଖେଲାରରୁ ଘରକୁ ଫେରୁଥିଲା ବେଳେ ଜାଭିୟର ସ୍କୁଲ ଠାରେ ବାଇକ୍ ଟି ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱରେ ଥିବା ଏକ ଗଛରେ ପିଟି ହୋଇଯାଇଥିଲା। ଫଳରେ ଚିନ୍ମୟର ମୁହଁ ଓ ଗୋଡରେ ଗୁରୁତର ଆଘାତ ଲାଗିଥିଲା ବେଳେ ଗୁଡୁର ଶରୀରରେ ଆଘାତ ଲାଗିଥିଲା। ଦୁର୍ଘଟନା ସମ୍ପର୍କରେ ଖବର ପାଇ ବଳଙ୍ଗା ପୋଲିସ ଘଟଣା ସ୍ଥଳରେ ପହଁଚି ଉଭୟଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ୧୦୮ଆମ୍ବୁଲାନ୍ସ ଯୋଗେ ମଙ୍ଗଳ ପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଥିଲେ। ସେଠାରେ ଡ଼ାକ୍ତର ଉଭୟଙ୍କୁ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରିଥିଲେ । ସେଠାରେ ଡ଼ାକ୍ତର ଚିନ୍ମୟକୁ ମୃତ ଘୋଷଣା କରିଥିଲେ। କ୍ୟାପିଟାଲ ହସ୍ପିଟାଲ ଫାଣ୍ଡି ପୋଲିସ ଶବକୁ ଜବତ କରିଥିଲା ବେଳେ ଆସନ୍ତା କାଲି ବ୍ୟବଚ୍ଛେଦ କରାଯିବ। ଅନ୍ୟପଟେ ବଳଙ୍ଗା ପୋଲିସ ଘଟଣା ସ୍ଥଳରୁ ଦୁର୍ଘଟଣା ଗ୍ରସ୍ତ ବାଇକ୍ କୁ ଜବତ କରି ତଦନ୍ତ ଜାରି ରଖିଛି।

# ବିଦ୍ୟୁତ୍ ଆଘାତରେ ଯୁବକ ମୃତ

ବଳଙ୍ଗା,୭।୯ :(ମନ୍ଥନ)ଶନିବାର ରାତିରେ ବିଦ୍ୟୁତ୍ ଆଘାତରେ ବଳଙ୍ଗା ଥାନା ବାୟାବର୍ ଗ୍ରାମରେ ଜଣେ ଯୁବକର ମୃତ୍ୟୁ ଘଟିଛି । ସେହେଲେ ଗ୍ରାମର କାର୍ତ୍ତିକ ପରିଡ଼ା। ସୂଚନା ମୁତାବକ କାର୍ତ୍ତିକ ଘର ୱାରିଂ କାମ କରୁଥିଲା ବେଳେ ଗତ କାଲି ରାତିରେ ସେ ସେହି ଗ୍ରାମର ଜଣେ ବ୍ୟକ୍ତିଙ୍କ ଛାତ ପଡ଼ିବା ପାଇଁ ପାଇପ ପକାଉଥିଲେ। ଅସାବଧାନ ବଶତ କାର୍ତ୍ତିକ ବିଦ୍ୟୁତ ସଂସ୍ପର୍ଶରେ ଆସି ଗୁରୁତର ହୋଇ ପଡ଼ିଥିଲେ। ତାଙ୍କୁ ତୁରନ୍ତ ଚିକିତ୍ସା ନିମନ୍ତେ ମଙ୍ଗଳ ପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରଯାଇଥିଲା ବେଳେ ସେଠାରେ ଡ଼ାକ୍ତର ମୃତ ଘୋଷଣା କରିଥିଲେ। ଖବର ପାଇ ବଳଙ୍ଗା ପୋଲିସ ମେଡିକାଲରେ ପହଁଚି ଶବକୁ ଜବତ କରି ପୁରୀ ପଠାଇ ତଦନ୍ତ ଜାରି ରଖିଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି।

## ଚର୍ଚ୍ଚାରେ ବୁଗୁଡ଼ା ଏନ୍ଏସିର କାର୍ଯ୍ୟଧାରା

# ସାଙ୍ଘାତିକ ଅନିୟମିତତା ଦର୍ଶାଇ ବୈଠକକୁ ସମସ୍ତ କାଉନସିଲରଙ୍କ ବର୍ଜନ

ବୁଗୁଡା,୭।୯ :(ମନ୍ଥନ) ବୁଗୁଡ଼ାରେ ବିକାଶ ବାଟବଣା ଦୃଶ୍ୟ ଜଳଜଳ ହୋଇ ଦେଖାଯାଉଥିବା ବେଳେ ଆଜି ୧୩ଟି ୱାର୍ଡକୁ ନେଇ ଗଠିତ ଏନ୍ଏସିର ବୈଠକକୁ ଉପାଧକ୍ଷା ଗିତାଞ୍ଜଳୀ ପାଢୀଙ୍କ ସମେତ ସମସ୍ତ କାଉନସିଲର ବର୍ଜନ କରିବା ସହ ଏନ୍ଏସିରେ ହୋଇଥିବା ବ୍ୟାପକ ଅନିୟମିତତା ସମ୍ପର୍କେ ସ୍ୱଷ୍ଟୀକରଣ ଆହ୍ୱାନ ସହ କାର୍ଯ୍ୟନିର୍ବାହୀ ଅଧିକାରୀ ବିଭୁତି ଭୂଷଣ ବେହେରାଙ୍କୁ ଏକ ପ୍ରଶ୍ନମାନସୂଚକ ଦାବିପତ୍ର ଅଧକ୍ଷ ଚିତ୍ରସେନ ପ୍ରଧାନଙ୍କ ଉପସ୍ଥିତିରେ ପ୍ରଦାନ କରାଯାଇଥିବା ଘଟଣା ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି। ଏନଏସି ଅନ୍ତର୍ଗତ ୱାର୍ଡ ନଂ-୮ ବ୍ୟତୀତ ଅନ୍ୟ ୧୨ଟି ୱାର୍ଡର କାଉନସିଲରଙ୍କ ଦସ୍ତଖତ ସମ୍ବଳିତ ସ୍ୱଷ୍ଟୀକରଣ ଆହ୍ୱାନ ଯୋଗ୍ୟ ଦାବିପତ୍ରରେ ନିମ୍ନଲିଖିତ ୧୦ଟି ପ୍ରଶ୍ନ ସ୍ଥାନ ପାଇଥିବା ଜଣାଯାଇଛି। ୧-କେଉଁ କାରଣରୁ ପରିଷଦର ନିୟମିତ ସାଧାରଣ ବୈଠକ ଡକାଯାଉନାହିଁ । ୨-ପରିଷଦଙ୍କ ଅନୁମୋଦିତ ହୋଇ ଆସୁଥିବା ସରକାରୀ ପାଣ୍ଠି ସମ୍ବନ୍ଧରେ ନିର୍ବାଚିତ ସଭ୍ୟ/ସଭ୍ୟାଙ୍କୁ ଅବଗତ କରାଯାଉନଥିବା ପଛରେ କଣ ଉଦ୍ଦେଶ୍ୟ ରହିଛି । ୩-ସରକାରଙ୍କ ତରଫରୁ ଚୟନ ହୋଇଥିବା ଭଉଁ ଏବଂ ଆବାସ ଗୃହ ହିତାଧିକାରୀମାନଙ୍କୁ ଆବଣ୍ଟନ ନକରି ପକାଇ ରଖିବାର ରହସ୍ୟ କଣ ରହିଛି । ୪-ବର୍ତ୍ତମାନ ଏନ୍ଏସି କାର୍ଯ୍ୟାଳୟରେ କେତେ ଜଣ ନିୟମିତ ଏବଂ କେତେ ଜଣ ଆଉଟ୍ ସୋର୍ସିଂ ସଫେଇ କର୍ମଚାରୀ ଅଛନ୍ତି ସେ ସମ୍ବନ୍ଧୀୟ ତଥ୍ୟ କାଉନସିଲରମାନେ ବାରମ୍ବାର ମାଗିବା ସତ୍ତ୍ୱେ କାହିଁକି ପ୍ରଦାନ କରାଯାଉନାହିଁ । ୫-ପରିଷଦର ସମସ୍ତ ଉନ୍ନୟନ ମୂଳକ କାର୍ଯ୍ୟ ସମ୍ବନ୍ଧିତ ଟେଣ୍ଡର ପ୍ରକ୍ରିୟାରେ ସଭ୍ୟ/ସଭ୍ୟାମାନଙ୍କ ବିନା ଅବଗତିରେ ଟେଣ୍ଡର କରିବା ତଥା ଉଦ୍ଦେଶ୍ୟ ମୂଳକ ଭାବରେ କେବଳ ନିର୍ଦ୍ଦିଷ୍ଟ ଦୁଇ ତିନି ଜଣ ବ୍ୟକ୍ତି ବିଶେଷଙ୍କୁ ଟେଣ୍ଡର ପ୍ରକ୍ରିୟାରେ ଅହେତୁକ ସୁଯୋଗ ଦେବା ପଛର କଣ କାରଣ ରହିଛି । ୬-ପରିଷଦ ଦ୍ୱାରା ପରିଚାଳିତ ଆହାର କେନ୍ଦ୍ରର ଦାୟିତ୍ୱରେ ଥିବା ଅଭିଜ୍ଞ ମହିଳା ଗୋଷ୍ଠୀକୁ ନିର୍ଦ୍ଦିଷ୍ଟ କାରଣ ନ ଥାଇ କାର୍ଯ୍ୟରୁ ଅନ୍ତର କରି ନୂତନ ଗୋଷ୍ଠୀକୁ ପରିଚାଳନା ଦାୟିତ୍ୱ ଦିଆଯିବାର ଆବଶ୍ୟକତା କଣ ଥିଲା । ୭-ଏପ୍ରିଲ୍ ମାସ ସୁଦ୍ଧା ପରିଷଦର ସାଧାରଣ ବଜେଟ୍ ପାରିତ ହେବାର ବିଧିବ୍ୟବସ୍ଥା ଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ପ୍ରାରମ୍ଭିକ ପର୍ଯ୍ୟାୟ କାର୍ଯ୍ୟ (ବଜେଟ୍ ଉପସ୍ଥାପନା) ନ ହେବା ପଛର ନିର୍ଦ୍ଦିଷ୍ଟ କାରଣ କଣ ? ୮-ନିକଟ ଅତୀତରେ ହୋଇଥିବା ପରିଷଦ ଅଧିବେଶନରେ ପରିଷଦ ଉପରେ ନ୍ୟସ୍ତ ଥିବା ଅତ୍ୟାବଶ୍ୟକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ନ କରିବା ସହ ନିର୍ବାଚିତ ସଭ୍ୟ/ସଭ୍ୟାଙ୍କ ଅଗୋଚରରେ ଅନ୍ୟାନ୍ୟ କାର୍ଯ୍ୟ ସମ୍ବନ୍ଧରେ ଏକ ତରଫା ନିଷ୍ପତ୍ତି ଗ୍ରହଣ କରିବା ପଛର ଉଦ୍ଦେଶ୍ୟ କଣ । ୯- ଅସମ୍ପୂର୍ଣ୍ଣ ଧର୍ମଶାଳା ମାର୍କେଟ କମ୍ପ୍ଲେକ୍ସର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ନ ହେବା ପଛରେ କଣ ଉଦ୍ଦେଶ୍ୟ ରହିଛି ଏବଂ କେତେ ଦିନ ମଧ୍ୟରେ ଉକ୍ତ କାର୍ଯ୍ୟକୁ ସମ୍ପୂର୍ଣ୍ଣ କରି ମ୍ୟୁନିସପାଲିଟି ଅଧିନିୟମର ବିଧିବ୍ୟବସ୍ଥା ଅନୁଯାୟୀ ଆବଶ୍ୟକୀୟ ହିତାଧିକାରୀଙ୍କୁ ଆବଣ୍ଟନ କରାଯିବ । ୧୦-ପରିଷଦର ନିର୍ବାଚିତ ସଭ୍ୟ/ସଭ୍ୟାମାନଙ୍କୁ ଉପେକ୍ଷା କରି ସମସ୍ତ କାର୍ଯ୍ୟରେ ଅନିୟମିତତା କାହା ପ୍ରରୋଚନାରେ ହେଉଅଛି । ତେବେ କାଉନସିଲରମାନଙ୍କ ଦାବିପତ୍ରକୁ ଗ୍ରହଣ କରି ଯଥାଶୀଘ୍ର ଏହାର ସ୍ୱଷ୍ଟୀକରଣ ପ୍ରଦାନ କରାଯିବ ବୋଲି କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରକାଶ କରିଥିବା ବେଳେ ଏନ୍ଏସିର ଅଦୃଶ୍ୟ କାର୍ଯ୍ୟଧାରାକୁ ସାଧାରଣରେ ବହୁ ସମାଲୋଚନା ହେଉଥିବା ଦେଖିବାକୁ ମିଳିଛି। ଅନ୍ୟପକ୍ଷରେ ନିର୍ବାଚିତ କାଉନସିଲରମାନଙ୍କ ଏଭଳି ବହୁ ବିଳମ୍ବିତ ପଦକ୍ଷେପକୁ ନେଇ ମଧ୍ୟ ସାଧାରଣରେ ଆଲୋଚନା ଜୋର ଧରିଥିବା ଜଣାଯାଇଛି।




# ଡେଲାଙ୍ଗରେ ଯୁବ ଚାଷୀଙ୍କ ମୃତ୍ୟୁ

ଡେଲାଙ୍ଗ,୭।୯ :(ମନ୍ଥନ) ଡେଲାଙ୍ଗ ଥାନା ଅଧୀନ ଓଡ଼ତରାବୋଇ ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଥିବା ଅଭିଯୋଗ ହୋଇଛି । ତେବେ ମିଳିଥିବା ସୂଚନା ମୁତାବକ ଜମିରେ ଧାନ ତଳି ଉପାଡୁଥିବା ବେଳେ ଯୁବ ଚାଷୀ ଜଣକ ମୁହଁ ମାଡି ତଳେ ପାଣିରେ ଟଳିପଡ଼ିଥିଲେ । ପରିବାର ଲୋକ ସେଠାରୁ ତାଙ୍କୁ ଉଦ୍ଧାର କରି ଡେଲାଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଚିକିତ୍ସା ପାଇଁ ନେଇଥିଲେ। ହେଲେ ଡାକ୍ତର ସେଠାରେ ମୃତୁ ହୋଇଥିବା ଘୋଷଣା କରିଥିଲେ। ମୃତକ ହେଲେ ଭାଗିରଥୀ ଜେନା(୩୦) ଓଡ଼ାତରାବୋଇ ଗ୍ରାମ ଅଟେ । ଏନେଇ ତାଙ୍କର ଦାଦା ଚରଣ ଜେନା ଙ୍କ ଲିଖିତ ଅଭିଯୋଗରେ ଡେଲାଙ୍ଗ ଥାନାରେ ଏକ ଅପମୃତୁ ମାମଲା ୧୫/୨୬ରେ ଏକ କେଶ ପୋଲିସ ରୁଜୁ କରିଛି। ଡେଲାଙ୍ଗ ମେଡିକାଲ ରେ ପୋଲିସ ପହଂଚି ମୃତ ଶରୀର କୁ ଜବତ କରି ବ୍ୟବଚ୍ଛେଦ ପାଇଁ ପୁରୀ ପଠାଇ ଘଟଣା ତଦନ୍ତ କରୁଥିବା ନେଇ ତଦନ୍ତକାରି ଏସଆଇ ସୁଧାଂଶୁ ବାରିକ ସୂଚନା ଦେଇଛନ୍ତି।



'ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।
ଦେଶର-ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।

## ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ ।।

ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ୍ୟ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

# ଜଣେ ଦୁଇଜଣଙ୍କ ପାଇଁ : ସଂପର୍କରେ ଥାଇକି ଅନ୍ୟ ସହିତ ଆକର୍ଷଣ

**ପ୍ରଫେସର ଡାକ୍ତର ସମ୍ରାଟ କର**

କଟକର ବର୍ଷାଳିଆ ଆକାଶରେ ଆଉ ତାରା ନଥିଲେ । ଉଇକେଣ୍ଡ ଥିବାରୁ ସେ ଦିନ ମୋର ରୋଜି ଦେଖାନଥିଲା ସୁଧୀର ଅଷ୍ଟ୍ରେଲିଆର ବ୍ରିସବେନ ସହର ସନ୍ଧ୍ୟାକାଳରୁ ସେଠି ରହୁଥିବା ମୋ ବାଲ୍ୟବନ୍ଧୁ ତେଜସର ସାନ ଭାଇ ମୋତେ ଫୋନ କରିଥିଲା । ମୋ ସାଙ୍ଗ ଏକ ବହୁ ରାଷ୍ଟ୍ରୀୟ କମ୍ପାନୀରେ ପଦସ୍ଥ କର୍ମଚାରୀ ଭାବେ ଅବସ୍ଥାପିତ । ମୋର ଯେତେଦୂର ମନେଅଛି ସେ କଲେଜରେ ଭଲ ପାଉଥିବା ପ୍ରିୟଙ୍କା ସହିତ ତାର ବାହାଘର ହୋଇଥିଲା । ପରେ ମନମାଳିନ୍ୟ ଭିତରେ ଦୁଇଜଣଙ୍କ ଜୀବନର ମୋଡ଼ ବଦଳି ଯାଇଥିଲା । ଯେତେଦୂର ମନେଅଛି ସମ୍ପର୍କ ଯୋଡ଼ିବା ପାଇଁ ତା ବନ୍ଧୁବାନ୍ଧବଙ୍କ ସହିତ ଆମେମାନେ ବି ଉଦ୍ୟମ କରିଥିଲୁ । ତେବେ ସାଙ୍ଗର ଜୀବନରେ ଆଉଜଣେ ଆସିଥିଲେ । ସେ ଥିଲେ ଗୌତମୀ । ତେବେ ଏହିପରି ଘରାବାଲୀ, ବାହାରବାଲୀ ପରି ଏକ ପ୍ରକାର ତା ଜୀବନ ଚାଲି ହିଁ ଥିଲା । ତେବେ କଥାର ଘମାସନ ଆରମ୍ଭ ହେଲା ସେଇଠି ଯେଉଁଠି ତା ଜୀବନର ତୃତୀୟ ନାୟିକାଙ୍କ ପ୍ରବେଶ ହୋଇଥିଲା । ସେ ଥିଲେ 'ନୟନତାରା' । ସାଙ୍ଗଟିର ଏପରି ଦୁଃଖଦ ମୁହୂର୍ତ୍ତ ଗୁଡ଼ାକୁ ଉଦାସ ଭାବ ନେଇ ଲମ୍ବା ଛାତ ଉପରେ ବିଞ୍ଚି ହୋଇ ପଡ଼ିଥିଲା । ମନେ ମନେ ଭାବୁଥିଲି ସତରେ ବୈବାହିକ ଜୀବନ ଭିତରେ ମଞ୍ଜି ସବୁ କଣ ଏମିତି ବିଞ୍ଚିହୁଏ ? ଆମ ମାନସିକ ଚିକିତ୍ସା ବିଜ୍ଞାନରେ ସମ୍ପର୍କରେ ଥାଇ ଅନ୍ୟ ପ୍ରତି ଆକର୍ଷିତ ହେବା ବା ଅନ୍ୟ ଜଣଙ୍କ ପ୍ରେମ ଜାଲରେ ପଡ଼ିବା ଏକ ପ୍ରକାର ମାନସିକ ବିକୃତି । ଯାହାର ନାମ ହେଉଛି କୁଶନିଂ । ତେବେ ବଡ଼ ବିଚିତ୍ର କଥା ଆଜିର ତଥାକଥିତ ଜେନଜିଙ୍କର ଏକ ପ୍ରକାର ଟ୍ରେଣ୍ଡ ଚାଲିଛି । ଏସବୁ ଶୁଣି ତା ସାନ ଭାଇକି କହିଲି - ଡେଟିଂର ସଂଜ୍ଞା କେବଳ ପ୍ରେମରେ ପଡ଼ିବା ଓ ବିବାହ କରିବାରେ ସୀମିତ ନାହିଁ । ଆଧୁନିକ ଡେଟିଂରେ ପ୍ରେମ ସହ ଭାବନାତ୍ମକ ସଂଯୋଗ ବିରଳ । ଜେନ ଜିଙ୍କ ପାଇଁ ଡେଟିଂ ପରିଭାଷା ସଂପୂର୍ଣ୍ଣ ଭିନ୍ନ । ଆଜିକାଲି ଡେଟିଂରେ କେବଳ ଦୁଇଜଣ ଯୁକ୍ତ ନୁହଁନ୍ତି ବରଂ ଏହା ଏକା ସାମୂହିକ ପ୍ରକଳ୍ପ ଭଳି । ଜଣ କାନ୍ଧରେ ମୁଣ୍ଡ ରଖି ଆଉ ଜଣଙ୍କ ପାଇଁ କାନ୍ଦିବା ଏହି ଡେଟିଂର ଅଜବ ଟ୍ରେଣ୍ଡ ।

ଜଣଙ୍କ ସହ ସମ୍ପର୍କରେ ଥାଇ ଅନ୍ୟ ଜଣଙ୍କ ପ୍ରତି ଆକର୍ଷିତ ହେବା ଏବେ ସାଧାରଣ । ଏକକାଳୀନ ଜଣେ ବ୍ୟକ୍ତି ଏକାଧିକଙ୍କୁ ଡେଟ କରିବା ଆଉ ନୂଆ ନୁହେଁ । ଜଣଙ୍କ ସହ ସମ୍ପର୍କରେ ଥିବା ସମୟରେ ଅନ୍ୟ ସହ ଫ୍ଲର୍ଟ କରିବା ଏବେ ସାମାନ୍ୟ କଥା । କେତେକ ନିଜ ସାଥୀଙ୍କୁ ଜଣାଇ ଏପରି କରୁଛନ୍ତି । କିନ୍ତୁ ଏହି ଧାରାରେ ଏକ ତଥାକଥିତ ଟକ୍ସିକ ଟ୍ରେଣ୍ଡ ଦେଖିବାକୁ ମିଳୁଛି । ଆଧୁନିକ ପ୍ରଜନ୍ମ ଏହି ଟ୍ରେଣ୍ଡ ନାମ ଦେଇଛନ୍ତି କୁଶନିଂ । କୁଶନିଂରେ କୁଶନ ସାଜନ୍ତି ଜଣେ ତୃତୀୟ ବ୍ୟକ୍ତି । ଉଦାହରଣ ସ୍ୱରୂପ ପରୀକ୍ଷାକୁ ଯିବା ସମୟରେ ପ୍ରାୟ ସମସ୍ତେ ଦୁଇଟି କଲମ ସାଥିରେ ନେଇଥାନ୍ତି । ଗୋଟିଏ ମୁଖ୍ୟ କଲମ ଲେଖିବା ପାଇଁ, ଅନ୍ୟଟି ବ୍ୟାକ ଅପ୍ ଭାବରେ । ଯଦି ମୁଖ୍ୟ କଲମରୁ କାଳି ସରିଯାଏ କିମ୍ବା ମୁଖ୍ୟ କଲମଟି କୌଣସି ପରିସ୍ଥିତିରେ ଖରାପ ହୋଇଯାଏ, ତେବେ ଦ୍ୱିତୀୟ କଲମ କାମରେ ଆସେ । ଠିକ ସେହିଭଳି ହୁଏତ ପ୍ରଜନ୍ମ ଜଣକ ସହ ଗଭୀର ସଂପର୍କରେ ଥାଇ ବି ଅନ୍ୟ ଜଣଙ୍କୁ ବ୍ୟାକ ଅପ ଭାବରେ ରଖିବାକୁ ପସନ୍ଦ କରୁଛନ୍ତି । ଯଦି କୌଣସି ପରିସ୍ଥିତିରେ ଗଭୀର ସଂପର୍କରେ ବ୍ରେକଅପ୍ ହୋଇଯାଏ ତେବେ ଭାବନାତ୍ମକ ସାହାରା ନିମନ୍ତେ ବ୍ୟାକଅପରେ ଥିବା ବ୍ୟକ୍ତି ଜଣକ କାମରେ ଆସିବେ ।

ଯେତେବେଳେ ମୁଖ୍ୟ ସଂପର୍କ ଟିକେ ଫିକା ପଡ଼ି ଆସୁଥିବା ଭଳି ଲାଗେ, ସେତେବେଳେ ହିଁ ନିଜ ପାଇଁ ଏକ କୁଶନ ଖୋଜିବାର ବ୍ୟବସ୍ଥା କରନ୍ତି ଏହି ପ୍ରଜନ୍ମ । କିଛି କଣ ଭାବନାତ୍ମକ ସମର୍ଥନ ପାଇଁ ଏଭଳି ସଂପର୍କର ସାହାରା ନିଅନ୍ତି ଓ କେତେକ ଉଦ୍ଦେଶ୍ୟମୂଳକ ଭାବରେ ଏଭଳି କରିଥାନ୍ତି । ତେବେ ଏହାକୁ ମଧ୍ୟ ଏକ ପ୍ରକାରର ଠକାମି କୁହାଯାଇପାରିବ । ଅନ୍ୟପକ୍ଷରେ ବ୍ୟାକଅପ୍‌ରେ ଥିବା ବ୍ୟକ୍ତି ଜଣଙ୍କୁ କୁଶନ ଭାବରେ ଦେଖାଯାଏ । ଯେପରି ରାଗ ଲାଗିଲେ ଅନେକେ ରାଗିଥିବା ବ୍ୟକ୍ତିଙ୍କ ପରିବର୍ତ୍ତେ ତକିଆକୁ ପିଟି ରାଗ ବାହାର କରିଥାନ୍ତି, କାନ୍ଦ ଲାଗୁଥିଲେ ତକିଆକୁ ସାହାରା ଭାବି କାନ୍ଦିଥାନ୍ତି । ଠିକ ସେହିଭଳି ପ୍ରଥମ ବ୍ୟକ୍ତିଙ୍କ ଠାରୁ ଧୋକା ମିଳିବା ପରେ ବ୍ୟାକଅପରେ ଥିବା ବ୍ୟକ୍ତି ସାହାରା ଦେଇଥାନ୍ତି । କେତେକ କ୍ଷେତ୍ରରେ ଏହି ସଂପର୍କ ଆପୋଷ ବୁଝାମଣାରେ ଗଢ଼ି ଉଠିଥାଏ ତ କେତେବେଳେ ଦ୍ୱିତୀୟ ବ୍ୟକ୍ତି ନିଜ ଅସ୍ତିତ୍ୱକୁ ନେଇ ଦ୍ୱନ୍ଦ୍ୱରେ ଥାନ୍ତି । କିଛି କିଛି କ୍ଷେତ୍ରରେ ତୃତୀୟ ବ୍ୟକ୍ତି ପଞ୍ଚିଂ ବ୍ୟାଗ ପାଲଟିଯାଆନ୍ତି । ପ୍ରଥମ ସଂପର୍କରେ ଥିବା ରାଗ, ଅଭିମାନ, କ୍ରୋଧର ଶିକାର ତୃତୀୟ ବ୍ୟକ୍ତି ଜଣଙ୍କ ହିଁ ହୋଇଥାନ୍ତି । ତେବେ ଆପଣ ଯେଉଁ ସଂପର୍କରେ ଅଛନ୍ତି ସେଥିରେ ଆପଣ ମୁଖ୍ୟ ଚରିତ୍ର ନାଁ କେବଳ ଏକ କୁଶନ ଭାବରେ ବ୍ୟବହୃତ ତାହା ଜାଣିବା ପାଇଁ କେତୋଟି ସରଳ ଉପାୟ ଅବଲମ୍ବନ କରିପାରିବେ । ଆପଣଙ୍କ ସାଥୀ ଯଦି ସବୁବେଳେ ଆପଣଙ୍କୁ ଆବଶ୍ୟକୀୟ ସମୟ ଓ ଧ୍ୟାନ ଦେବା ପରିବର୍ତ୍ତେ, ମଝିରେ ମଝିରେ ଗୁରୁତ୍ୱ ଦେଉଛନ୍ତି ତେବେ ବୁଝିଯାଆନ୍ତୁ ଆପଣଙ୍କୁ ସେ କେବଳ ଜଣେ ସାହାରା ଭାବରେ ବ୍ୟବହାର କରୁଛନ୍ତି । ଯଦି ଆପଣଙ୍କ ସଂପର୍କ ଦୀର୍ଘ ବର୍ଷ ଧରି ଚାଲିଛି, ଆପଣ ବାରମ୍ବାର ଘୋଷ୍ଟିଂ ଭଳି ପରିସ୍ଥିତିର ସାମ୍ନା କରୁଛନ୍ତି ତଥାପି ଆପଣଙ୍କ ସାଥୀ ସଂପର୍କକୁ ନେଇ କୌଣସି ସ୍ୱଷ୍ଟୋକ୍ତି ଦେଉନାହାନ୍ତି ତେବେ ଆପଣ କୁଶନିଂ ଭଳି ବିଷାକ୍ତ ଟ୍ରେଣ୍ଡର ଶିକାର । ତେବେ ଯଦି ଉପରୋକ୍ତ ପରିସ୍ଥିତି ଭିତରୁ ଆପଣ କୌଣସି ଗୋଟିଏର ସମ୍ମୁଖୀନ ହେଉଥିବେ, ତେବେ ବେଳ ଥାଉ ଥାଉ ସେଭଳି ସଂପର୍କରୁ ଦୂରେଇ ଯାଆନ୍ତୁ । ଜୀବନର ଆନନ୍ଦମୟ, ବିଷାଦମୟ ପ୍ରେମର ସବୁଜିମାରେ ବେଳେ ବେଳେ ଝରି ପଡ଼େ ବିଷାଦର ଗ୍ରୀଷ୍ମତାତି । ଅଣନିଃଶ୍ୱାସୀ ହୋଇ ଜଣେ ସାହାରା ଖୋଜିଲା ବେଳକୁ ଜଣେ ଅପରିଚିତ ଭେଟି ହୋଇଯାଏ । ଭାଙ୍ଗି ଯାଇଥିବା ଅସଜଡ଼ା ମନ ହୁଏତ କିଛି ସମୟ ପାଇଁ ଅପରିଚିତ ଚରିତ୍ରଟି ପାଖରେ । ଦେହ ଓ ପ୍ରେମ ଓ ମନ ଏ ସବୁର ପରବର୍ତ୍ତୀ ମୁହୂର୍ତ୍ତକୁ ସାମ୍ନା କଲାବେଳକୁ ପଛରେ ରହିଯାଆନ୍ତି ଆଉ କିଛି ଚରିତ୍ର । ଦିନେ ଯେଉଁମାନଙ୍କୁ ସେ ସାଥୀ ହେବା ପାଇଁ ଜନ୍ମାନ୍ତରପାଇଁ ସୁଖ ଦୁଃଖ ବାଣ୍ଟିବାକୁ । ତେବେ ଏ କ୍ଷେତ୍ରରେ ପୀଡ଼ିତ ପରିବାର ବର୍ଗଙ୍କ ଅନେକ ଗୁରୁଦାୟିତ୍ୱ ରହିଛି । ପୁରୁଷ ପୀଡ଼ିତଙ୍କ କ୍ଷେତ୍ରରେ ତାଙ୍କ ପୂର୍ବତନ ପତ୍ନୀ ବା ପୂର୍ବତନ ପ୍ରେମିକା ତାଙ୍କୁ ନେଇ କୌଣସି କଟାକ୍ଷ କରନ୍ତୁ ନାହିଁ । ବରଂ ତାଙ୍କୁ ଏକ ସକାରାତ୍ମକ ଚିନ୍ତା ଭିତରେ ବ୍ୟସ୍ତ ରଖନ୍ତୁ । ସେ ଯେପରି କୌଣସି ମାଦକ ଦ୍ରବ୍ୟର ସାହାରା ନ ନିଅନ୍ତି ସେ ଦିଗକୁ ଦେଖନ୍ତୁ । ତାଙ୍କୁ ସୁଷମ ଖାଦ୍ୟ, ସବୁଜ ପନିପରିବା ଫଳ, ଏ ସବୁ ତାଙ୍କ ମେନ୍ୟୁରେ ରଖନ୍ତୁ ।

ବର୍ତ୍ତମାନ କିଛି ଦିନ ତଳେ ଲୋକପ୍ରିୟ ହିନ୍ଦୀ ନାୟକ ଅମିର ଖାଁଙ୍କ ତୃତୀୟସ୍ଥ ପ୍ରେମ ବିବାହକୁ ନେଇ ଅନେକ ଚର୍ଚ୍ଚା ଉଠିଥିଲା । ବାସ୍ତବରେ ଆମ ହିନ୍ଦୁ ବୈବାହିକ ବ୍ୟବସ୍ଥାରେ ଏ ସବୁ ଗ୍ରହଣୀୟ ହୋଇନଥାଏ । ଜଣଙ୍କର ଏପରି ଆଚରଣ ମାନସିକ ବିକୃତି ପର୍ଯ୍ୟାୟର । ସବୁଠାରୁ ବଡ଼କଥା ହେଉଛି ଲୋକଟିକୁ ଆଶ୍ୱାସନା ଦିଅନ୍ତୁ ବାରମ୍ବାର ଏପରି ପ୍ରେମର ଆଗପଛ ଖେଳକୁ ନେଇ ପ୍ରୋତ୍ସାହିତ କରନ୍ତୁ ନାହିଁ କିମ୍ବା ତାଙ୍କୁ ବିଷାଦଗ୍ରସ୍ତ ସମୟରେ ଅପମାନିତ କରନ୍ତୁ ନାହିଁ । କାରଣ ଏ କ୍ଷେତ୍ରରେ ପୀଡ଼ିତ ଜଣଙ୍କ ମାନସିକ ଭାରସାମ୍ୟ ହରାଇ ଆତ୍ମହତ୍ୟା କରିଦେବାର ସମ୍ଭାବନା ଥାଏ । ଜୀବନର ଲମ୍ବା ପଥରେ ଅନେକ ଝଡ଼ ଆସିଥାଏ । ତେଣୁ ଝଡ଼କୁ ସାମ୍ନା କରି ନିଶ୍ଚିନ୍ତ ଜୀବନକୁ ଆଗେଇ ନେବା..... । ନିଜ ସଂସାର କି ସୁନ୍ଦର ଯେଉଁଠି ପ୍ରେମ ଅନନ୍ତ ଆନନ୍ଦର ଦିଗନ୍ତ ବିସ୍ତାରୀ ସାଗର ।

ମାନସିକରୋଗ ବିଶେଷଜ୍ଞ, ଦି'ବ୍ରେନ, ପୁରୀଘାଟ ରୋଡ଼, କଟକ,
ଦୂରଭାଷ : ୯୧୩୨୪୩୩୩୩୩

# ଗାଁରୁ ସହର, ଏବେ ଜନତାଙ୍କ ପାଳି

ଗାଁ ଓ ସହରର ରାୟ : ୨୦୨୭ରେ କାହାକୁ ବାଛିବ ଓଡିଶା ? ଓଡିଶାର ଆସନ୍ତା ପଂଚାୟତ ଓ ପୌର ନିର୍ବାଚନ ଏକ ବଡ ପରୀକ୍ଷା ହେବାକୁ ଯାଉଛି । ରାଜ୍ୟରେ ଶାସନର ଦାୟିତ୍ୱ ଭାରତୀୟ ଜନତା ପାର୍ଟି ହାତରେ ଥିବାବେଳେ ତୃଣମୂଳ ସ୍ତରରେ ବିଜୁ ଜନତା ଦଳର ଦୀର୍ଘଦିନର ସଂଗଠନ ଏବେ ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଶକ୍ତି । ଅନ୍ୟପଟେ କଂଗ୍ରେସ ମଧ୍ୟ ନିଜର ହରାଇଥିବା ଭିତିକୁ ପୁନଃ ସୁଦୃଢ କରିବାର ଚେଷ୍ଟାରେ ରହିଛି । ତେଣୁ ଏହି ନିର୍ବାଚନ କେବଳ ତିନି ଦଳର ଆସନ ଲଢେଇ ନୁହେଁ, ଏହା ହେବ ଜନତାଙ୍କ ମନରେ ଚାଲିଥିବା ମୂଲ୍ୟାୟନର ଏକ ବଡ ପରୀକ୍ଷା । ବିଧାନସଭା ନିର୍ବାଚନରେ ଯେଉଁ ରାଜନୈତିକ ପରିବର୍ତନ ଘଟିଲା, ତାହା ସ୍ଥାନୀୟ ନିର୍ବାଚନରେ ସେହି ରୂପରେ ପୁନରାବୃତି କି ନାହିଁ, ଏହି ପ୍ରଶ୍ନ ଏବେଠାରୁ ଚର୍ଚ୍ଚାରେ । କାରଣ ପଂଚାୟତ ଓ ପୌର ନିର୍ବାଚନରେ ରାଜନୀତି ସାଧାରଣତଃ ବଡ ରାଜନୈତିକ ନାରାଠାରୁ ଅଧିକ ସ୍ଥାନୀୟ ଅନୁଭବ ଉପରେ ନିର୍ଭର କରେ । ଗାଁରେ ରାସ୍ତା କେମିତି, ପିଇବା ପାଣି ମିଳୁଛି କି ନାହିଁ, ଚାଷୀଙ୍କ ସମସ୍ୟା କେତେଦୂର ସମାଧାନ ହୋଇଛି, ବିଦ୍ୟାଳୟର ଅବସ୍ଥା କେମିତି, ସ୍ୱାସ୍ଥ୍ୟକେନ୍ଦ୍ରରେ ସେବା ମିଳୁଛି କି ନାହିଁ, ଯୁବକଙ୍କ ପାଇଁ କାମର ସୁଯୋଗ କେତେ ରହିଛି - ଏସବୁ ପ୍ରଶ୍ନ ମତଦାତାଙ୍କ ନିଷ୍ପତିରେ ବଡ ଭୂମିକା ନେବ । ଭାରତୀୟ ଜନତା ପାର୍ଟି ପାଇଁ ଏହି ନିର୍ବାଚନ ଶାସନର ପ୍ରଭାବକୁ ତୃଣମୂଳ ସ୍ତରରେ ପ୍ରମାଣ କରିବାର ସୁଯୋଗ । ରାଜ୍ୟ ସରକାରଙ୍କ ଯୋଜନା ଓ ପ୍ରଶାସନିକ ପଦକ୍ଷେପ ଲୋକଙ୍କ ଘରଦୁଆରେ କେତେଦୂର ପହଂଚିଛି, ତାହାର ମୂଲ୍ୟାୟନ ହେବ । କେବଳ ଯୋଜନା ଘୋଷଣା କଲେ ହେବ ନାହିଁ, ଲୋକଙ୍କ ଜୀବନରେ ପରିବର୍ତନ ଆସିଲା କି ନାହିଁ, ସେହି ପ୍ରଶ୍ନ ଅଧିକ ଗୁରୁତ୍ୱ ପାଇବ । ଶାସକ ଦଳ ପାଇଁ ଆଉ ଏକ ବଡ ଚ୍ୟାଲେଞ୍ଜ ହେବ ନୂଆ ସଂଗଠନକୁ ଗାଁ ଓ ସହରର ପ୍ରତ୍ୟେକ ସ୍ତରରେ କେତେଦୂର ସୁଦୃଢ କରିପାରିଛି । ବିଜୁ ଜନତା ଦଳ ପାଇଁ ଏହା ହେବ ଶାସନ ହରାଇବା ପରେ ତୃଣମୂଳ ଭିତିର ପ୍ରକୃତ ପରୀକ୍ଷା । ଦୀର୍ଘ ସମୟ ଧରି ଗ୍ରାମାଚଂଳ ଓ ସହରାଚଂଳରେ ଗଢିଉଠିଥିବା ସଂଗଠନ, ସ୍ଥାନୀୟ ନେତାଙ୍କ ସମ୍ପର୍କ ଓ ପୁରୁଣା ଭୋଟଭିତିକୁ ଦଳ କେତେଦୂର ରକ୍ଷା କରିପାରିବ, ତାହା ଉପରେ ଅନେକ କିଛି ନିର୍ଭର କରିବ । କିନ୍ତୁ ପୁରୁଣା ସଂଗଠନ ଥିବା ମାତ୍ରରେ ବିଜୟ ନିଶ୍ଚିତ ନୁହେଁ । ବିରୋଧୀ ଦଳ ଭାବେ ଲୋକଙ୍କ ମଧ୍ୟରେ ନିଜର ନୂଆ ଭୂମିକା କିପରି ତିଆରି କରୁଛି, ସ୍ଥାନୀୟ ସମସ୍ୟାର କେତେଦୂର ଲୋକଙ୍କ ସହିତ ରହୁଛି ଏବଂ ନୂଆ ପିଢିକୁ କେତେଦୂର ନିଜ ସହିତ ଯୋଡିପାରୁଛି, ସେଥିରେ ମଧ୍ୟଦଳର ଭବିଷ୍ୟତ ନିର୍ଭର କରିବ । କଂଗ୍ରେସ ପାଇଁ ଏହି ନିର୍ବାଚନ ଆଉ ଏକ ସୁଯୋଗ ଓ ପରୀକ୍ଷା ଉଭୟ । ରାଜ୍ୟର ଦୁଇ ପ୍ରମୁଖ ଶକ୍ତି ମଧ୍ୟରେ ନିଜର ସ୍ଥାନ ପୁନଃ ଗଢିବାକୁ ହେଲେ କେବଳ ରାଜ୍ୟସ୍ତରୀୟ ନାରା ଯଥେଷ୍ଟ ହେବ ନାହିଁ । ଦୃଢ ସ୍ଥାନୀୟ ପ୍ରାର୍ଥୀ, ସକ୍ରିୟ କର୍ମୀ, ନିୟମିତ ଜନସମ୍ପର୍କ ଓ ସ୍ଥାନୀୟ ସମସ୍ୟା ଉପରେ ସ୍ପଷ୍ଟ ଆଭିମୁଖ୍ୟ କଂଗ୍ରେସକୁ ନିଜର ଉପସ୍ଥିତି ବଢାଇବାର ସୁଯୋଗ ଦେଇପାରେ । ବିଶେଷକରି ଯେଉଁ ଅଂଚଳରେ ଦଳର ପୁରୁଣା ଭିତି ରହିଛି, ସେଠାରେ ନୂଆ ନେତୃତ୍ୱ ଓ ନୂଆ ରଣନୀତି ଆଣିପାରିଲେ ଚିତ୍ର ବଦଳିପାରେ । କିନ୍ତୁ ଏହି ନିର୍ବାଚନର ସବୁଠାରୁ ବଡ ଚରିତ୍ର ନିର୍ଦ୍ଧାରଣ କରିବେ ଦଳଗୁଡିକ ନୁହେଁ, ମତଦାତା । ବିଶେଷକରି ମହିଳା ମତଦାତାଙ୍କ ଭୂମିକା ଅତ୍ୟନ୍ତ ନିର୍ଣ୍ଣାୟକ ହୋଇପାରେ । ଘରର ପାଣି, ରାସ୍ତା, ଶିକ୍ଷା, ସ୍ୱାସ୍ଥ୍ୟ, ମହିଳା ସୁରକ୍ଷା, ଜୀବିକା, ସ୍ୱୟଂସହାୟକ ଗୋଷ୍ଠୀ ଓ ସରକାରୀ ସହାୟତା ପ୍ରକୃତରେ କେତେଦୂର ମିଳୁଛି, ମହିଳାମାନେ ତାହାକୁ ନିଜ ଅନୁଭବରୁ ମାପିବେ । ଯୁବପିଢି ପାଇଁ ମଧ୍ୟ ପ୍ରଶ୍ନ ସ୍ପଷ୍ଟ - ଶିକ୍ଷା ପରେ କାମ କେଉଁଠି, ଦକ୍ଷତା ବିକାଶର ସୁଯୋଗ କେତେ, ନିଜ ଅଂଚଳରେ ରୋଜଗାର ଓ ଉଦ୍ୟମର ପରିବେଶ କେମିତି ? ଆଜିର ଯୁବ ଭୋଟର କେବଳ ନାରା ଶୁଣିବାକୁ ଚାହେଁ ନାହିଁ, ସେ ପରିଣାମ ଦେଖିବାକୁ ଚାହେଁ । ବରିଷ୍ଠ ନାଗରିକଙ୍କ ଆଶା ମଧ୍ୟ ସ୍ୱଷ୍ଟ-ସହଜ ଚିକିତ୍ସା, ସାମାଜିକ ସୁରକ୍ଷା, ଭତା, ନିରାପଦ ଯାତାୟତ, ସୁବିଧାଜନକ ସରକାରୀ ସେବା ଓ ସମ୍ମାନଜନକ ଜୀବନ । ସହରର ମତଦାତାଙ୍କ ପାଇଁ ମଧ୍ୟ ନିର୍ବାଚନୀ ପ୍ରଶ୍ନ ଅଲଗା ନୁହେଁ-ରାସ୍ତା, ନାଳ, ପରିମଳ, ପାନୀୟଜଳ, ଆଲୋକ, ଯାତାୟତ, ଅବ୍ୟବସ୍ଥିତ ନିର୍ମାଣ ଓ ପରିବେଶ ଭଳି ପ୍ରଶ୍ନ ଦୈନନ୍ଦିନ ଜୀବନକୁ ସିଧାସଳଖ ପ୍ରଭାବିତ କରେ । ତେଣୁ ପୌର ନିର୍ବାଚନରେ ମଧ୍ୟ ପ୍ରାର୍ଥୀଙ୍କ ବ୍ୟକ୍ତିଗତ ଛବି ଓ କାମର ହିସାବ ବଡ ଭୂମିକା ନେଇପାରେ । ସ୍ଥାନୀୟ ନିର୍ବାଚନର ଏକ ବଡ ବିଶେଷତା ହେଉଛି - ଏଠାରେ ମତଦାତା ପ୍ରାର୍ଥୀଙ୍କୁ ନିକଟରୁ ଜାଣନ୍ତି । ସେ କାହା ପାଇଁ ଦୁଆର ଖୋଲିଛନ୍ତି, କିଏ ଅସୁବିଧା ସମୟରେ ପାଖରେ ରହିଛି, କିଏ କେବଳ ନିର୍ବାଚନ ସମୟରେ ଦେଖାଦେଇଛି - ଏହି ଅନୁଭବ ଭୋଟରଙ୍କ ମନରେ ରହିଥାଏ । ସେଥିପାଇଁ ବଡ ଦଳର ପ୍ରତୀକ ଥିଲେ ମଧ୍ୟ ଦୁର୍ବଳ ପ୍ରାର୍ଥୀଙ୍କ ପାଇଁ ନିର୍ବାଚନ ସହଜ ହେବ ନାହିଁ । ଅନ୍ୟପଟେ ଭଲ ଛବି, ଲୋକସମ୍ପର୍କ ଓ କାମର ରେକର୍ଡ ଥିବା ପ୍ରାର୍ଥୀ ଦଳୀୟ ସମୀକରଣକୁ ମଧ୍ୟ ପ୍ରଭାବିତ କରିପାରନ୍ତି । ଏହି କାରଣରୁ ଆସନ୍ତା ପଂଚାୟତ ଓ ପୌର ନିର୍ବାଚନକୁ କେବଳ ଶାସକ ଓ ବିରୋଧୀ ଦଳର ଲଢେଇ ଭାବରେ ଦେଖିବା ଠିକ୍ ହେବ ନାହିଁ । ଏହା ହେବ କାମ ବନାମ ପ୍ରତିଶ୍ରୁତି, ଅନୁଭବ ବନାମ ଆଶା, ପୁରୁଣା ସଂଗଠନ ବନାମ ନୂଆଶକ୍ତି ଏବଂ ଦଳୀୟ ପରିଚୟ ବନାମ ସ୍ଥାନୀୟ ପ୍ରାର୍ଥୀଙ୍କ ଛବିର ଲଢେଇ । ଆଜିଠାରୁ କୌଣସି ଦଳର ବିଜୟ ନିଶ୍ଚିତ ବୋଲି କହିବା ରାଜନୈତିକ ଭାବେ ଅସମୀଚିତ । କାରଣ ନିର୍ବାଚନ ପୂର୍ବରୁ ଅନେକ ସମୀକରଣ ବଦଳିପାରେ, ପ୍ରାର୍ଥୀ ବଦଳିପାରନ୍ତି, ସ୍ଥାନୀୟ ମୁଦ୍ଦା ନୂଆ ରୂପ ନେଇପାରେ ଏବଂ ମତଦାତାଙ୍କ ମନୋଭାବ ମଧ୍ୟ ପରିବର୍ତିତ ହୋଇପାରେ । ତେଣୁ ଏହି ନିର୍ବାଚନର ସବୁଠାରୁ ବଡ ସତ୍ୟ ହେଉଛି-ରାଜନୈତିକ ଦଳ ନିଜ ନିଜ ଦାବି କରିବେ, କିନ୍ତୁ ଶେଷ ରାୟ ଦେବେ ଲୋକ । ଗାଁର ଚାଷୀ, ସହରର ଶ୍ରମିକ, ମହିଳା, ଛାତ୍ର, ଯୁବକ ଓ ବରିଷ୍ଠ ନାଗରିକଙ୍କ ମିଶ୍ରିତ ରାୟ ନିର୍ଦ୍ଧାରଣ କରିବ ଓଡିଶାର ସ୍ଥାନୀୟ ଶାସନର ଆଗାମୀ ଚିତ୍ର । ତେଣୁ ଆସନ୍ତା ନିର୍ବାଚନର ପ୍ରକୃତ ପ୍ରଶ୍ନ 'କିଏ ଜିତିବ ? ନୁହେଁ, ପ୍ରକୃତ ପ୍ରଶ୍ନ ହେଉଛି - 'କିଏ ଲୋକଙ୍କ ଆଶାକୁ ସମ୍ମାନ କରିବ, କିଏ ଦାୟିତ୍ୱ ନେବ ଏବଂ କିଏ ନିର୍ବାଚନ ପରେ ମଧ୍ୟ ଲୋକଙ୍କ ପାଖରେ ରହିବ? ଏହି ପ୍ରଶ୍ନର ଉତର ହିଁ ୨୦୨୭ରେ ଓଡିଶାର ତୃଣମୂଳ ଗଣତନ୍ତ୍ରର ପ୍ରକୃତ ଚିତ୍ର ଆଙ୍କିବ ।

ଆରକ୍ଷଣ - ୨

# ସାମାଜିକ , ଆର୍ଥିକ ଓ ରାଜନୈତିକ ପରିସ୍ଥିତି

**ପଙ୍କଜ କୁମାର ପାଣିଗ୍ରାହୀ**

ପୂର୍ବାଭାସ:

ଲେଖକଙ୍କ ପରିଚୟ ଓ ବିଚାରଧାରାର ପୂର୍ବ ସୂଚନା ପ୍ରଦାନ କରି ଆରମ୍ଭ କରିବା ପ୍ରକୃତ ସତ୍ୟର ଉନ୍ମୋଚନ । ପ୍ରିୟ ଆମ ଭାରତୀୟ ପରିବାର ଗଣ; କେବଳ ଲେଖକ ନୁହଁ ବରଂ ସମାଜ ସେବାରେ ସଦା ନିରତ ତାଙ୍କ ପରିବାର; ଶିକ୍ଷା ଓ ଆର୍ଥିକ ଅନଗ୍ରସର ଶହଶହ ପଛୁଆ ବର୍ଗ, ଦଳିତ ଓ ଆଦିବାସୀ ପରିବାରର ଉତ୍ଥାନ ପାଇଁ ୧୯୯୫ ମସିହା ଠାରୁ ଅଦ୍ୟାବଧି କାର୍ଯ୍ୟରତ । ସେମାନଙ୍କ ଘରେ ଉପସ୍ଥିତ ହେବା ତଥା ସେମାନେ ଆମ ଘରକୁ ଆସି ବିଭିନ୍ନ ସମସ୍ୟାର ସମାଧାନ କ୍ଷେତ୍ରରେ ସଂପୂର୍ଣ୍ଣ ସହଯୋଗ ହାସଲ କରିବା ସହିତ ଦେୟମୁକ୍ତ ସେବା କରିବାରେ ଆମ ପରିବାର ଆଦୌ କୁଣ୍ଠିତ ହୋଇନାହାନ୍ତି ଏପର୍ଯ୍ୟନ୍ତ । ଲେଖକ ଜଣେ ସବର୍ଣ୍ଣ ଅଜ୍ଞେୟବାଦୀ- ଜାତି ପ୍ରଥା ଜନିତ ଛୁଆଁ, ଅଛୁଆଁ / ଉଚ୍ଚ, ନୀଚ ଭେଦଭାବ କିମ୍ବା ବଡ଼, ସାନ ବିଚାରରେ ଆଦୌ ବିଶ୍ୱାସ କିମ୍ବା ମାନ୍ୟତା ରଖିନାହାନ୍ତି । ସମାଜର ସବୁ ସ୍ତରର ମଣିଷଙ୍କୁ ଏକକ ମାନବୀୟ ଢଙ୍ଗରେ ଦେଖିବା ଏବଂ ସମାନ ବ୍ୟବହାର କରିବା ଲେଖକଙ୍କ ଜନ୍ମଗତ ଆଚରଣ । କେବଳ ଆମ ଦେଶ କାହିଁକି ବରଂ ପୃଥିବୀର ସମଗ୍ର ମାନବ ସମାଜ ଆମ ପରିବାର ବୋଲି ରହିଛି ଆମ ମାନ୍ୟତା । ଦୀର୍ଘ ୪୦ ବର୍ଷ ଧରି ସାମାଜିକ, ମନସ୍ତାତ୍ୱିକ ଓ ଦାର୍ଶନିକ ବିଚାରଧାରା ଉପରେ ଅବିରତ ଗବେଷଣାରତ ଅନୁଭୂତିରୁ ନିଜର ବ୍ୟକ୍ତିଗତ ଅନୁଭୂତି ପ୍ରକାଶ ପୂର୍ବକ ପାଠକଙ୍କ ଗ୍ରହଣୀୟତା କିମ୍ବା ଅମାନ୍ୟତାକୁ ସ୍ୱୀକାର କରିବାରେ କୌଣସି ଦ୍ୱିଧା ନାହିଁ । କୌଣସି ଭୁଲ ରହିଥିଲେ ଆପଣଙ୍କ ସଠିକ ମନ୍ତବ୍ୟ ପ୍ରଦାନ କରି ଆମକୁ ସୁଧାରିବେ ବୋଲି ବିଚାର ରଖି ଆରମ୍ଭ କରିବା ତାତ୍ୱିକ ଉପସ୍ଥାପନା ।

ଆମ ଦେଶରେ ପ୍ରଚଳିତ ହୋଇ ଆସୁଥିବା ଆରକ୍ଷଣ ବ୍ୟବସ୍ଥା ଉପରେ ପୂର୍ବରୁ ପ୍ରଥମ ଅଧ୍ୟାୟରେ କିଛି ପ୍ରାରମ୍ଭିକ ସୂଚନା ଦିଆଯାଇଥିଲା । ବର୍ତ୍ତମାନ ଏହି ବ୍ୟବସ୍ଥା ହେତୁ ତା'ର ଉପଭୋକ୍ତା ଏବଂ ଆମ ଦେଶର ସାମଗ୍ରିକ ବିକାଶ ସ୍ଥିତି ଉପରେ ଗଭୀର ପ୍ରୟୋଗାତ୍ମକ ଅନୁଶୀଳନ କରି ଦେଖିବା ତାର ଉପକାରିତା ଓ ଫଳାଫଳ ।

ଉପସ୍ଥିତ ସମୟର ଆରକ୍ଷଣ ବ୍ୟବସ୍ଥାକୁ ବିଶ୍ଳେଷଣ କରି ଦେଖିଲେ ଜଣାଯାଏ ଯେ; ଏହା କେବଳ ଦୁଇଟି କ୍ଷେତ୍ରରେ କାର୍ଯ୍ୟକାରୀ କରାଯାଇଅଛି ଯାହାର ଉଦ୍ଦେଶ୍ୟ ରହିଛି- ପଛୁଆ ବର୍ଗର ସାମାଜିକ ଉତ୍ଥାନ । ଏହା ଦ୍ୱାରା ଜାତିଗତ ସାମାଜିକ ଭେଦଭାବ ଦୂର କରାଯିବା ଲକ୍ଷ ସାଧିତ ହେବାର କୌଣସି ସୂଚନା ନାହିଁ କିମ୍ବା ହେବା ସମ୍ଭାବନା ମଧ୍ୟ ନାହିଁ । ଶିକ୍ଷାରୁ ବଞ୍ଚିତ ହେବା ଓ ଆର୍ଥିକ ଅନଗ୍ରସରତା--ଏବଂ ଜାତିଗତ ସାମାଜିକ ଭେଦଭାବ / ବୈଷମ୍ୟତା ଦୁଇଟି ଯଥେଷ୍ଟ ଭିନ୍ନ ବିଷୟ; କେମିତି ଦେଖିବା...

ପ୍ରଥମେ ଶିକ୍ଷା ଓ ଆର୍ଥିକ ସ୍ଥିତି ଉପରେ ଆଲୋକପାତ କରିବା । ତାପରେ ସାମାଜିକ ଭେଦଭାବ / ବୈଷମ୍ୟତାର ଆଧାର ଏବଂ ଏହାର ଶିକ୍ଷା ଓ ଆର୍ଥିକ ସ୍ଥିତି ସହିତ ସମ୍ବନ୍ଧ ବିଷୟ ଆଲୋଚନା କରିବା । ତାହେଲେ ହିଁ ଉପସ୍ଥିତ ଆରକ୍ଷଣ ବ୍ୟବସ୍ଥାର ଲକ୍ଷ ଏବଂ ଆଜି ସମୟର ସାମାଜିକ ଆବଶ୍ୟକତା ବିଷୟରେ ଜାଣିହେବ । ଆରକ୍ଷଣ ଉଦ୍ଦେଶ୍ୟରେ ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟ ଶୈଳୀ ବର୍ତ୍ତମାନ ସମୟର ଆବଶ୍ୟକତାକୁ ସଂପୂର୍ଣ୍ଣ କରିବାରେ ସମର୍ଥ ରହିଛି ନା କୌଣସି ପରିବର୍ତ୍ତନର ଆଶା କରାଯାଇ ପାରେ ଦେଖିବା ।

ଶିକ୍ଷା ଓ ଆର୍ଥିକ ସ୍ଥିତି :

ଜଣେ ଶିକ୍ଷାଗତ ଯୋଗ୍ୟତା ଆଧାରରେ ନିଯୁକ୍ତି ପାଇବା ପରେ ତାର ରୋଜଗାର ସୀମିତ ରହିଥାଏ । କିନ୍ତୁ ଜଣେ ଶିକ୍ଷାର 'ଶ' ଅକ୍ଷର ନଜାଣି ମଧ୍ୟ ଅସୀମ ସଂସାଧନ ସଂଗ୍ରହ କରିବାରେ କୌଣସି ବାଧକତା ନଥିବା କୌଣସି କାଳ୍ପନିକ ମନ୍ତବ୍ୟ ନୁହେଁ ବରଂ ଆମ ଆଖିଦେଖା ଅନୁଭୂତି ରହିଛି ସମସ୍ତଙ୍କର । ତେଣୁ ଆର୍ଥିକ ବିକାଶ ପାଇଁ ଯେ ଶିକ୍ଷା ଅନିବାର୍ଯ୍ୟ ବୋଲି ଭାବିବା ବ୍ୟର୍ଥ । ଏଠାରେ ଶିକ୍ଷା ଏବଂ ଆର୍ଥିକ ରୋଜଗାରର କୌଣସି ସଂପର୍କ ନଥିବା ଆମେ ସମସ୍ତେ ଜାଣୁ । ହେଲେ ଶିକ୍ଷା ମାଧ୍ୟମରେ ରୋଜଗାର କରିବା ସୀମିତ ହୋଇଥିବା ବେଳେ ଶିକ୍ଷା ବିନା ଆର୍ଥିକ ରୋଜଗାର ଅସୀମ ହୋଇପାରୁଥିବା ପଛର ରହସ୍ୟ ଜାଣିବା ।

ଶିକ୍ଷା ଆଉ ଜ୍ଞାନ ଦୁଇଟି ଭିନ୍ନ ବିଷୟ । ଶିକ୍ଷା- ସାମାଜିକ ଶୈକ୍ଷିକତା ବିଷୟ ଆଧାରିତ; ଯେଉଁଠି ଜ୍ଞାନ ଜନ୍ମଗତ- ପ୍ରକୃତି ପ୍ରଦତ୍ତ । ଶିକ୍ଷାରେ ବୁଦ୍ଧିମତା ସୀମିତ, ଯେଉଁଠି ଜ୍ଞାନର ବୁଦ୍ଧିମତା ପ୍ରାକୃତିକ, ଅସୀମ । ଆର୍ଥିକ ରୋଜଗାର ପାଇଁ ବୁଦ୍ଧିମତାର ଆବଶ୍ୟକତା ରହିଥାଏ; ଯେଉଁଠି ଶିକ୍ଷାକୁ କେବଳ ଏକ ସାମାନ୍ୟ ସାମାଜିକ ମାନ୍ୟତା ଆଧାରରେ ଗ୍ରହଣ କରାଯାଇଥାଏ । ତେଣୁ ଶିକ୍ଷାଗତ ନିଯୁକ୍ତି ଉପରେ ଏକ ସୀମିତ ପାରିଶ୍ରମିକ ଦିଆଯାଇଥାଏ କେବଳ ବଂଚି ରହି କିଛି ସାମାଜିକ କାର୍ଯ୍ୟରେ ସହଯୋଗ କରିବା ପାଇଁ । ଏହା ଦ୍ୱାରା ରାଷ୍ଟ୍ରୀୟ ଶାସନ ପ୍ରଶାସନରେ କର୍ତବ୍ୟ ସାଧନ କରିବା ସମ୍ଭବ ହୋଇପାରେ ଏବଂ ସାମାନ୍ୟ ବ୍ୟକ୍ତିଗତ ପାରିବାରିକ ଆର୍ଥିକ ସନ୍ତୁଳନ ରକ୍ଷା କରାଯାଇ ପାରେ । ବୁଦ୍ଧିମତା-ଏକ ପ୍ରକୃତି ପ୍ରଦତ୍ତ ବଂଶଗତ ଗୁଣ ଯାହା ଆଧାରରେ ଅନିୟନ୍ତ୍ରିତ ଆର୍ଥିକ ଅଭିବୃଦ୍ଧି କରିବା ସମ୍ଭାବନା ରହିଥାଏ ।

ସାମାଜିକ ଭେଦଭାବ / ବୈଷମ୍ୟତାର ଆଧାର:

ଜଣେ ଶିକ୍ଷିତ କେବଳ ଶିକ୍ଷିତଙ୍କ ସହିତ ସଂପର୍କ ସ୍ଥାପନ କରିବାରେ ଆଗ୍ରହ ପ୍ରକାଶ କରୁଥିବା ବେଳେ-- ଅଶିକ୍ଷିତଙ୍କ ପ୍ରତି ମୁହଁରେ ନହେଲେ ମଧ୍ୟ ମନରେ ଘୃଣାଭାବ / ଅଗ୍ରହଣୀୟତା ଭାବ ରଖିଥାନ୍ତି । ଠିକ ସେହିଭଳି ବ୍ୟବସାୟୀ / କଳାକାର / ଶିଳ୍ପପତି / ରାଜନେତା ଭଳି ପ୍ରତ୍ୟେକ ଗୋଷ୍ଠୀର ମଣିଷ ସମୂହ କେବଳ ନିଜଭଳି ଲୋକଙ୍କ ସହିତ ସଂପର୍କ ସ୍ଥାପନ କରିବାରେ ମନୋନିବେଶ କରିବା ବ୍ୟତୀତ ଅନ୍ୟାନ୍ୟ ବର୍ଗର ଲୋକଙ୍କ ସହିତ ସେହିଭଳି ମନଖୋଲା ଆଚରଣ କରିନଥାନ୍ତି । ପୂର୍ବ ସମୟ ଭଳି ଆଜି ସମୟରେ, ମୁଖରେ ପ୍ରଚଣ୍ଡ ପ୍ରତ୍ୟାଖ୍ୟାନ ନକଲେ ମଧ୍ୟ ବ୍ୟବହାରରେ ହତାଦର କଲାଭଳି ଅନୁଭବ ହେଉଛି ନିଶ୍ଚୟ- ଯେତେବେଳେ ଜଣେ ଭିନ୍ନ ଗୋଷ୍ଠୀର ମଣିଷଙ୍କ ସହିତ ସଂପର୍କରେ ଆସିଥାଏ ଅନ୍ୟ ଏକ ଗୋଷ୍ଠୀର ମଣିଷ । ଏହା ଏକ ବୈଚାରିକ ମନ୍ତବ୍ୟ ନୁହେଁ ବରଂ ସମସ୍ତଙ୍କ ସାକ୍ଷ୍ୟ ପ୍ରୟୋଗାତ୍ମକ ଅନୁଭବ ରହିଥିବ ନିଶ୍ଚୟ । ଏଥିରୁ ଶିକ୍ଷା ମିଳେ ଯେ ପ୍ରତ୍ୟେକ ମଣିଷ ମନରେ ଏକ ଗୋଷ୍ଠିଗତ ବିଚାରଧାରା ଜନିତ ଗ୍ରହଣୀୟତା / ମାନ୍ୟତା; ପ୍ରାକୃତିକ ଭାବେ ସୃଷ୍ଟି ହୋଇଥାଏ ଯାହା ଦୂର କରିବା ହୁଏତ ସମ୍ଭବ ନୁହେଁ ! ଏହା କେବଳ ଆମ ଦେଶର ସମସ୍ୟା ନା ସମଗ୍ର ବିଶ୍ୱବାସୀଙ୍କ ମାନସିକତାରେ ରହିଥାଏ ଅନୁସନ୍ଧାନ ସାପେକ୍ଷ ।

ଅନ୍ତତଃ ଆମ ଦେଶର ଲୋକଙ୍କ ଆଚରଣକୁ ଲକ୍ଷ କରି ଜାଣି ହେଉଛି ଯେ ସାମାଜିକ ଭେଦଭାବ କେବଳ ଜାତିଗତ ନୁହେଁ ବରଂ ଏହା ଏକ ନିର୍ଦ୍ଦିଷ୍ଟ ଗୋଷ୍ଠିଗତ ବିଚାରଧାରା । ସେହି କ୍ରମରେ ଯେଉଁ ଗୋଷ୍ଠୀର ମଣିଷ ସମୂହ ଅନ୍ୟ ଏକ ଗୋଷ୍ଠୀ ସହିତ ସମାନ୍ତରାଳ ବିଚାରଧାରା ରକ୍ଷା କରିନଥାନ୍ତି- ସେହି କ୍ଷେତ୍ରରେ ବୈଚାରିକ ବୈଷମ୍ୟତା ସୃଷ୍ଟି ହେଉଛି, ହେବ ମଧ୍ୟ ! ଏହା ଉପସ୍ଥିତ ସମୟରେ ନିୟନ୍ତ୍ରଣ ବହିର୍ଭୁତ; ଯେତେବେଳ ପର୍ଯ୍ୟନ୍ତ ସମଗ୍ର ମଣିଷ ସମାଜରେ ମାନବିକ ଚେତନାର ଜାଗ୍ରତ କରାଯାଇ ନାହିଁ ।

ଏହି ଧାରାରେ ଆମର ମୂଳ ଆଲୋଚ୍ୟ ବିଷୟ ହେଉଛି ଭାରତରେ ସବର୍ଣ୍ଣ ଓ ପଛୁଆ ବର୍ଗଙ୍କ ମଧ୍ୟରେ ଭେଦଭାବ- ଯାହା ପୂର୍ବରୁ ଥିଲା ବର୍ତମାନ ରହିଛି ଏବଂ ଆଗକୁ ରହିବ ମଧ୍ୟ- ଏଇଥିରେ କୌଣସି ସନ୍ଦେହ ନାହିଁ । ଭେଦଭାବ ସେତେବେଳେ ଦୂର ହେବାର ସମ୍ଭାବନା ରହିବ ଯେତେବେଳେ ପଛୁଆ ବର୍ଗର ମଣିଷ ସମୂହ ସବର୍ଣ୍ଣଙ୍କ ସମତୁଲ୍ୟ ବିଚାରଧାରା ସୃଷ୍ଟି କରିବାରେ ସମର୍ଥ ହୋଇପାରିବେ । ଅନ୍ୟଥା କେବଳ ଶିକ୍ଷା ଓ ଆର୍ଥିକ ଆଧାରରେ ଅଗ୍ରଗତି ଦ୍ୱାରା ସାମାଜିକ ସମାନତା ସୃଷ୍ଟି କରାଯାଇ ପାରେ କିନ୍ତୁ ବୈଚାରିକ ସମାନତା ସ୍ଥାପନ କରିବା ଆଦୌ ସମ୍ଭବ ନୁହେଁ- ଯାହା ଆଜି ଆମ ସମାଜ ଆବଶ୍ୟକ ରଖିଥିବା ମନ୍ତବ୍ୟ ଦିଅନ୍ତି ଅନେକେ ।

ସବର୍ଣ୍ଣଙ୍କ ଏକମାତ୍ର ସ୍ୱାଭିମାନ ହେଉଛି ସେମାନଙ୍କ ବଂଶଗତ ସଂସ୍କାର । ସାମାଜିକ ମର୍ଯ୍ୟାଦା ଅକ୍ଷୁର୍ଣ୍ଣ ରଖିବା ଉଦ୍ଦେଶ୍ୟ କାରଣରୁ ଅଧିକାଂଶ ସବର୍ଣ୍ଣ କୌଣସି ଅସାମାଜିକ / ଅମାନବୀୟ / ନୀଚ କର୍ମରୁ ନିଜକୁ ନିବୃତ୍ତ ରଖିବା ପ୍ରୟାସ କରିଥାନ୍ତି -ଯାହା କେବଳ ସେମାନଙ୍କ ପାରିବାରିକ ସଂସ୍କାର ଶିକ୍ଷାରୁ ଆସିଥାଏ । ଏହି ଆଚରଣ / ଚରିତ୍ର ଅନେକାଂଶରେ ପ୍ରକୃତି ପ୍ରଦତ୍ତ ବଂଶଜ ଗୁଣର୍ଧର୍ମ ହୋଇଥିବା ବେଳେ ଦୀର୍ଘ ସମୟର ସଂସ୍କାର ଜନିତ ସୁଧାର ଉଦ୍ଦେଶ୍ୟରେ କରାଯାଇଥିବା ପ୍ରଚେଷ୍ଟାର ଫଳାଫଳ ମଧ୍ୟ- ଯାହା ସେମାନଙ୍କୁ ପିଢ଼ିକୁ ପିଢ଼ି ଶିକ୍ଷା ଦିଆଯାଇ ଥାଏ !

ପୂର୍ବକାଳରେ ସବର୍ଣ୍ଣ ସମୂହ ନିଜ ନିଜ ଗୋଷ୍ଠିଗତ ବିଚାରଧାରା (ଯେମିତି ଆଜି ମଧ୍ୟ ଗୋଷ୍ଠିଗତ ବିଚାର ରହିଛି) ମଧ୍ୟରେ ରହି ସାମାନ୍ୟ ନିର୍ବୋଧ ପଛୁଆ ବର୍ଗର ମଣିଷ ମାନଙ୍କୁ ସେହି ସଂସ୍କାର ଶିକ୍ଷା ଦେବାରେ କୁଣ୍ଠାବୋଧ କରୁଥିଲେ । ମାନସିକ ବିକାଶରେ ସାମାନ୍ୟ ପ୍ରାକୃତିକ ଅଭାବନିୟତା ରହିଥିବା ବେଳେ ସାମାଜିକ ସଂସ୍କାର ଶିକ୍ଷାରୁ ଦୂରତ୍ୱ କାରଣରୁ ପଛୁଆ ବର୍ଗଙ୍କ ସାମାଜିକ ସ୍ଥିତି ଦୁର୍ବଳ ହେବାକୁ ଲାଗିଲା । ତାହାର ପ୍ରତିଫଳନ ସ୍ୱରୂପ ସମାଜରେ ବୈଷମ୍ୟତା ସୃଷ୍ଟି ହେବା ସହିତ ସେମାନଙ୍କ ଶୈକ୍ଷିକ ଓ ଆର୍ଥିକ ବିକାଶ ମଧ୍ୟ ନିମ୍ନଗାମୀ ହେବାରେ ଲାଗିଲା । କାଳକ୍ରମେ ସେମାନେ ଅତି ନିମ୍ନଗାମୀ ହୋଇ ମାନସିକ ଯନ୍ତ୍ରଣା ସହିତ ସାମାଜିକ ଘୃଣାର ଶିକାର ମଧ୍ୟ ହେଉଥିଲେ କେତେକ ସ୍ଥାନ / ପରିବେଶରେ ।

ପୃଥିବୀ ପୃଷ୍ଠରେ ଜନ୍ମ ହୋଇଥବା ପ୍ରତ୍ୟେକ ମଣିଷର ପ୍ରାକୃତିକ ଅଧିକାର ସମାନ ରହିବା ନିୟତିର ନିୟମ । କାହାକୁ ତଳକୁ ଠେଲିଦେଇ ନିଜକୁ ଉଚ୍ଚା କରିବା ମଣିଷର ବୈଚାରିକ ଉଦ୍ଦେଶ୍ୟ ନହେବା ଆବଶ୍ୟକ । ସାମୁହିକ ସମାଜ ଗଠନ କରି ବ୍ୟକ୍ତିଗତ ଅସମାନତା କାରଣରୁ ସାମାଜିକ ଘୃଣା, ଅସ୍ପୃଶ୍ୟତା ତଥା ନୀଚ ବିଚାରଭାବ ରଖିବା ମାନବୀୟ କର୍ତ୍ତବ୍ୟବୋଧତା ନୁହେଁ । ତେଣୁ ସେମାନଙ୍କୁ ମଧ୍ୟ ନିଜ ପରିବାରର ସଦସ୍ୟ ଭଳି ସଦ୍ଭାବ ରଖି ଆଚରଣ କରାଯିବା ବିଧେୟ ।

ଏଥିରୁ ଦେଖାଗଲା ଯେ ପଛୁଆ ସ୍ତରରେ ରହିଥିବା ମଣିଷଙ୍କୁ ଶିକ୍ଷାଗତ ଓ ଆର୍ଥିକ ପରିସ୍ଥିତି କାରଣରୁ ସାମାଜିକ ଅସମାନତା / ବୈଷମ୍ୟତା ସୃଷ୍ଟି ହୋଇ ନାହିଁ ! ମାନସିକ ସ୍ତରରେ ବୈଚାରିକ ସଂସ୍କାରର ଯଥେଷ୍ଟ ଆବଶ୍ୟକତା ରହିଛି ନିଜକୁ ସବର୍ଣ୍ଣ ଗୋଷ୍ଠୀ ସହିତ ସମକକ୍ଷ କରି ସମାନତା ସୃଷ୍ଟି କରିବା ପାଇଁ । ଶୈକ୍ଷିକ ଓ ଆର୍ଥିକ ସମାନତା ମଧ୍ୟ କେତେକ କ୍ଷେତ୍ରରେ ଆବଶ୍ୟକ ରହିଥାଇ ପାରେ ଯାହା ଏକ ନିର୍ଦ୍ଦିଷ୍ଟ ନୀତି ମାଧ୍ୟମରେ ସେମାନଙ୍କୁ ଯୋଗାଇ ଦିଆଯିବା ଆବଶ୍ୟକ- ଏକଥାରେ କୌଣସି ଦ୍ୱିମତ ନାହିଁ । କିନ୍ତୁ ସେମାନଙ୍କୁ ପୂର୍ବରୁ ଦିଆଯାଇନଥିବା ସବର୍ଣ୍ଣଙ୍କ ସଂସ୍କାର ଶିକ୍ଷା ଦିଆଯିବା ମଧ୍ୟ ଅତ୍ୟନ୍ତ ଜରୁରୀ ଯାହା ଶାସନ ବ୍ୟବସ୍ଥିତ କରାଯାଇ ଆରମ୍ଭ କରାଗଲେ ହୁଏତ କେତେ ସମୟ ପରେ ସମାନତା ଆସିପାରେ ବୋଲି ଆମର ଅନୁମାନ ।



# ଜାତିସଂଘର କାଶ୍ମୀର ମାନଚିତ୍ର ନେଇ ଭାରତର କଠୋର ଆଭିମୁଖ୍ୟ ପରେ ପାକିସ୍ତାନ ଆତଙ୍କିତ

**ନୂଆଦିଲ୍ଲୀ,୭।୯(ଏଜେନ୍ସି):** ଜାତିସଂଘର ଜମ୍ମୁ-କାଶ୍ମୀର ମାନଚିତ୍ର ଉପରେ ଭାରତର ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ବିବୃତିରେ କ୍ରୋଧିତ ହୋଇ ପାକିସ୍ତାନ ସୋମବାର ପୁଣି ଏକ ଉତ୍ତେଜନାମୂଳକ କାର୍ଯ୍ୟ କରି ନୂଆଦିଲ୍ଲୀର ଦାବିକୁ ଭିତ୍ତିହୀନ ବୋଲି କହିଛି। ବିଶ୍ୱ ମାନଚିତ୍ରକୁ ସନ୍ତୁଳିତ କରିବା ପାଇଁ ଆଫ୍ରିକୀୟ ୟୁନିଅନର ପ୍ରସ୍ତାବକୁ ସମର୍ଥନ କରିବା ପରେ ବିଦେଶ ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସୱାଲ କେନ୍ଦ୍ରଶାସିତ ଅଞ୍ଚଳ ଜମ୍ମୁ-କାଶ୍ମୀର ଏବଂ ଲଦାଖ ସମ୍ପର୍କରେ ସ୍ପଷ୍ଟୀକରଣ ଜାରି କରିବାର ଗୋଟିଏ ଦିନ ପରେ ଏହି ବିବୃତି ଆସିଛି।ମହାଦେଶୀୟ ଭୂଖଣ୍ଡକୁ ଅଧିକ ସଠିକ୍ ଭାବରେ ପ୍ରତିଫଳିତ କରିବା ପାଇଁ ବିଶ୍ୱ ମାନଚିତ୍ରକୁ ସଂଶୋଧନ କରିବା ପାଇଁ ଏକ ପ୍ରସ୍ତାବ ସପକ୍ଷରେ ଜାତିସଂଘ ସାଧାରଣ ସଭାରେ ଭୋଟ୍ ଦେବାର ଦୁଇ ଦିନ ପରେ ନୂଆଦିଲ୍ଲୀ ପକ୍ଷରୁ ବିବୃତି ଜାରି କରାଯାଇଥିଲା। ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସୱାଲ କହିଥିଲେ ଯେ, ଭାରତ ମାନଚିତ୍ର ସପକ୍ଷରେ ଭୋଟ୍ ଦେଇଛି। ଏହା ସମାନ କ୍ଷେତ୍ର ସହିତ ମାନଚିତ୍ର ଚିତ୍ରଣ କରିବାର ମୌଳିକ ନୀତିକୁ ପ୍ରୋତ୍ସାହିତ କରିବା ପାଇଁ ଉଦ୍ଦିଷ୍ଟ ଥିଲା। ଭାରତୀୟ ବୈଦେଶିକ ମନ୍ତ୍ରଣାଳୟ ରବିବାର ଦିନ କହିଥିଲା, ଆମେ ଏହା ସ୍ପଷ୍ଟ କରୁଛୁ ଯେ ଏହି ପ୍ରସ୍ତାବ କୌଣସି ନିର୍ଦ୍ଦିଷ୍ଟ ମାନଚିତ୍ର, ପ୍ରକ୍ଷେପଣ କିମ୍ବା ଜାତୀୟ ସୀମାର ସୀମା ନିର୍ଦ୍ଧାରଣକୁ ଅନୁମୋଦନ କରେ ନାହିଁ।ଏହା ପରେ, ସୋମବାର ପାକିସ୍ତାନୀ ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ସଜ୍ଜାଦ ହାଇଦର ଖାନ ଏକ ବିବୃତିରେ ଭାରତର ଜମ୍ମୁ ଓ କାଶ୍ମୀରର ସ୍ଥିତି ସମ୍ପର୍କରେ ଭିତ୍ତିହୀନ ଦାବିକୁ ସମ୍ପୂର୍ଣ୍ଣ ଭାବରେ ଖଣ୍ଡନ କରୁଛନ୍ତି ବୋଲି କହିଛନ୍ତି। ଏହି ଦାବିଗୁଡ଼ିକ ଆନ୍ତର୍ଜାତୀୟ ସ୍ତରରେ ସ୍ୱୀକୃତିପ୍ରାପ୍ତ ତଥ୍ୟର ବିପରୀତ।ପାକିସ୍ତାନର ବିବୃତିରେ କୁହାଯାଇଛି, ଭାରତର ଏକପାଖିଆ କାର୍ଯ୍ୟ ଏବଂ ଅବୈଧ ଦଖଲ ଜାରି ରଖିବା ଜମ୍ମୁ ଓ କାଶ୍ମୀରର ଅନ୍ତର୍ଜାତୀୟ ସ୍ତରରେ ସ୍ୱୀକୃତିପ୍ରାପ୍ତ ବିବାଦୀୟ ସ୍ଥିତିକୁ ପରିବର୍ତ୍ତନ କରିପାରିବ ନାହିଁ। ଜମ୍ମୁ ଓ କାଶ୍ମୀର ବିବାଦ ହେଉଛି ଜାତିସଂଘ ସୁରକ୍ଷା ପରିଷଦର ଏଜେଣ୍ଡାରେ ସବୁଠାରୁ ପୁରୁଣା ଅସମାପ୍ତ ଏବଂ ଅନ୍ତର୍ଜାତୀୟ ସ୍ତରରେ ସ୍ୱୀକୃତିପ୍ରାପ୍ତ ବିବାଦ ମଧ୍ୟରୁ ଗୋଟିଏ। ପ୍ରାସଙ୍ଗିକ ଜାତିସଂଘ ପ୍ରସ୍ତାବରେ କୁହାଯାଇଛି ଯେ ଏହାର ଚୂଡ଼ାନ୍ତ ସମାଧାନ ସୁରକ୍ଷା ପରିଷଦର ପ୍ରସ୍ତାବ ଏବଂ କାଶ୍ମୀର ଲୋକଙ୍କ ଇଚ୍ଛା ଅନୁସାରେ ହେବା ଉଚିତ୍, ଯାହା ଜାତିସଂଘର ତତ୍ତ୍ୱାବଧାନରେ ଏକ ନିରପେକ୍ଷ ଏବଂ ସ୍ୱାଧୀନ ଜନମତ ମାଧ୍ୟମରେ ପ୍ରକାଶିତ ହେବ। ଏଭଳି କରି ପାକିସ୍ତାନର ଶାହବାଜ ସରକାର ପୁରୁଣା 'କାର୍ଡ' ଖେଳିବା ଆରମ୍ଭ କରିଛନ୍ତି।

# ବୁର୍ଜ ଖଲିଫାକୁ ପଛରେ ପକାଇବ ଜେଦ୍ଦା ଟାୱାର ଉଚ୍ଚତା ହେବ ୧ କିଲୋମିଟରରୁ ଅଧିକ

**ନୂଆଦିଲ୍ଲୀ,୭।୯(ଏଜେନ୍ସି):** ସାଉଦି ଆରବର ଜେଦ୍ଦା ସହରରେ ନିର୍ମାଣାଧୀନ ଜେଦ୍ଦା ଟାୱାର ଏବେ ବିଶ୍ୱର ସବୁଠାରୁ ଉଚ୍ଚ ଅଟ୍ଟାଳିକା ହେବା ଦୌଡ଼ରେ ଆଗକୁ ବଢୁଛି। ଏହାର ଉଚ୍ଚତା ୧ କିଲୋମିଟରରୁ ଅଧିକ ରଖାଯାଇଛି। ନିର୍ମାଣ ସମ୍ପୂର୍ଣ୍ଣ ହେଲେ ଏହା ବର୍ତ୍ତମାନର ବିଶ୍ୱର ସର୍ବୋଚ୍ଚ ଅଟ୍ଟାଳିକା ଦୁବାଇର ବୁର୍ଜ ଖଲିଫାକୁ ପଛରେ ପକାଇଦେବ। ରିପୋର୍ଟ ଅନୁଯାୟୀ, ଜେଦ୍ଦା ଟାୱାରର ନିର୍ମାଣ ପ୍ରାୟ ୪୫୪ ମିଟର ଉଚ୍ଚତାରେ ପହଞ୍ଚିଛି ଏବଂ ୧୧୩ଟି ମହଲାର କାମ ଶେଷ ହୋଇଛି। ଏହି ବିଶାଳ ପ୍ରକଳ୍ପର ନିର୍ମାଣ କାମ ଜୋରସୋରରେ ଆଗେଇ ଚାଲିଥିବା ବେଳେ ୨୦୨୮ ମସିହାରେ ଏହାର ଉଦ୍‌ଘାଟନ ଲକ୍ଷ୍ୟ ରହିଛି।ବର୍ତ୍ତମାନ ଦୁବାଇର ବୁର୍ଜ ଖଲିଫା ୮୨୮ ମିଟର ଉଚ୍ଚତା ସହ ବିଶ୍ୱର ସବୁଠାରୁ ଉଚ୍ଚ ଅଟ୍ଟାଳିକା ଭାବେ ରେକର୍ଡ ଧରିଛି। ଜେଦ୍ଦା ଟାୱାର ଯୋଜନା ଅନୁଯାୟୀ ୧୦୦୦ ମିଟରରୁ



ଅଧିକ ଉଚ୍ଚ ହେବାକୁ ଥିବାରୁ ଏହା ବୁର୍ଜ ଖଲିଫାଠାରୁ ପ୍ରାୟ ୧୭୨ ମିଟର ଅଧିକ ଉଚ୍ଚ ହେବ। ଜେଦ୍ଦା ଟାୱାରର ଡିଜାଇନ ଆମେରିକୀୟ ସ୍ଥପତି ଆଡ୍ରିଆନ୍ ସ୍ମିଥ୍‌ଙ୍କ ନେତୃତ୍ୱରେ ପ୍ରସ୍ତୁତ ହୋଇଛି। ସେ ବୁର୍ଜ ଖଲିଫାର ଡିଜାଇନ୍ ସହ ମଧ୍ୟ ଜଡ଼ିତ ଥିଲେ। ଟାୱାରର ଆକୃତି ଓ ଗଠନକୁ ଏପରି ଭାବେ ପ୍ରସ୍ତୁତ କରାଯାଇଛି ଯେ ଅତ୍ୟଧିକ ଉଚ୍ଚତା ସହ ପ୍ରବଳ ପବନର ଚାପକୁ ମଧ୍ୟ ସମ୍ଭାଳିପାରିବ।

ଏହି ଟାୱାର କେବଳ ଏକ ଅଟ୍ଟାଳିକା ନୁହେଁ, ବରଂ ସାଉଦି ଆରବର ବଡ଼ ସହରୀୟ ବିକାଶ ଯୋଜନାର ଏକ ପ୍ରମୁଖ ଅଂଶ। ଏଥିରେ ଆବାସିକ ସ୍ଥାନ, କାର୍ଯ୍ୟାଳୟ, ହୋଟେଲ୍ ଓ ବାଣିଜ୍ୟିକ ସୁବିଧା ରହିବା ସହ ୬୫୨ ମିଟର ଉଚ୍ଚତାରେ ଏକ ଅବଜରଭେଟୋରି ମଧ୍ୟ ରହିବାର ଯୋଜନା ରହିଛି। ଜେଦ୍ଦା ଟାୱାର ସମ୍ପୂର୍ଣ୍ଣ ହେଲେ ଏହା କେବଳ ସାଉଦି ଆରବ ନୁହେଁ, ସମଗ୍ର ବିଶ୍ୱର ଆକାଶଚୁମ୍ବୀ ଅଟ୍ଟାଳିକା ମାନଚିତ୍ରରେ ଏକ ନୂଆ ଅଧ୍ୟାୟ ଯୋଡ଼ିବ। ୧ କିଲୋମିଟର ଉଚ୍ଚତା ଅତିକ୍ରମ କରିବାର ଲକ୍ଷ୍ୟ ସଫଳ ହେଲେ ଏହା ବୁର୍ଜ ଖଲିଫାର ଦୀର୍ଘଦିନର ରେକର୍ଡକୁ ଭାଙ୍ଗି ବିଶ୍ୱର ନୂଆ 'ଟଲେଷ୍ଟ ବିଲ୍ଡିଂ' ହେବ।

# ଭାରତରୁ ଏୟାର ଡିଫେନ୍ସ ସିଷ୍ଟମ୍ ନେବ ଶ୍ରୀଲଙ୍କା !

**ନୂଆଦିଲ୍ଲୀ,୭।୯(ଏଜେନ୍ସି)::** ଭାରତ ଏବଂ ଶ୍ରୀଲଙ୍କା ମଧ୍ୟରେ ପ୍ରତିରକ୍ଷା ସମ୍ପର୍କକୁ ଏକ ନୂତନ ଉଚ୍ଚତାକୁ ନେବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରାଯାଉଛି । ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ସେପ୍ଟେମ୍ବର ୮ ରୁ ୧୦ ତାରିଖ ପର୍ଯ୍ୟନ୍ତ ତିନି ଦିନିଆ ଶ୍ରୀଲଙ୍କା ଗସ୍ତରେ ରହିବେ। ଏହି ଗସ୍ତ କାଳରେ ଦୁଇ ଦେଶ ମଧ୍ୟରେ ପ୍ରତିରକ୍ଷା କ୍ଷେତ୍ର ସହ ଜଡ଼ିତ ତିନୋଟି ନୂଆ ବୁଝାମଣା ପତ୍ର ଉପରେ ଆଲୋଚନା ହେବାର ସମ୍ଭାବନା ରହିଛି, ଯେଉଁଥିରେ ଶ୍ରୀଲଙ୍କାକୁ ଭାରତ ପକ୍ଷରୁ ଏୟାର ଡିଫେନ୍ସ ଅସ୍ତ୍ରଶସ୍ତ୍ର ଯୋଗାଣ ପ୍ରସଙ୍ଗ ସାମିଲ ରହିଛି। ଭବିଷ୍ୟତର ଆକାଶମାର୍ଗରୁ ଆସୁଥିବା ବିପଦର ମୁକାବିଲା ପାଇଁ ଶ୍ରୀଲଙ୍କା ଭାରତରୁ ଏୟାର ଡିଫେନ୍ସ ଗନ୍ ଏବଂ ଆକାଶ ଏୟାର ଡିଫେନ୍ସ ସିଷ୍ଟମ୍ ଭଳି ସ୍ୱଳ୍ପ ଓ ମଧ୍ୟମ ଦୂରଗାମୀ ଅସ୍ତ୍ରଶସ୍ତ୍ର ନେବାକୁ ଆଗ୍ରହ ପ୍ରକାଶ କରିଛି । ଏହା ବ୍ୟତୀତ ପ୍ରସ୍ତାବିତ ଅନ୍ୟ ଦୁଇଟି ବୁଝାମଣା ଶ୍ରୀଲଙ୍କା ସେନାବାହିନୀର କର୍ମଚାରୀଙ୍କୁ ତାଲିମ ଏବଂ କ୍ଷମତା ବୃଦ୍ଧିର ପରିସର ସମ୍ପ୍ରସାରଣ ସହ ଜଡ଼ିତ। ଗସ୍ତ ସମୟରେ ଦୁଇ ଦେଶ ଗତବର୍ଷ ଏପ୍ରିଲରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଶ୍ରୀଲଙ୍କା ଗସ୍ତ କାଳରେ ସ୍ୱାକ୍ଷରିତ ୫ ବର୍ଷିଆ ବ୍ୟାପକ ପ୍ରତିରକ୍ଷା ସହଯୋଗ ଚୁକ୍ତିର ସମୀକ୍ଷା ମଧ୍ୟ କରିବେ। ଏହି ଗସ୍ତ ସମୟରେ ରାଜନାଥ ସିଂହ ଶ୍ରୀଲଙ୍କା ରାଷ୍ଟ୍ରପତି ତଥା ପ୍ରତିରକ୍ଷା ମନ୍ତ୍ରୀ ଅନୁରା କୁମାରା ଦିସାନାୟକେଙ୍କୁ ସାକ୍ଷାତ କରି ଦ୍ୱିପାକ୍ଷିକ ଓ ଆଞ୍ଚଳିକ ସୁରକ୍ଷା ପ୍ରସଙ୍ଗରେ ଆଲୋଚନା କରିବେ ।ବିଶେଷ କଥା ହେଉଛି, ୧୯୮୮ ମସିହାରେ ତତ୍କାଳୀନ ପ୍ରତିରକ୍ଷା ମନ୍ତ୍ରୀ କେ.ସି. ପନ୍ତଙ୍କ ଗସ୍ତ ପରେ, ପ୍ରାୟ ୩୮ ବର୍ଷ ପରେ କୌଣସି ଭାରତୀୟ ପ୍ରତିରକ୍ଷା ମନ୍ତ୍ରୀ ଶ୍ରୀଲଙ୍କା ଗସ୍ତ କରୁଛନ୍ତି। ଭାରତ ମହାସାଗରରେ ଶ୍ରୀଲଙ୍କାର କୂଟନୈତିକ ଓ ସାମରିକ ଗୁରୁତ୍ୱକୁ ଦୃଷ୍ଟିରେ ରଖି ଏହି ଭାଗୀଦାରୀ ସାମୁଦ୍ରିକ ସୁରକ୍ଷା, ଚୋରା ଚାଲାଣ ରୋକିବା ଏବଂ ଭାରତର 'ନେବରହୁଡ୍ ଫାଷ୍ଟ' (ସାସନ୍ଦ ନୀତି)କୁ ଅଧିକ ମଜବୁତ କରିବାରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରାଯାଉଛି ।

## ଆରାବଳୀ ପାହାଡ଼ ମାମଲା

# ନଭେମ୍ବର ୩୦ ସୁଦ୍ଧା ରିପୋର୍ଟ ଦେବାକୁ କମିଟିକୁ ନିର୍ଦ୍ଦେଶ ଦେଲେ ସିଜେଆଇ

**ନୂଆଦିଲ୍ଲୀ,୭।୯(ଏଜେନ୍ସି):** ଆରାବଳୀ ପାହାଡ଼ର ସଂଜ୍ଞା ନିରୂପଣ ନେଇ ଗଠିତ ହାଇ ପାୱାର୍ଡ କମିଟି ଉପରେ ଖପ୍ପା ସିଜେଆଇ ସୂର୍ଯ୍ୟକାନ୍ତ । ସମୟସୀମା ବୃଦ୍ଧି ଆବେଦନକୁ ସୁପ୍ରିମକୋର୍ଟଙ୍କ ସିଜେଆଇ ସୂର୍ଯ୍ୟକାନ୍ତ ସିଧାସଳଖ ପ୍ରତ୍ୟାଖ୍ୟାନ କରିବା ସହ ନିରାଶା ପ୍ରକାଶ କରିଛନ୍ତି । କମିଟି ଆଗାମୀ ୨୦୨୭ ଫେବୃଆରୀ ୨୮ ତାରିଖ ପର୍ଯ୍ୟନ୍ତ ସମୟସୀମା ବୃଦ୍ଧି ପାଇଁ ନିବେଦନ କରିଥିଲା, ଯାହାକୁ ଖାରଜ କରି ସିଜେଆଇ କହିଛନ୍ତି ଯେ ଏହା ତ ସିଧାସଳଖ ମୋ ଅବସର ପରର ତାରିଖ ମାଗିବା ଭଳି କଥା। ଯଦି କମିଟି କାର୍ଯ୍ୟ କରିବାକୁ ସକ୍ଷମ ନୁହେଁ, ତେବେ କୋର୍ଟ ଏକ ନୂଆ କମିଟି ଗଠନ କରିବେ ବୋଲି ସେ କଡ଼ା ଚେତାବନୀ ଦେଇଛନ୍ତି ।ସୋମବାର ଏହି ମାମଲାର ଶୁଣାଣି ସମୟରେ ସିଜେଆଇ ସୂର୍ଯ୍ୟକାନ୍ତ, ଜଷ୍ଟିସ ଜୟମାଲ୍ୟ ବାଗଚୀ ଏବଂ ଜଷ୍ଟିସ ଭି. ମୋହନାଙ୍କ ବେଞ୍ଚ କମିଟିକୁ ଦିନରାତି କାମ କରି ଦୁଇ ମାସ ଅର୍ଥାତ ୨୦୨୬ ନଭେମ୍ବର ୩୦ ସୁଦ୍ଧା ଅନ୍ତିମ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ପୂର୍ବରୁ ଏହି ପ୍ୟାନେଲର ରିପୋର୍ଟ ଅଗଷ୍ଟ ୩୧ ସୁଦ୍ଧା ଦାଖଲ ହେବାର ଥିଲା। ଅରାବଳୀ ପାହାଡ଼ ଏବଂ ପର୍ବତମାଳାର ସଂଜ୍ଞା ନିରୂପଣ ଏବଂ ସୁରକ୍ଷା ସମ୍ପର୍କିତ ସମସ୍ୟାର ସମାଧାନ ପାଇଁ କୋର୍ଟଙ୍କ



ନିର୍ଦ୍ଦେଶରେ ଏହି ବିଶେଷଜ୍ଞ ପ୍ୟାନେଲ ଗଠନ କରାଯାଇଥିଲା ।ବେଞ୍ଚ କମିଟିକୁ ନିର୍ଦ୍ଦେଶ ଦେଇଛନ୍ତି ଯେ ସେମାନେ ରାଜସ୍ଥାନ ଓ ଗୁଜରାଟର ଆଦିବାସୀ ସମ୍ପ୍ରଦାୟ ସମେତ ସମସ୍ତ ପକ୍ଷଙ୍କ ସହ ଆଲୋଚନା କରନ୍ତୁ ଏବଂ ଆବଶ୍ୟକ ସ୍ଥଳେ କିଛି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଅନ୍ତରୀଣ ରିପୋର୍ଟ ଦାଖଲ କରନ୍ତୁ, ଯାହାଦ୍ୱାରା କୋର୍ଟ ନିର୍ଦ୍ଦିଷ୍ଟ ପ୍ରଶ୍ନଗୁଡ଼ିକର ପୃଥକ ଭାବେ ସମାଧାନ କରିପାରିବେ। ମାମଲାର ପରବର୍ତ୍ତୀ ଶୁଣାଣି ୨୦୨୬ ଡିସେମ୍ବର ୨ ତାରିଖରେ ହେବ।ପ୍ରକାଶଯୋଗ୍ୟ ଯେ, ସିଜେଆଇ ସୂର୍ଯ୍ୟକାନ୍ତ ୨୦୨୫ ନଭେମ୍ବର ୨୪ରେ ଦାୟିତ୍ୱ ଗ୍ରହଣ କରିଥିଲେ ଏବଂ ୨୦୨୭ ଫେବୃଆରୀ ୯ରେ ଅବସର ଗ୍ରହଣ କରିବେ। ସିଜେଆଇ ସୂର୍ଯ୍ୟକାନ୍ତଙ୍କ ଅବସର ପରେ ଜଷ୍ଟିସ ବିକ୍ରମ ନାଥ ପରବର୍ତ୍ତୀ ପ୍ରଧାନ ବିଚାରପତି ହେବାର ସମ୍ଭାବନା ରହିଛି ।

# ମୁଁ ଶିକ୍ଷିତ ଅଞ୍ଚଳ ଅପେକ୍ଷା ଅପରାଧିକ ଅଞ୍ଚଳରୁ ଅଧିକ ଭୋଟ୍ ପାଇଛି

**ନୂଆଦିଲ୍ଲୀ,୭।୯(ଏଜେନ୍ସି):** ପ୍ରାୟତଃ ନିଜର ସ୍ପଷ୍ଟବାଦୀତା ପାଇଁ ଶିରୋନାମା ପାଲଟିଥିବା କେନ୍ଦ୍ରମନ୍ତ୍ରୀ ନୀତିନ ଗଡକରୀ ଏବେ ପୁଣି ଚର୍ଚ୍ଚାରେ ଅଛନ୍ତି । ସେ କହିଛନ୍ତି ଯେ, ନିର୍ବାଚନ ସମୟରେ ତାଙ୍କୁ ଧନୀ କିମ୍ବା ଶିକ୍ଷିତ ଲୋକଙ୍କ ପ୍ରାଧାନ୍ୟ ଥିବା ଅଞ୍ଚଳ ଅପେକ୍ଷା ଅପରାଧିକ କାର୍ଯ୍ୟକଳାପ, ଅଣ୍ଡରୱାର୍ଲ୍ଡ ସହ ଜଡିତ ଏବଂ ରେଡଲାଇଟ୍ ଏରିଆ ପାଇଁ ଜଣାଶୁଣା ଅଞ୍ଚଳରୁ ଅଧିକ ଭୋଟ୍ ମିଳିଛି । ମୁଁ ଶିକ୍ଷିତ କ୍ଷେତ୍ରରୁ ୭୦ ରୁ ୭୫ ପ୍ରତିଶତ ଭୋଟ୍ ପାଇଛି । ଯେତେବେଳେ ଅପରାଧୀ ଏବଂ ଅଣ୍ଡରୱାର୍ଲ୍ଡ ସହ ଜଡିତ ଅଞ୍ଚଳରୁ ୯୨ ପ୍ରତିଶତ ଭୋଟ ପାଇଛି। ସେ ସ୍ପଷ୍ଟ କରିଛନ୍ତି ଯେ ଏହାର ଅର୍ଥ ନୁହେଁ ଯେ ଅପରାଧୀମାନେ ତାଙ୍କ କାମକୁ ସମର୍ଥନ କରନ୍ତି। ସେ ସ୍ପଷ୍ଟ କରିଛନ୍ତି, ଏହାକୁ ଭୁଲ୍ ବ୍ୟାଖ୍ୟା କରନ୍ତୁ ନାହିଁ। ଭୋଟ



ସଂଖ୍ୟାକୁ ଏପରି ବ୍ୟାଖ୍ୟା କରାଯିବା ଉଚିତ୍ ନୁହେଁ ଯେ ତାଙ୍କର ଅପରାଧିକ ପ୍ରବୃତ୍ତି ଥିବା ଲୋକଙ୍କ ସହିତ ବ୍ୟକ୍ତିଗତ ସମ୍ପର୍କ ଅଛି କିମ୍ବା ସେ ସେମାନଙ୍କ କାର୍ଯ୍ୟକଳାପକୁ ସମର୍ଥନ କରନ୍ତି ।ଗଡକରୀ ବ୍ୟାଖ୍ୟା କରିଛନ୍ତି ଯେ, ସେ ଏହି ଅଞ୍ଚଳଗୁଡ଼ିକରେ ରାସ୍ତା ନିର୍ମାଣ କରିଛନ୍ତି, ଭିତ୍ତିଭୂମି ପ୍ରକଳ୍ପ ନିର୍ମାଣ କରିଛନ୍ତି ଏବଂ ଅନେକ ସାମାଜିକ କାର୍ଯ୍ୟ କରିଛନ୍ତି, ଏବଂ ଏହି ବିକାଶମୂଳକ ପଦକ୍ଷେପଗୁଡ଼ିକ ହିଁ ସେଠାକାର ଲୋକମାନଙ୍କୁ ତାଙ୍କୁ ଭୋଟ୍ ଦେବାକୁ ପ୍ରେରଣା ଦେଇଥିଲା। ଅଞ୍ଚଳର ପୃଷ୍ଠଭୂମି ଅପେକ୍ଷା, ପ୍ରକୃତରେ ଯାହା ଗୁରୁତ୍ୱପୂର୍ଣ୍ଣ ତାହା ହେଉଛି ସେଠାରେ କରାଯାଇଥିବା ବିକାଶ କାର୍ଯ୍ୟ ଏବଂ ଏହା ଦ୍ୱାରା ସୃଷ୍ଟି ହୋଇଥିବା ଲୋକଙ୍କ ମଧ୍ୟରେ ବିଶ୍ୱାସ। ମୁଁ ବିଶ୍ୱାସ କରେ ଯେ ଗଣତନ୍ତ୍ରରେ ବିଶ୍ୱସନୀୟତା ଜିତିଥାଏ, ତାହା ବ୍ୟବସାୟ, ରାଜନୀତି, ଗ୍ରାହକ ଉତ୍ପାଦ କିମ୍ବା ଶିଳ୍ପ ଉତ୍ପାଦ ହେଉ ।ପୂର୍ବରୁ ମେ' ମାସରେ ଏକ ବିବୃତିରେ, ଗଡକରୀ କହିଥିଲେ ଯେ ରାଜନୀତିର ନିୟମ ହେଉଛି ଗୋଟିଏ ଟଙ୍କାର କାମ କରିବା ଏବଂ ୧୦ ଟଙ୍କାର ପ୍ରଚାର ପାଇବା । ନାଗପୁରରେ ଏକ କାର୍ଯ୍ୟକ୍ରମରେ ସେ କହିଥିଲେ, ଆମେ ୧୦ ଟଙ୍କାର କାମ କରିଥିଲୁ କିନ୍ତୁ ୧ ଟଙ୍କାର ପ୍ରଚାର ପାଇଲୁ ନାହିଁ ।

# ଏକେ-୨୦୩ ରାଇଫଲ୍ ପାଇଁ ଗୋଳାବାରୁଦ ତିଆରି କରିବ ଅଦାନୀ ଡିଫେନ୍ସ

**ନୂଆଦିଲ୍ଲୀ,୭।୯(ଏଜେନ୍ସି):** ଭାରତର ପ୍ରତିରକ୍ଷା କ୍ଷେତ୍ରକୁ ସୁଦୃଢ଼ କରିବା ଏବଂ 'ଆତ୍ମନିର୍ଭର ଭାରତ' ଅଭିଯାନକୁ ଆଗକୁ ନେବା ଦିଗରେ ଏକ ବଡ଼ ସଫଳତା ମିଳିଛି। ଅଦାନୀ ଡିଫେନ୍ସ ଆଣ୍ଡ୍ ଏରୋସ୍ପେସ୍, ଇଣ୍ଡୋ-ରସିଆନ୍ ରାଇଫଲ୍ସ ପ୍ରାଇଭେଟ୍ ଲିମିଟେଡ୍ ସହିତ ୫ ବର୍ଷର ଏକ ଗୁରୁତ୍ୱପୂର୍ଣ୍ଣ ଚୁକ୍ତି ସ୍ୱାକ୍ଷର କରିଛି। ଏହି ଚୁକ୍ତି ଅଧୀନରେ ଭାରତରେ ନିର୍ମିତ ହେଉଥିବା ଏକେ-୨୦୩ ରାଇଫଲ୍ ପାଇଁ ଅଦାନୀ ଡିଫେନ୍ସ 7.62x39 ମିମି କାଲିବରର ଗୋଳାବାରୁଦ ପ୍ରସ୍ତୁତ କରି ଯୋଗାଇଦେବ ।ଅଦାନୀ ଡିଫେନ୍ସ ଆଗାମୀ ୫ ବର୍ଷ ପର୍ଯ୍ୟନ୍ତ ଏକେ-୨୦୩ ରାଇଫଲ୍ କାର୍ଯ୍ୟକ୍ରମ ପାଇଁ ଆବଶ୍ୟକ ଛୋଟ ଅସ୍ତ୍ରଶସ୍ତ୍ରର ଗୋଳାବାରୁଦ ଯୋଗାଇବ। ଏହାଦ୍ୱାରା ଦେଶ ଭିତରେ ହିଁ ଗୋଳାବାରୁଦର ନିରବଚ୍ଛିନ୍ନ ଯୋଗାଣ ସମ୍ଭବ ହୋଇପାରିବ। ଉଲ୍ଲେଖ ଥାଉ କି ଭାରତ ଏବଂ ରୁଷର ମିଳିତ ଉଦ୍ୟମରେ ଗଠିତ ଇଣ୍ଡୋ-ରସିଆନ୍ ରାଇଫଲ୍ସ ଉତ୍ତରପ୍ରଦେଶର ଆମେଠି ଜିଲ୍ଲାସ୍ଥିତ କୋରବା ପ୍ଲାଣ୍ଟରେ ଏକେ-୨୦୩ ରାଇଫଲ୍ ତିଆରି କରୁଛି ।ଉଲ୍ଲେଖ ଥାଉ କି, ଡିସେମ୍ବର ୨୦୨୧ରେ ପ୍ରତିରକ୍ଷା ମନ୍ତ୍ରଣାଳୟ ୬,୦୧,୪୨୭ଟି ଏକେ-୨୦୩ ରାଇଫଲ୍ ନିର୍ମାଣ ପାଇଁ ଚୁକ୍ତି କରିଥିଲା। ନିକଟରେ ୧୦୦ ପ୍ରତିଶତ ଭାରତୀୟ ଯନ୍ତ୍ରାଂଶ ଏବଂ କଞ୍ଚାମାଲ ବ୍ୟବହାର କରି 'ଶେର' ନାମକ ପ୍ରଥମ ଇକ-୨୦୩ ରାଇଫଲ୍ ସଫଳତାର ସହ ନିର୍ମାଣ ଓ ପରୀକ୍ଷଣ କରାଯାଇଛି। ଅଦାନୀ ଡିଫେନ୍ସ ନିଜର କାନପୁର ପ୍ଲାଣ୍ଟରେ ଏହି ଗୋଳାବାରୁଦ ନିର୍ମାଣ କ୍ଷମତା ବିକଶିତ କରିଛି। ଏହି ଚୁକ୍ତି ଫଳରେ ରାଇଫଲ୍ ନିର୍ମାଣ ଏବଂ ସେଥିପାଇଁ ଆବଶ୍ୟକ ଗୋଳାବାରୁଦର ଉତ୍ପାଦନ ଗୋଟିଏ ସମନ୍ୱିତ ସପ୍ଲାଇ ଚେନ୍ ମାଧ୍ୟମରେ ସମ୍ଭବ ହୋଇପାରିବ।

# ପଶ୍ଚିମବଙ୍ଗରେ ଭତ୍ତାକୁ ନେଇ ବଡ଼ ପଦକ୍ଷେପ

**ନୂଆଦିଲ୍ଲୀ,୭।୯(ଏଜେନ୍ସି):** ପଶ୍ଚିମବଙ୍ଗରେ ଭତ୍ତାକୁ ନେଇ ବଡ଼ ପଦକ୍ଷେପ ନିଆଯାଇଛି। ସୋମବାର, ସେପ୍ଟେମ୍ବର ୭ରୁ ବର୍ଦ୍ଧିତ ହାରରେ ଭତ୍ତା ପ୍ରଦାନର ଔପଚାରିକ ଶୁଭାରମ୍ଭ ହୋଇଛି। ରାଜ୍ୟ ସଚିବାଳୟ ନବାନ୍ନ ଭବନରୁ ପ୍ରତ୍ୟେକ ହିତାଧିକାରୀଙ୍କ ପାଇଁ ୧୫୦୦ ଟଙ୍କାର ବର୍ଦ୍ଧିତ ବୃଦ୍ଧାବସ୍ଥା ଭତ୍ତା ସେମାନଙ୍କ ଆକାଉଣ୍ଟକୁ ପଠାଯାଇଛି। ଏହାର ପ୍ରଥମ ପର୍ଯ୍ୟାୟରେ ପ୍ରାୟ ୬୦ ଲକ୍ଷ ହିତାଧିକାରୀଙ୍କ ଖାତାକୁ ୧୫୦୦ ଟଙ୍କା ଲେଖାଏଁ ପଠାଯାଇଛି ।ପୂର୍ବରୁ ଏହି ଭତ୍ତା ବାବଦରେ ମାସକୁ ୧୦୦୦ ଟଙ୍କା ମିଳୁଥିଲା। ଏବେ ଏଥିରେ ୫୦୦ ଟଙ୍କା ବୃଦ୍ଧି କରାଯାଇ ୧୫୦୦ ଟଙ୍କା କରାଯାଇଛି। ବୃଦ୍ଧାବସ୍ଥା ଭତ୍ତା ସହ ବିଧବା ଓ ଦିବ୍ୟାଙ୍ଗ ବ୍ୟକ୍ତିମାନେ ମଧ୍ୟ ଏହାର ଲାଭ ପାଇ ପାରିବେ ।ମୋଟ ହିତାଧିକାରୀଙ୍କ ମଧ୍ୟରୁ ପ୍ରାୟ ୨୦ ଲକ୍ଷ ଲୋକ କେନ୍ଦ୍ର ସରକାରଙ୍କ ଜାତୀୟ ସାମାଜିକ ସହାୟତା ଯୋଜନା ଅଧୀନରେ ସହାୟତା ପାଇବେ। ଅନ୍ୟ ୪୦ ଲକ୍ଷ ହିତାଧିକାରୀଙ୍କ ଭତ୍ତା ରାଜ୍ୟ ସରକାର ନିଜସ୍ୱ ସମ୍ବଳରୁ ପ୍ରଦାନ କରିବ। ଏହି ପଦକ୍ଷେପ ଦ୍ୱାରା ରାଜ୍ୟର ଦୁର୍ବଳ ଓ ଆବଶ୍ୟକତା ଥିବା ବର୍ଗଙ୍କୁ ଆର୍ଥିକ ସହାୟତ ମିଳିବ ବୋଲି ଆଶା କରାଯାଉଛି ।ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ ଅଧୀନରେ ମିଳୁଥିବା ମାସିକ ଭତ୍ତାକୁ ମଧ୍ୟ ୧୦୦୦ ଟଙ୍କାରୁ ବଢ଼ାଇ ୧୫୦୦ ଟଙ୍କା କରାଯାଇଛି। ଏହା ଅଧୀନରେ ଇନ୍ଦିରା ଗାନ୍ଧୀ ଜାତୀୟ ବୃଦ୍ଧାବସ୍ଥା ଭତ୍ତା ଯୋଜନା, ଇନ୍ଦିରା ଗାନ୍ଧୀ ଜାତୀୟ ବିଧବା ଭତ୍ତା ଯୋଜନା ଏବଂ ଇନ୍ଦିରା ଗାନ୍ଧୀ ଜାତୀୟ ଦିବ୍ୟାଙ୍ଗ ଭତ୍ତା ଯୋଜନାର ହିତାଧିକାରୀଙ୍କୁ ସିଧାସଳଖ ଖାତାକୁ ଟଙ୍କା ପଠାଯିବ ।ଏହାପୂର୍ବରୁ ପଶ୍ଚିମବଙ୍ଗ ସରକାର ଜରୁରୀକାଳୀନ ପରିସ୍ଥିତି ସମୟରେ ଗଣତନ୍ତ୍ରର ସୁରକ୍ଷା ପାଇଁ ଆନ୍ଦୋଳନ କରିଥିବା ପ୍ରାୟ ୩୨୫ରୁ ୩୩୦ ଜଣଙ୍କୁ ମାସିକ ୧୦ ହଜାର ଟଙ୍କା ଭତ୍ତା ଦେବାକୁ ନିଷ୍ପତ୍ତି ନେଇଥିଲେ। 'ପଶ୍ଚିମବଙ୍ଗ ଗଣତନ୍ତ୍ର ସେନାନୀ ସମ୍ମାନ ଯୋଜନା' ଅଧୀନରେ ଏହି ଭତ୍ତା ପ୍ରଦାନ କରାଯିବ।

# ଆମେରିକାକୁ ସମର୍ଥନ କଲେ ଭୋଗିବ ଭୟଙ୍କର ପରିଣାମ

## ଦକ୍ଷିଣ କୋରିଆକୁ ଇରାନର ଚେତାବନୀ

**ନୂଆଦିଲ୍ଲୀ,୭।୯(ଏଜେନ୍ସି):** ଆମେରିକା ଏବଂ ଇରାନ ମଧ୍ୟରେ ଜାରି ରହିଥିବା ଯୁଦ୍ଧ ଓ ଉତ୍ତେଜନା ମଧ୍ୟରେ ଇରାନ ଏବେ ଦକ୍ଷିଣ କୋରିଆକୁ ସ୍ପଷ୍ଟ ଚେତାବନୀ ଦେଇଛି । ଆମେରିକାର ଚାପରେ ଆସି ଇରାନ ବିରୋଧୀ ସାମରିକ କାର୍ଯ୍ୟାନୁଷ୍ଠାନ କିମ୍ବା ଉପସ୍ଥିତିକୁ ସମର୍ଥନ କଲେ ଏହାର ଗମ୍ଭୀର ପରିଣାମ ଭୋଗିବାକୁ ପଡ଼ିବ ବୋଲି ଇରାନ ଚେତାବନୀ ଦେଇଛି । ଇରାନ ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ଇସମାଇଲ ବାଘାଇ ସୋସିଆଲ ମିଡିଆରେ ଏକ ପୋଷ୍ଟ ସେୟାର କରି କହିଛନ୍ତି ଯେ ଇରାନ ଏବଂ କୋରିଆ ଗଣରାଜ୍ୟ (ଦକ୍ଷିଣ କୋରିଆ) ମଧ୍ୟରେ ୬୪ ବର୍ଷରୁ ଅଧିକ ସମୟର ପୁରୁଣା ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ରହିଛି, ଯାହା ପାରସ୍ପରିକ ସମ୍ମାନ ଆଧାରରେ ଗଢ଼ିଉଠିଛି। ତେବେ ବର୍ତ୍ତମାନର ସଙ୍କଟଜନକ ପରିସ୍ଥିତିରେ, ଯେତେବେଳେ ଇରାନୀ ଜନସାଧାରଣ ଆମେରିକୀୟ ଆକ୍ରମଣର ସମ୍ମୁଖୀନ ହେଉଛନ୍ତି, ସେତେବେଳେ ପାରସ୍ୟ ଉପସାଗର କିମ୍ବା ହର୍ମୁଜ୍ ପ୍ରଣାଳୀରେ ଅନ୍ୟ କୌଣସି ଦେଶର ସାମରିକ ଉପସ୍ଥିତି କିମ୍ବା ଅପରେସନକୁ ଆମେରିକାର ସିଧାସଳଖ ସମର୍ଥନ ଭାବେ ବିବେଚନା କରାଯିବ । ସେ ଆହୁରି ମଧ୍ୟ କହିଛନ୍ତି ଯେ କୌଣସି ସାର୍ବଭୌମ ଏବଂ ଦାୟିତ୍ୱବାନ ରାଷ୍ଟ୍ର ଆମେରିକାର ଚାପ ଏବଂ ଧମକ ନିକଟରେ ମୁଣ୍ଡ



ନନୁଆଁଇ ଇରାନ ବିରୋଧୀ ଅପରାଧ ଓ ଆକ୍ରମଣାତ୍ମକ କାର୍ଯ୍ୟରୁ ଦୂରେଇ ରହିବା ଉଚିତ ।ଅନ୍ୟପଟେ, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନକୁ ସାହାଯ୍ୟ କରୁଥିବା କିମ୍ବା ସମର୍ଥନ ଦେଉଥିବା ଦେଶଗୁଡ଼ିକ ଉପରେ ଚାପ ପକାଇବା ସହ ସେମାନଙ୍କୁ ଭାରୀ କ୍ଷତି ସହିବାକୁ ପଡ଼ିବ ବୋଲି ପୂର୍ବରୁ ଚେତାବନୀ ଦେଇସାରିଛନ୍ତି। ଏହି ପରିପ୍ରେକ୍ଷୀରେ ଇରାନର ଏହି ବକ୍ତବ୍ୟ ଅନ୍ତର୍ଜାତୀୟ ସ୍ତରରେ ସାମରିକ ଓ କୂଟନୈତିକ ଉତ୍ତେଜନାକୁ ଆହୁରି ବୃଦ୍ଧି କରିଛି ।

# ଭାରତ ସହିତ ଚନ୍ଦ୍ର ଅଭିଯାନରେ ସାଥି ହେବ ଆମେରିକା

**ନୂଆଦିଲ୍ଲୀ,୭।୯(ଏଜେନ୍ସି):** ଭାରତରେ ଆମେରିକାର ରାଷ୍ଟ୍ରଦୂତ ସର୍ଗିଓ ଗୋର୍ ଉଭୟ ଦେଶର ମହାକାଶ କାର୍ଯ୍ୟକ୍ରମର ଭବିଷ୍ୟତ ସମ୍ପର୍କରେ ଏକ ଗୁରୁତ୍ୱପୂର୍ଣ୍ଣ ବିବୃତି ଦେଇଛନ୍ତି। ସେ କହିଛନ୍ତି ଯେ, ଆମେରିକା ଚନ୍ଦ୍ରକୁ ପୁଣି ଯିବ, ଏବଂ ଆମେ ଚାହୁଁଛୁ ଯେ, ଯେତେବେଳେ ଏହା ଘଟିବ ସେତେବେଳେ ଭାରତ ଆମ ସହିତ ଥିବ। ସେ ଆହୁରି ମଧ୍ୟ କହିଛନ୍ତି ଯେ ନାସା ଇସ୍‌ରୋକୁ ଏହାର ଚନ୍ଦ୍ର ବେସ୍ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ଆନୁଷ୍ଠାନିକ ଭାବରେ ନିମନ୍ତ୍ରଣ କରିଛି ।ବେଙ୍ଗାଲୁରୁ ସ୍ପେସ୍ ଏକ୍ସପୋ ୨୦୨୬ରେ ଭାଷଣ ଦେଇ ଗୋର୍ କହିଛନ୍ତି, ଭାରତ ଆର୍ଟେମିସ୍ ଚୁକ୍ତିନାମାର ଏକ ଗର୍ବିତ ସ୍ୱାକ୍ଷରକାରୀ ଦେଶ। ଆମେ ଚନ୍ଦ୍ରକୁ ପୁଣି ଯିବୁ। ଆମେ ଚାହୁଁଛୁ ଯେ ଭାରତ ଚନ୍ଦ୍ର ପୃଷ୍ଠରେ ଆମ ସହିତ ରହୁ ।ସର୍ଗିଓ ଗୋର୍‌ଙ୍କ ଏହି ମନ୍ତବ୍ୟ ଏପରି ଏକ ସମୟରେ ଆସିଛି ଯେତେବେଳେ ଆର୍ଟେମିସ୍ ମିଶନ ଅନ୍ତର୍ଗତ ନାସା ବୈଜ୍ଞାନିକ ଆବିଷ୍କାର, ଆର୍ଥିକ ଲାଭ ପାଇଁ ଏବଂ ମଙ୍ଗଳ ଗ୍ରହକୁ ପ୍ରଥମ କ୍ରୁ ମିଶନ ପାଇଁ ଭିତ୍ତିଭୂମି ସ୍ଥାପନ ପାଇଁ ଚନ୍ଦ୍ରର ଅଧିକ ଅଞ୍ଚଳରେ ଅନୁସନ୍ଧାନ କରିବା ପାଇଁ ମହାକାଶଚାରୀମାନଙ୍କୁ ବର୍ଦ୍ଧିତ ଚ୍ୟାଲେଞ୍ଜିଂ ମିଶନରେ ପଠାଇବ ।ମହାକାଶ କ୍ଷେତ୍ରରେ ଭାରତ ଏବଂ ଆମେରିକା ମଧ୍ୟରେ ସହଯୋଗ ଉପରେ ଆଲୋକପାତ କରି ଗୋର୍ କହିଛନ୍ତି ନିସାର ମିଶନ ପ୍ରଦର୍ଶନ କରିଛି ଯେ କିପରି ମିଳିତ ପ୍ରଯୁକ୍ତିବିଦ୍ୟା ସିଧାସଳଖ ଜୀବନ ରକ୍ଷା କରିବାରେ ସାହାଯ୍ୟ କରିପାରିବ। ଯେତେବେଳେ ଆମେ ନିସାରକୁ ଦେଖୁ,



ଆମେ ଦେଖୁ ଯେ ନାସା ଏବଂ ଇସ୍‌ରୋ କେବଳ ବୈଜ୍ଞାନିକ ନୀତିର ଏକ ସ୍ମାରକୀ ସୃଷ୍ଟି କରିନଥିଲେ, ସେମାନେ ଏକ ଜୀବନ ରକ୍ଷାକାରୀ ଭାବନା ସୃଷ୍ଟି କରିଥିଲେ ।ଦୁଇ ମାସ ପୂର୍ବ, ଯେତେବେଳେ ଭେନେଜୁଏଲାରେ ଏକ ଭୟଙ୍କର ଭୂମିକମ୍ପ ଘଟିଥିଲା, ନିସାର ରାଡାର ତଥ୍ୟ ଘନ ମେଘ ଏବଂ ଧୂଳି ମଧ୍ୟ ଦେଇ ଭୂମି ଶୂନ୍ୟରେ ଜରୁରୀକାଳୀନ ପ୍ରତିକ୍ରିୟାକାରୀଙ୍କ ନିକଟରେ ସିଧାସଳଖ ସୂଚନା ପହଞ୍ଚାଇଥିଲା। ଗୋର୍ କହିଛନ୍ତି, ଏହା ଏକ ଉଦାହରଣ, ଯେତେବେଳେ ଆମେ ଏକାଠି କାମ କରୁ, କିପରି ଚମତ୍କାର ଘଟିଥାଏ। ଏହି ମିଳିତ ପ୍ରଯୁକ୍ତିବିଦ୍ୟା ଜୀବନ ବଞ୍ଚାଇବାରେ ସହାୟକ ହେଉଛି ।ମାନବ ମହାକାଶ ଯାତ୍ରାରେ ଭାରତର ବର୍ଦ୍ଧିତ ଭୂମିକା ଏବଂ ଗ୍ରୁପ୍ କ୍ୟାପ୍ଟେନ୍ ଶୁଭାଂଶୁ ଶୁକ୍ଲାଙ୍କ ଅନ୍ତର୍ଜାତୀୟ ମହାକାଶ ଷ୍ଟେସନ ଗସ୍ତ ବିଷୟରେ କହି ଗୋର୍ କହିଛନ୍ତି, ଗତ ବର୍ଷ ଶୁକ୍ଲାଙ୍କ ଅନ୍ତର୍ଜାତୀୟ ମହାକାଶ ଷ୍ଟେସନ ଗସ୍ତ ଭାରତ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମୁହୂର୍ତ୍ତ ଥିଲା, ଯାହା ଆମେରିକାର ସହଯୋଗ ଏବଂ ସହଭାଗୀତା ଦ୍ୱାରା ସମ୍ଭବ ହୋଇପାରିଥିଲା। ଆତ୍ମବିଶ୍ୱାସ କ୍ଷମତା ନିର୍ମାଣ କରେ। କ୍ଷମତା ମହତ୍ତ୍ୱାକାଂକ୍ଷା ନିର୍ମାଣ କରେ, ଏବଂ ମହତ୍ତ୍ୱାକାଂକ୍ଷା ଆମକୁ ଷ୍ଟ୍ରାଟୋସ୍ଫିୟର ବାହାରକୁ ନେଇଯାଏ। ଆକ୍ସିଓମ୍-୪ ମିଶନ ଏବଂ ପାଞ୍ଚଟି ମିଳିତ ବିଜ୍ଞାନ ଅନୁସନ୍ଧାନ ପରେ, ଆମେ ଏବେ ଡକିଂ ମାନକ, ଆନ୍ତଃକାର୍ଯ୍ୟକ୍ଷମତା ଏବଂ ମହାକାଶଚାରୀ ତାଲିମ ଉପରେ ଧ୍ୟାନ ଦେଉଛୁ ବୋଲି ଗୋର୍ କହିଛନ୍ତି।

# 'ମହିଳାଙ୍କ ଯୋଗୁଁ ମୋର ବିଜୟ ହୋଇଛି, ସେମାନଙ୍କ ବିରୋଧରେ ଅପମାନଜନକ ଭାଷାକୁ ସହ୍ୟ କରିବି ନାହିଁ'

**ନୂଆଦିଲ୍ଲୀ,୭।୯(ଏଜେନ୍ସି):** ତାମିଲନାଡୁ ବିଧାନସଭା ଅଧିବେଶନ ସମୟରେ ସୋମବାର ମୁଖ୍ୟମନ୍ତ୍ରୀ ଯୋଶେଫ ବିଜୟ ବିରୋଧୀ ଦଳଗୁଡ଼ିକ ଉପରେ ବର୍ଷିଛନ୍ତି। ବିଜୟ ବିଧାନସଭାରେ କହିଛନ୍ତି, ଲୋକମାନେ ଆନ୍ନା, ଏମଜିଆର, ଏନଟିଆର ଏବଂ ବର୍ତ୍ତମାନ ବିଜୟଙ୍କ ଭଳି ନେତାଙ୍କୁ ଜନାଦେଶ ଦେଇଛନ୍ତି। ମହିଳାମାନେ ମୋ ବିଜୟର ମୁଖ୍ୟ କାରଣ ଏବଂ ମୁଁ ସେମାନଙ୍କ ବିରୋଧରେ ଅପମାନଜନକ ଭାଷାକୁ ସହ୍ୟ କରିବି ନାହିଁ। ରାଜନୈତିକ ସମାଲୋଚନା ତୀବ୍ର ହୋଇପାରେ, କିନ୍ତୁ ମହିଳାଙ୍କ ବିରୋଧରେ କୌଣସି ଅପମାନଜନକ ମନ୍ତବ୍ୟ ଦେବା ଉଚିତ୍ ନୁହେଁ। ସେ ଡିଏମକେ ବିରୋଧରେ ଗମ୍ଭୀର ଅଭିଯୋଗ ଆଣି କହିଛନ୍ତି, ପୂର୍ବତନ ମନ୍ତ୍ରୀ ସେନ୍ଥିଲ ବାଲାଜୀ ଏବଂ ତାଙ୍କ ସହଯୋଗୀମାନେ ତାମିଲନାଡୁ ରାଜ୍ୟ ମାର୍କେଟିଂ ନିଗମ(ଟାସମାକ୍)ର ପ୍ରତ୍ୟେକ ଦୋକାନରୁ ୧୦ ରୁ ୧୦୦ ଟଙ୍କା ପର୍ଯ୍ୟନ୍ତ ବଟି ଆଦାୟ କରୁଥିଲେ। ସେମାନେ କରୁର ଗ୍ୟାଙ୍ଗ ଭାବରେ ଜଣାଶୁଣା ଥିଲେ। ସେମାନେ ଯୋଜନାବଦ୍ଧ ଭାବରେ ଦୁର୍ନୀତି କରୁଥିଲେ। ଡିଏମକେ ଯେଉଁଠାରେ ରହିବ ସେଠାରେ ଖରାପ ହେବା ନିଶ୍ଚିତ। ଡିଏମକେ ମୋତେ ୩ଟି ବିଭାଗର ଫାଇଲ ଖୋଲିବାକୁ ଚ୍ୟାଲେଞ୍ଜ କରିଛି। ମୁଁ ଏ ବିଷୟରେ କହିଥିଲି ଯେ ଡିଏମକେ



ସରକାର ସମୟରେ ଏଥିରେ ଦୁର୍ନୀତି ହୋଇଥିଲା। ତଥାପି, ଏହା ପୂର୍ବରୁ ମୁଁ ୧୯୮୮ ମସିହାରେ ଗଠିତ ସରକାରିଆ କମିସନର ରିପୋର୍ଟ ପଢ଼ିବାକୁ ଚାହୁଁଛି, ଯାହା ଡିଏମକେ ସରକାରଙ୍କ ଦୁର୍ନୀତି ଉପରେ ଗଠିତ ହୋଇଥିଲା। କମିସନ ଅଭିଯୋଗ କରିଥିଲେ ଯେ, ପୂର୍ବତନ ମୁଖ୍ୟମନ୍ତ୍ରୀ କରୁଣାନିଧି ମୁଖ୍ୟମନ୍ତ୍ରୀ ଭାବରେ ତାଙ୍କ ପଦବୀର ଅପବ୍ୟବହାର କରିଥିଲେ। ଇଡି ଏହା ମଧ୍ୟ ଅଭିଯୋଗ କରିଛି ଯେ, ଡିଏମକେ ଦଳୀୟ ପାଣ୍ଠି ମାଧ୍ୟମରେ ଦୁର୍ନୀତିରେ ଲିପ୍ତ ଥିଲା। ଇଡି କହିଛି ଯେ ପୂର୍ବ ସରକାରରେ ମୁଖ୍ୟମନ୍ତ୍ରୀ ଏମକେ ଷ୍ଟାଲିନ, ଉପମୁଖ୍ୟମନ୍ତ୍ରୀ ଉଦୟନିଧି ଷ୍ଟାଲିନ ଏବଂ ମନ୍ତ୍ରୀ ସେନ୍ଥିଲ ବାଲାଜୀ ଦଳୀୟ ପାଣ୍ଠି ନାମରେ ଟଙ୍କା ସଂଗ୍ରହ କରିଥିଲେ। ମୁଖ୍ୟମନ୍ତ୍ରୀ ବିଜୟ କହିଛନ୍ତି ଯେ ଜଣେ ଡିଏମକେ ନେତା କହିଥିଲେ ଯେ ଯେଉଁମାନେ ତାଙ୍କୁ ଭୋଟ ଦେଇ ନାହାଁନ୍ତି ସେମାନେ ମରିବା ଉଚିତ୍। ଏମାନେ ସେହି ଲୋକ ଯେଉଁମାନେ ତାଙ୍କୁ ୫୦ ବର୍ଷ ଧରି ଭୋଟ ଦେଇ ଆସୁଥିଲେ। ଯଦି ଡିଏମକେ ଏପରି ମତ ରଖେ, ତେବେ ରାଜନୈତିକ ଦଳ ହୋଇ ରହିବାର କ'ଣ ଅଧିକାର ଅଛି ଡିଏମକେ ମଧ୍ୟ ମୁଖ୍ୟମନ୍ତ୍ରୀ ବିଜୟଙ୍କୁ ଟାର୍ଗେଟ କରିଛି। ଡିଏମକେ ନେତା ଆରଏସ ଭାରତୀ କହିଛନ୍ତି, ମୁଖ୍ୟମନ୍ତ୍ରୀ ବିଜୟ ତାଙ୍କ ଚଳଚ୍ଚିତ୍ରରେ ଦର୍ଶକଙ୍କୁ ଖୁସି କରିବା ପାଇଁ ଯେଉଁଭଳି ଅଭିନୟ ପ୍ରଦର୍ଶନ କରୁଥିଲେ ଏବେ ବିଧାନସଭାରେ ସେହି ମନୋଭାବ ପ୍ରଦର୍ଶନ କରୁଛନ୍ତି। ସରକାରିଆ କମିସନ ମାମଲାର ସମୟରେ ତାଙ୍କର ଜନ୍ମ ମଧ୍ୟ ହୋଇନଥିଲା। ଏହି ଅଭିଯୋଗ ୧୯୭୨ ମସିହାରେ ଦାୟର କରାଯାଇଥିଲା। ସେବେଠାରୁ ୫୪ ବର୍ଷ ବିତିଗଲାଣି। ଜନସାଧାରଣ ଏହି ସମସ୍ତ ମାମଲାର ସମାଧାନ କରିଛନ୍ତି। ଆମେ ସେବେଠାରୁ ଚାରି ଥର କ୍ଷମତାରେ ରହିଛୁ। ବିଜୟ ତାଙ୍କ ଦର୍ଶକ ଏବଂ ଜନସାଧାରଣଙ୍କୁ ଠକିବାକୁ ଚାହୁଁଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଠାରୁ ଏପରି ଶସ୍ତା, ଚିଡ଼ଚିଡ଼ା ଅଭିନୟ ଆଶା କରାଯାଉ ନଥିଲା। ତାମିଲନାଡୁ ପୂର୍ବରୁ ଏପରି ଦୃଶ୍ୟ କେବେ ଦେଖିନାହିଁ।



# ଏଆଇରୁ ବିଶ୍ୱ ବଜାର ପର୍ଯ୍ୟନ୍ତ: ଆକାଶ ଅମ୍ବାନୀ ରଖିଲେ ଜିଓର ପରବର୍ତ୍ତୀ ରୋଡମ୍ୟାପ୍ ରୂପରେଖ

**ମୁମ୍ବାଇ,୭।୯ (ନି.ପ୍ର) :** ଆଗାମୀ ଏକ ଦଶନ୍ଧିରେ, ଏଆଇ, କନେକ୍ଟିଭିଟି ବା ସଂଯୋଗ ଏବଂ ପ୍ରଯୁକ୍ତିବିଦ୍ୟା ଉପରେ ଜିଓର ବିଶେଷ ଧ୍ୟାନ ରହିବ। କମ୍ପାନୀ ଭାରତରେ ବିକଶିତ ହେଉଥିବା ଜ୍ଞାନକୌଶଳକୁ ବିଶ୍ୱ ବଜାରକୁ ନେବା ପାଇଁ ମଧ୍ୟ ପ୍ରସ୍ତୁତ ହେଉଛି। ଜିଓର ଦଶ ବର୍ଷ ପୂର୍ତ୍ତି ଅବସରରେ କର୍ମଚାରୀମାନଙ୍କୁ ଲେଖିଥିବା ଏକ ଚିଠିରେ ଅଧ୍ୟକ୍ଷ ଆକାଶ ଅମ୍ବାନୀ ଜିଓର ଆଗାମୀ ଦଶନ୍ଧିର ଏହି ରୋଡମ୍ୟାପ୍ ବା ରୂପରେଖ ରଖିଛନ୍ତି। ଆକାଶ ଅମ୍ବାନୀ କହିଛନ୍ତି ଯେ ଜିଓ ଏବେ କେବଳ ଏକ ଟେଲିକମ୍ କମ୍ପାନୀ ଠାରୁ ବେଶ ଆଗକୁ ବଢ଼ିଛି। କନେକ୍ଟିଭିଟି ବା ସଂଯୋଗ ସହିତ, କମ୍ପାନୀ ଡିଜିଟାଲ୍ ଉତ୍ପାଦ, ଏଣ୍ଟରପ୍ରାଇଜ୍ ସମାଧାନ ଏବଂ ଏଆଇ କ୍ଷେତ୍ରରେ ନିଜସ୍ୱ ପ୍ରଯୁକ୍ତି ବିକାଶ କରୁଛି। ପରବର୍ତ୍ତୀ ଲକ୍ଷ୍ୟ ହେଉଛି ଏହି ପ୍ରଯୁକ୍ତିଗୁଡ଼ିକୁ ଭାରତୀୟମାନଙ୍କ ନିକଟରେ ବ୍ୟାପକ ଭାବରେ ପହଞ୍ଚାଇବା ସହିତ ଅନ୍ତର୍ଜାତୀୟ ବଜାରରେ ମଧ୍ୟ ଏହାର ବିସ୍ତାର କରିବା। ଏଆଇକୁ ସେ ଆଗାମୀ ଦିନର ଏକ



ପ୍ରମୁଖ ଶକ୍ତି ଭାବରେ ଉଲ୍ଲେଖ କରିଛନ୍ତି। ସେ କହିବା ଅନୁଯାୟୀ ଏଆଇ ଲୋକମାନଙ୍କ ଏବଂ ବ୍ୟବସାୟଗୁଡିକର କାର୍ଯ୍ୟ କରିବା ପ୍ରକ୍ରିୟା, ନବସୃଜନ ଓ ନୂଆ ସାମଗ୍ରୀ ପ୍ରସ୍ତୁତ କରିବା ଏବଂ ସମସ୍ୟାଗୁଡିକର ସମାଧାନ କରିବାର ପ୍ରକ୍ରିୟା ବଦଳାଇଦେବ। ଜିଓ ଏହି ପରିବର୍ତ୍ତନ ପାଇଁ ଏହାର ନିଜସ୍ୱ ପ୍ରଯୁକ୍ତି ଏବଂ ଡିଜିଟାଲ୍ ପ୍ଲାଟଫର୍ମ ପ୍ରସ୍ତୁତ କରୁଛି। ଆକାଶଙ୍କ ଏହି ବାର୍ତ୍ତା ଏଭଳି ଏକ ସମୟରେ ଆସିଛି ଯେତେବେଳେ ଜିଓ ଏହାର ପରବର୍ତ୍ତୀ କର୍ପୋରେଟ୍ ପର୍ଯ୍ୟାୟ ଆଡକୁ ଆଗକୁ ବଢୁଛି। କମ୍ପାନୀର ଲିଷ୍ଟିଙ୍ଗ ପ୍ରକ୍ରିୟା ମଧ୍ୟ ଆଗକୁ ବଢ଼ିଛି, ଯଦିଓ କର୍ମଚାରୀ ମାନଙ୍କୁ ଲେଖାଯାଇଥିବା ଏହି ଚିଠିର ମୁଖ୍ୟ ପ୍ରସଙ୍ଗ ଆଇପିଓ ଅପେକ୍ଷା ଆଗାମୀ ଦଶକର ପ୍ରଯୁକ୍ତିବିଦ୍ୟା ଏବଂ ବିଶ୍ୱସ୍ତରୀୟ ମହତ୍ୱାକାଂକ୍ଷା ଉପରେ ରହିଛି। ଏହି ଚିଠିରେ ଆକାଶ ଜିଓର ଦଶ ବର୍ଷର ଯାତ୍ରା ପାଇଁ କର୍ମଚାରୀମାନଙ୍କୁ ଶ୍ରେୟ ଦେଇଛନ୍ତି। ସେ କହିଛନ୍ତି ଯେ ଜିଓର କାହାଣୀ କେବଳ ସଂଖ୍ୟା ବିଷୟରେ ନୁହେଁ, ବରଂ ସେହି ଲୋକମାନଙ୍କ ବିଷୟରେ ଯେଉଁମାନେ ଆହ୍ୱାନଗୁଡିକୁ ଗ୍ରହଣ କରିଛନ୍ତି ଏବଂ ପ୍ରତ୍ୟେକ କ୍ଷେତ୍ରରେ ଗ୍ରାହକମାନଙ୍କୁ କେନ୍ଦ୍ରରେ ରଖି କାମ କରିଛନ୍ତି। ଆକାଶ ଅମ୍ବାନୀ ତାଙ୍କ ପିତା ତଥା ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଅଧ୍ୟକ୍ଷ ମୁକେଶ ଅମ୍ବାନୀଙ୍କୁ ମଧ୍ୟ ବିଶେଷ ଧନ୍ୟବାଦ ଜଣାଇଛନ୍ତି। ସେ ଜିଓର ଯାତ୍ରାକୁ ସମ୍ଭବ କରିଥିବା ଦୂରଦୃଷ୍ଟି ଏବଂ ମାର୍ଗଦର୍ଶନ ପାଇଁ ମୁକେଶ ଅମ୍ବାନୀଙ୍କୁ କୃତଜ୍ଞତା ଜଣାଇଛନ୍ତି। ଆକାଶ ଉଲ୍ଲେଖ କରିଛନ୍ତି ଯେ ପ୍ରଥମ ଦଶକ ବିଷୟରେ ଗର୍ବ କରିବା ପାଇଁ ବହୁତ କିଛି ରହିଛି, ତେବେ ହାସଲ କରିବାକୁ ମଧ୍ୟ ବହୁତ କିଛି ବାକି ଅଛି।

# ନେଭମ୍ବର ୨୭ କୁ ଜାତିସଂଘ ଦ୍ୱାରା ବାଲ୍ୟବିବାହ ବିରୋଧୀ ଆନ୍ତର୍ଜାତୀୟ ଦିବସ ଭାବେ ଘୋଷଣା

**ଭୁବନେଶ୍ୱର, ୭।୯ (ନି.ପ୍ର):** ବାଲ୍ୟବିବାହ ବିରୋଧରେ ଭାରତର ଲଢ଼େଇକୁ ଏକ ବଡ଼ ବିଶ୍ୱସ୍ତରୀୟ ସମର୍ଥନ ମିଳିଛି, ଯେଉଁଥିରେ ଜାତିସଂଘ (UN) ନେଭମ୍ବର ୨୭ କୁ ବାଲ୍ୟବିବାହ, ଶୈଶବ ଏବଂ ଜବରଦସ୍ତ ବିବାହ ବିଲୋପ ପାଇଁ ଆନ୍ତର୍ଜାତୀୟ ଦିବସ ଭାବେ ଘୋଷଣା କରିଛି । ଭାରତ ପାଇଁ ଏହି ତାରିଖ ଟିଏକ ସ୍ୱତନ୍ତ୍ର ମହତ୍ତ୍ୱ ବହନ କରେ କାରଣ ୨୦୨୪ ମସିହାର ଏହିଦିନ ଭାରତ ସରକାର 'ବାଲ୍ୟବିବାହ ମୁକ୍ତ ଭାରତ' ଅଭିଯାନ ଆରମ୍ଭ କରିଥିଲେ । 'ଜଷ୍ଟ ରାଇଟ୍ସ ଫର ଚିଲଡ୍ରେନ୍' (JRC) ର ପ୍ରତିଷ୍ଠାତା ଭୁବନ ରିଭୁ, ବାଲ୍ୟବିବାହ ଉଚ୍ଛେଦ କରିବା ପାଇଁ ଏକ ଉତ୍ସର୍ଗୀକୃତ ଦିବସ ନିମନ୍ତେ ଆନ୍ତର୍ଜାତୀୟ ସ୍ତରରେ ପ୍ରଚେଷ୍ଟା ଆରମ୍ଭ କରିଥିଲେ । ୨୦୨୬ ମାର୍ଚ୍ଚ ମାସରେ ମିଳିତ ଜାତିସଂଘରେ ଦେଇଥିବା ଅଭିଭାଷଣ ସମୟରେ, ଭୁବନ ରିଭୁ ଆଫ୍ରିକୀୟ ଦେଶ ସିଏରା ଲିଓନର ପ୍ରଥମ ମହିଳା (ଫାଷ୍ଟ ଲେଡି) ଡକ୍ଟର ଫାତିମା ମାଡା ବାୟୋଙ୍କ ସମେତ ଅନ୍ୟାନ୍ୟ ଆନ୍ତର୍ଜାତୀୟ ନେତାମାନଙ୍କ ଉପସ୍ଥିତିରେ ଏକ ଜାତିସଂଘ ପ୍ରସ୍ତାବ ପାଇଁ ଆହ୍ୱାନକୁ ପୁନର୍ବାର ଦୋହରାଇଥିଲେ, ଯେଉଁମାନେ ଏହି ପଦକ୍ଷେପକୁ ମଧ୍ୟ ସମର୍ଥନ କରିଥିଲେ । ପରବର୍ତ୍ତୀ ସମୟରେ, ଭାରତ ସମେତ ୬୭ଟି ଦେଶର ସମର୍ଥନ କ୍ରମେ ସିଏରା ଲିଓନ, ନେଭମ୍ବର ୨୭ କୁ ବାଲ୍ୟବିବାହ ଶେଷ କରିବା ପାଇଁ ଉତ୍ସର୍ଗୀକୃତ ଅନ୍ତର୍ଜାତୀୟ ଦିବସ ଭାବେ ମନୋନୀତ କରିବା ଲକ୍ଷ୍ୟରେ ଜାତିସଂଘ ମହାସଭାରେ ଏକ ସଂକଳ୍ପ ଉପସ୍ଥାପନ କରି ଏହି ପ୍ରଚେଷ୍ଟାର ନେତୃତ୍ୱ ନେଇଥିଲେ । ସେପ୍ଟେମ୍ବର ୪ ତାରିଖରେ, ଜାତିସଂଘ ଏହି ସଂକଳ୍ପକୁ ଅନୁମୋଦିତ କରିଥିଲା।



JRC ହେଉଛି ବିଶ୍ୱର ସର୍ବବୃହତ୍ ଶିଶୁ ସୁରକ୍ଷା ନେଟୱାର୍କ ଗୁଡ଼ିକ ମଧ୍ୟରୁ ଅନ୍ୟତମ ଏବଂ ଏହା ଆଇନ, ଉତ୍ତରଦାୟିତ୍ୱ ଏବଂ ସାମୂହିକ କାର୍ଯ୍ୟାନୁଷ୍ଠାନ ମାଧ୍ୟମରେ ଶିଶୁ ବିବାହକୁ ସମାପ୍ତ କରିବା ପାଇଁ 'ଚାଇଲ୍ଡ ମ୍ୟାରେଜ୍ ଫ୍ରି ୱାର୍ଲ୍ଡ' ଅଭିଯାନର ନେତୃତ୍ୱ ନେଉଛି। JRC ଶିଶୁମାନଙ୍କୁ ସୁରକ୍ଷା ଦେବା ପାଇଁ ଦାୟୀ ସମସ୍ତ ହିତାଧିକାରୀଙ୍କୁ ଏକାଠି କରିବା ଦିଗରେ କାର୍ଯ୍ୟ କରେ। ଭାରତରେ, ଏହାର ଭାଗୀଦାରୀ ସଂଗଠନଗୁଡ଼ିକ ୭୮୨ଟି ଜିଲ୍ଲାରେ ସରକାର ଏବଂ ଆଇନ ପ୍ରୟୋଗକାରୀ ସଂସ୍ଥାଗୁଡ଼ିକ ସହିତ ମିଶି କାର୍ଯ୍ୟ କରୁଛନ୍ତି, ଯେଉଁଥିରେ ସଂପ୍ରଦାୟ, ସ୍କୁଲ, ପଞ୍ଚାୟତ, ମହିଳା, ଧର୍ମଗୁରୁ, ପୋଲିସ, ରାଜନୈତିକ ପ୍ରତିନିଧି ଏବଂ ଦୁର୍ବଳ ଜନସଂଖ୍ୟାକୁ ସଚେତନ ଓ ସଂଗଠିତ କରାଯାଉଛି। ଓଡିଶା ୩୦ଟି ଜିଲ୍ଲାରେ ୧୪ ଭାଗୀଦାରୀ ସଂଗଠନ ସହିତ କାର୍ଯ୍ୟ କରି, JRC ଗତ ତିନି ବର୍ଷ ମଧ୍ୟରେ ରାଜ୍ୟର ୨୯,୨୩୧ଟି ଶିଶୁ ବିବାହକୁ ରୋକିବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଛି, ଯାହା ଭାରତରେ ୫,୫୦,୦୦୦ରୁ ଅଧିକ ଶିଶୁ ବିବାହକୁ ବନ୍ଦ ଏବଂ ପ୍ରତିହତ କରିଥିବା ଏକ ବ୍ୟାପକ ପ୍ରୟାସର ଏକ ଅଂଶ ଅଟେ।

ଜାତିସଂଘର ଏହି ଘୋଷଣାକୁ ସ୍ୱାଗତ କରି ଜଷ୍ଟ ରାଇଟ୍ସ ଫର ଚିଲଡ୍ରେନ୍‌ର ପ୍ରତିଷ୍ଠାତା ଭୁବନ ରିଭୁ କହିଛନ୍ତି, 'ଭାରତ ଆଜି ଶିଶୁ ସୁରକ୍ଷା କ୍ଷେତ୍ରରେ 'ବିଶ୍ୱଗୁରୁ' ଅଟେ।' ସେ ଆହୁରି ମଧ୍ୟ କହିଛନ୍ତି ଯେ ପ୍ରଥମେ ଶିଶୁ ଏବଂ ସମ୍ପ୍ରଦାୟ ଦ୍ୱାରା ଆରମ୍ଭ ହୋଇଥିବା ଏବଂ ପରେ ସରକାରଙ୍କ ଦ୍ୱାରା ସମର୍ଥିତ ତଥା ପରିଚାଳିତ 'ଚାଇଲ୍ଡ ମ୍ୟାରେଜ୍ ଫ୍ରି ଇଣ୍ଡିଆ' ଅଭିଯାନର ୨୭ ନେଭମ୍ବର ୨୦୨୪ର ୨୫ କୋଟିର ଅଧିକ ଜନସାଧାରଣ ଏକାଠି ହୋଇ ଶପଥ ନେଇଥିଲେ, ଯାହା ଆଜି ସମଗ୍ର ବିଶ୍ୱ ଦ୍ୱାରା ଏକ ଆନ୍ତର୍ଜାତିକ ଦିବସ ଭାବେ ଗୃହସ୍ୱୀକୃତ ହୋଇଛି। ଏହା ସମସ୍ତ ଭାରତୀୟଙ୍କ ପାଇଁ ଏକ ଗର୍ବର ମୁହୂର୍ତ୍ତ ଏବଂ ଏହି ସଫଳତା ପଛରେ ଥିବା ପରିଶ୍ରମ ଓ ତ୍ୟାଗ ପାଇଁ ମୁଁ ଶିଶୁମାନଙ୍କୁ, ସମ୍ପ୍ରଦାୟର ନେତୃବୃନ୍ଦ, ଧର୍ମଗୁରୁ ଏବଂ ବିଶେଷକରି ମୋର NGO ସହଯୋଗୀମାନଙ୍କୁ ଅଭିନନ୍ଦନ ଓ କୃତଜ୍ଞତା ଜଣାଉଛି। ମୁଁ ପ୍ରଧାନମନ୍ତ୍ରୀ ନେରନ୍ଦ୍ର ମୋଦୀ ଏବଂ କେନ୍ଦ୍ର ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଶ୍ରୀମତୀ ଅନ୍ନପୂର୍ଣ୍ଣା ଦେବୀଙ୍କ ନେତୃତ୍ୱାଧୀନ ଭାରତ ସରକାରଙ୍କୁ ସେମାନଙ୍କର ଦୃଢ଼ ନେତୃତ୍ୱ ଏବଂ ପ୍ରତିବଦ୍ଧତା ପାଇଁ ସ୍ୱତନ୍ତ୍ର ଭାବେ ଧନ୍ୟବାଦ ଜଣାଉଛି। ବିଶ୍ୱ ଆମ ଆଡ଼କୁ ଚାହିଁଛି ଏବଂ ଆମର କାମ ଏବେ କେବଳ ଆରମ୍ଭ ହୋଇଛି।

# ଆକ୍ସିସ୍ ବ୍ୟାଙ୍କ ପକ୍ଷରୁ ଭାରତର ଜାତୀୟ କ୍ରୀଡ଼ା ଦିବସ ପାଳିତ

**ଭୁବନେଶ୍ୱର, ୭।୯ (ନି.ପ୍ର) :** ଜାତୀୟ କ୍ରୀଡ଼ା ଦିବସ ୨୦୨୬ ପରିପ୍ରେକ୍ଷୀରେ ଭାରତର ଅନ୍ୟତମ ବୃହତ୍ତମ ବେସରକାରୀ ବ୍ୟାଙ୍କ ଆକ୍ସିସ ବ୍ୟାଙ୍କ ଏକ କ୍ରୀଡ଼ା ଶକ୍ତି ଭାବରେ ଭାରତର ନିରନ୍ତର ଆବିର୍ଭାବକୁ ପାଳନ କରୁଛି ଓ ଦେଶର ପ୍ରମୁଖ କ୍ରୀଡ଼ା ଅନୁଷ୍ଠାନଗୁଡ଼ିକ ସହିତ ରଣନୈତିକ ସହଭାଗିତା ମାଧ୍ୟମରେ ଏହାର ଅଭିବୃଦ୍ଧିରେ ଯୋଗଦାନ କରି ଗର୍ବିତ ଯାହା ୩ ବର୍ଷରୁ କମ୍ ସମୟ ମଧ୍ୟରେ ପ୍ରାୟ ୧,୧୦୦ କ୍ରୀଡ଼ାବିତ, ପାରା-କ୍ରୀଡ଼ାବିତ, ପ୍ରଶିକ୍ଷକ ଓ ଅନ୍ୟାନ୍ୟ ପେସାଦାରମାନଙ୍କୁ ସହାୟତା କରିସାରିଛି। ଆକ୍ସିସ୍ ବ୍ୟାଙ୍କର ସିଏସଆର୍ ରଣନୀତିରେ କ୍ରୀଡ଼ା ଏକ ପ୍ରମୁଖ ପ୍ରାଥମିକତା କ୍ଷେତ୍ର ଭାବେ ରହିଆସିଛି। ଆର୍ଥିକ ବର୍ଷ ୨୦୨୪-୨୫ ରେ ଏହି କ୍ଷେତ୍ର ଅଧୀନରେ ବ୍ୟାଙ୍କ ଏହାର ପ୍ରଥମ କାର୍ଯ୍ୟକ୍ରମ ଆରମ୍ଭ କରିଥିଲା। ଭାରତୀୟ କ୍ରୀଡ଼ା କ୍ଷେତ୍ରର ଅଗ୍ରଣୀ ପ୍ରତିଷ୍ଠାନଗୁଡ଼ିକ ସହ ମିଳିତ ଭାବେ କାର୍ଯ୍ୟ କରି ବ୍ୟାଙ୍କର ପଦକ୍ଷେପଗୁଡ଼ିକରେ କ୍ରୀଡ଼ାବିତ୍‌ମାନଙ୍କ ପ୍ରଶିକ୍ଷଣ ଓ ବିକାଶକୁ ସମର୍ଥନ, କ୍ରୀଡ଼ା ବିଜ୍ଞାନ ଓ କ୍ରୀଡ଼ା ଚିକିତ୍ସାର ଅଧିକ ସମନ୍ୱୟ ଓ ବ୍ୟବହାରକୁ ପ୍ରୋତ୍ସାହନ ଦେବା ସହ ଏଭଳ ବିଶ୍ୱସ୍ତରୀୟ କ୍ରୀଡ଼ା ଭିତ୍ତିଭୂମି ସୃଷ୍ଟି କରିବା ସାମିଲ ରହିଛି, ଯାହା ଆଗାମୀ ଦଶନ୍ଧିଗୁଡ଼ିକ ଧରି ଭାରତୀୟ କ୍ରୀଡ଼ାକୁ ସେବା ପ୍ରଦାନ କରିବ। ଚଳିତ ବର୍ଷର ଜାତୀୟ କ୍ରୀଡ଼ା ଦିବସ ଗ୍ଲାସଗୋରେ ଆୟୋଜିତ ୨୩ତମ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଭାରତର ଦୃଢ଼ ପ୍ରଦର୍ଶନର ପରିପ୍ରେକ୍ଷୀରେ ଆସିଛି ଯେଉଁଠାରେ ଦେଶ ୧୩ଟି ସ୍ୱର୍ଣ୍ଣ ସମେତ ୩୯ଟି ପଦକ ଜିତିଥିଲା। ଏହ କ୍ରୀଡ଼ାରେ ଓଜିକ୍ୟୁ ସହିତ ବ୍ୟାଙ୍କର ସହଭାଗିତା ଅଧୀନରେ ସହାୟତା ପ୍ରାପ୍ତ ୨୦ ଜଣ କ୍ରୀଡ଼ାବିତଙ୍କ ମଧ୍ୟରୁ ୧୪ ଜଣ କ୍ରୀଡ଼ାବିତ ୪ଟି କ୍ରୀଡ଼ାରେ ଭାରତ ପାଇଁ ୯ଟି ସ୍ୱର୍ଣ୍ଣ ପଦକ ସମେତ ପଦକ ସୁରକ୍ଷିତ କରିଥିଲେ। ପଦକ ବିଜେତାମାନଙ୍କ ମଧ୍ୟରେ ଜୁଡୋକା ଯାମିନୀ ମୌର୍ଯ୍ୟ (ରୌପ୍ୟ-ମହିଳା ୫୭ କିଗ୍ରା ବର୍ଗ) ଏବଂ ଉନ୍ନତି ଶର୍ମା (କାଂସ୍ୟ-ମହିଳା ୬୩ କିଗ୍ରା ବର୍ଗ) ଥିଲେ ଯେଉଁମାନେ ଇନ୍ସପାୟାର ଇନଷ୍ଟିଚ୍ୟୁଟ୍ ଅଫ୍ ସ୍ପୋର୍ଟ (ଆଇଆଇଏସ୍) ସହିତ ସହଭାଗିତାରେ ଆକ୍ସିସ ବ୍ୟାଙ୍କ ଜୁଡୋ ଡେଭେଲପମେଂଟ ପ୍ରୋଗ୍ରାମ ଅଧୀନରେ ତାଲିମ ନେଉଛନ୍ତି। ଏହି ଅବସରରେ ଆକ୍ସିସ ବ୍ୟାଙ୍କର ହୋଲସେଲ ବ୍ୟାଙ୍କ କଭରେଜ, କୋର୍ପୋରେଟ୍ ସାଲାରି, ସଷ୍ଟେନେବିଲିଟି ଓ ସିଏସଆରର ଗ୍ରୁପ୍ ମୁଖ୍ୟ ବିଜୟ ମୁଲବାଗାଲ କହିଛନ୍ତି ଯେ,"କ୍ରୀଡ଼ାରେ ସମଗ୍ର ଦେଶକୁ ପ୍ରେରଣା ଦେବା, ଏକତ୍ରିତ କରିବା ଏବଂ ଆକାର ଦେବାର ଶକ୍ତି ରହିଛି। ଏହା କେବଳ ପ୍ରଦର୍ଶନ କିମ୍ବା ପଦକ ଜିତିବା ମଧ୍ୟରେ ସୀମିତ ନୁହେଁ; ବିଶେଷକରି ଶିଶୁ ଓ ଯୁବପିଢ଼ି ମଧ୍ୟରେ ଦୃଢ଼ ମାନସିକତା ଗଢ଼ିବା, ଶୃଙ୍ଖଳାର ବିକାଶ କରିବା ଏବଂ ଚରିତ୍ର ଗଠନରେ ଏହା ଗୁରୁତ୍ୱପୂର୍ଣ୍ଣ। ଦେଶର ବିଭିନ୍ନ ଅଲିମ୍ପିକ୍ ଓ ପାରାଲିମ୍ପିକ୍ କ୍ରୀଡ଼ା ବିଭାଗର ଅଗ୍ରଣୀ କ୍ରୀଡ଼ା ସଂଗଠନଗୁଡ଼ିକ ସହ ଆମର ସହଯୋଗ ମାଧ୍ୟମରେ, ଆମେ ଉଦୀୟମାନ ପ୍ରତିଭା ସହିତ ଭାରତର ଶୀର୍ଷ କ୍ରୀଡ଼ାବିତ୍‌ମାନଙ୍କ ପାଇଁ ଅଧିକ ସୁଯୋଗ ସୃଷ୍ଟି କରିବା ସହ ଦୀର୍ଘ ସମୟ ଧରି ଭାରତୀୟ କ୍ରୀଡ଼ାକୁ ସେବା ଯୋଗାଇପାରିବା ଭଳି ବିଶ୍ୱସ୍ତରୀୟ ଭିତ୍ତିଭୂମି ସୃଷ୍ଟିରେ ମଧ୍ୟ ଯୋଗଦାନ କରିବାକୁ ଲକ୍ଷ୍ୟ ରଖିଛୁ।" ୨୦୨୪-୨୫ ଠାରୁ ଆକ୍ସିସ ବ୍ୟାଙ୍କ ଫାଉଣ୍ଡେସନ୍ ଫର୍ ପ୍ରୋମୋସନ୍ ଅଫ୍ ସ୍ପୋର୍ଟସ୍ ଆଣ୍ଡ ଗେମ୍ସ (ଏଫ୍‌ପିଏସ୍‌ଜି) ସହିତ ସହଭାଗିତାରେ ଚାଲୁଥିବା ଭାରତର ଅନ୍ୟତମ ପ୍ରମୁଖ ଉଚ୍ଚ-ପ୍ରଦର୍ଶନକାରୀ କ୍ରୀଡ଼ା ବିକାଶ କାର୍ଯ୍ୟକ୍ରମ ଓଜିକ୍ୟୁକୁ ସହାୟତା କରିଆସୁଛି। କେବଳ ୨୦୨୫-୨୬ ରେ ଓଜିକ୍ୟୁ ୧୧ଟି ଅଲିମ୍ପିକ୍ ଏବଂ ୯ଟି ପାରାଲିମ୍ପିକ୍ ଶୃଙ୍ଖଳାରେ ୪୬୮ ଜଣ ଆଥଲେଟ୍ ଏବଂ ପାରା ଆଥଲେଟଙ୍କୁ କୋଚିଂ, କ୍ରୀଡ଼ା ବିଜ୍ଞାନ, ପୋଷଣ, ଫିଜିଓଥେରାପି, ପ୍ରତିଯୋଗିତା ଏକ୍ସପୋଜର ଓ ଅନ୍ୟାନ୍ୟ ସହାୟତା ସେବାରେ ସୁଧାର ଆଣିବା ପାଇଁ ସହାୟତା କରିଥିଲା। ଏହି କାର୍ଯ୍ୟକ୍ରମ ଓଜିକ୍ୟୁ ଦ୍ୱାରା ସହାୟତା ପ୍ରାପ୍ତ ଏକାଡେମୀଗୁଡ଼ିକରେ ଉଦୀୟମାନ ପ୍ରତିଭା ବିକଶିତ କରିବାରେ ମଧ୍ୟ ସାହାଯ୍ୟ କରୁଛି। ପ୍ରତିଭା ବିକାଶ ଉପରେ ବ୍ୟାଙ୍କର ଧ୍ୟାନ ଜୁଡୋରେ ମଧ୍ୟ ଉତ୍ସାହଜନକ ଫଳାଫଳ ଦେଇଛି।

# ନେକ୍ସସ ଏସପ୍ଲାନେଡ୍ ପାଳନ କରୁଛି ଏକ ପରିବେଶ-ଅନୁକୂଳିତ ଗଣେଶ ଚତୁର୍ଥୀ ଉତ୍ସବ

**ଭୁବନେଶ୍ୱର, ୭।୯ (ନି.ପ୍ର) :** ନେକ୍ସସ ଏସପ୍ଲାନେଡ୍, ସହରର ପ୍ରମୁଖ ଲାଇଫଷ୍ଟାଇଲ ଏବଂ ସପିଙ୍ଗ ଗନ୍ତବ୍ୟସ୍ଥଳ, ଏହାର ସ୍ୱତନ୍ତ୍ର 'ଗଣେଶଙ୍କୁ ଘରକୁ ଆଣନ୍ତୁ' ଅଭିଯାନ ମାଧ୍ୟମରେ ଏହି ଗଣେଶ ଚତୁର୍ଥୀରେ ପରିବାରଗୁଡ଼ିକୁ ଏକ ସୃଜନଶୀଳ ଏବଂ ପରିବେଶ-ଅନୁକୂଳିତ ଉପାୟରେ ପ୍ରଭୁ ଗଣେଶଙ୍କୁ ସ୍ୱାଗତ କରିବାକୁ ନିମନ୍ତ୍ରଣ କରୁଛି। ସେପ୍ଟେମ୍ବର ୫ ଏବଂ ୬ ତାରିଖ ଦିନ ଅପରାହ୍ନ ୧୨ଟାରୁ ରାତ୍ରି ୮ଟା ପର୍ଯ୍ୟନ୍ତ ନେକ୍ସସ ଏସପ୍ଲାନେଡ୍‌ର ଆଟ୍ରିୟମ ଏରିଆଠାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ, ଯେଉଁଠାରେ ଦର୍ଶକମାନେ ନିଜେ ପରିବେଶ-ଅନୁକୂଳିତ ଗଣେଶ ମୂର୍ତ୍ତି ତିଆରି କରି ବପ୍ପାଙ୍କୁ ନିଜ ଘରକୁ ନେବାର ସୁଯୋଗ ପାଇବେ। ନେକ୍ସସ ଏସପ୍ଲାନେଡ୍ ଷ୍ଟୋରରୁ କିଣାକିଣି କରୁଥିବା ଯେକୌଣସି ଅଂଶଗ୍ରହଣକାରୀ ଗ୍ରାହକଙ୍କ ପାଇଁ ଏହି କାର୍ଯ୍ୟକ୍ରମରେ ଭାଗନେବା ସମ୍ପୂର୍ଣ୍ଣ ମାଗଣା ଅଟେ, ଯାହା ଉପଲବ୍ଧତା ଉପରେ ନିର୍ଭର କରେ। 'ଗଣେଶଙ୍କୁ ଘରକୁ ଆଣନ୍ତୁ' ବାପ୍ପାଙ୍କ ଆଗମନରେ ଏକ ବ୍ୟକ୍ତିଗତ ସ୍ପର୍ଶ ଯୋଡ଼ିଥାଏ, ଯାହା ପରିବାରଗୁଡ଼ିକୁ କେବଳ ଏକ ତିଆରି ହୋଇଥିବା ମୂର୍ତ୍ତି ଘରକୁ ନେବା ପରିବର୍ତ୍ତେ ନିଜେ ମୂର୍ତ୍ତି ଗଢ଼ିବାର ପ୍ରକ୍ରିୟାରେ ଅଂଶଗ୍ରହଣ କରିବାର ସୁଯୋଗ ଦେଇଥାଏ। ଏକାଠି ମୂର୍ତ୍ତି ଗଢ଼ିବା ଠାରୁ ଆରମ୍ଭ କରି ଏହାକୁ ଘରକୁ ନେବା ପର୍ଯ୍ୟ', ଏହି ଅନୁଭୂତି ମଲ ସୀମା ବାହାରେ ମଧ୍ୟ ପାର୍ବଣର ଆନନ୍ଦଦାୟକ ସ୍ମୃତି ସୃଷ୍ଟି କରିବା ପାଇଁ ପ୍ରସ୍ତୁତ କରାଯାଇଛି।

ଯେହେତୁ ଗଣେଶ ଚତୁର୍ଥୀ ସମାଜକୁ ଉତ୍ସବର ପରିବେଶରେ ଏକାଠି ଆଣିଥାଏ, ନେକ୍ସସ ଏସପ୍ଲାନେଡ୍‌ର ଲକ୍ଷ୍ୟ ହେଉଛି ପରିବେଶ-ଅନୁକୂଳିତ ଉପାୟକୁ ପ୍ରୋତ୍ସାହିତ କରିବା ସହ ଏହି ଅବସରକୁ ପରିବାରଗୁଡ଼ିକ ପାଇଁ ଅଧିକ ଆକର୍ଷଣୀୟ ଓ ମନୋରମ କରିବା। ଏହି ଅଭିଯାନ ମାଧ୍ୟମରେ, ମଲ ଏପରି ଏକ ସ୍ଥାନ ସୃଷ୍ଟି କରୁଛି ଯେଉଁଠାରେ ପରମ୍ପରା ଏବଂ ସୃଜନଶୀଳତା ଏକାଠି ହେଉଛନ୍ତି, ଯାହାକି ଦର୍ଶକମାନଙ୍କୁ ସେମାନଙ୍କ ଘରକୁ ବାପ୍ପାଙ୍କୁ ସ୍ୱାଗତ କରିବା ପାଇଁ ଏକ ସ୍ୱତନ୍ତ୍ର ଉପାୟ ପ୍ରଦାନ କରୁଛି।

# କଲ୍ୟାଣ ଜୁଏଲର୍ସ ପକ୍ଷରୁ ରାୟଗଡ଼ାରେ ନୂତନ ଶୋରୁମ ଉଦ୍‌ଘାଟିତ

**ରାୟଗଡ଼ା, ୭।୯ (ନି.ପ୍ର) :** ଭାରତର ସବୁଠୁ ବିଶ୍ୱସ୍ତ ଓ ଅଗ୍ରଣୀ ଅଳଙ୍କାର ବ୍ରାଣ୍ଡ କଲ୍ୟାଣ ଜୁଏଲର୍ସ ପକ୍ଷରୁ ଓଡ଼ିଶାର ରାୟଗଡ଼ାରେ ସମ୍ପୂର୍ଣ୍ଣ ନୂତନ ଶୋରୁମ ଉଦଘାଟନ ଘୋଷଣା କରାଯାଇଛି। ବଲିଉଡ ଅଭିନେତ୍ରୀ ଶ୍ରୀଲୀଲା ୨୦୨୬ ସେପ୍ଟେମ୍ବର ୮, ଅପରାହ୍ନ ୫ଟା ୩୦ ମିନିଟ୍‌ରେ ଉଭୟ କଲ୍ୟାଣ ଜୁଏଲର୍ସ ଓ ଏହାର ଲାଇଫଷ୍ଟାଇଲ୍ ଗହଣା ବ୍ରାଣ୍ଡ କ୍ୟାଣ୍ଡିୟର ସୋରୁମ୍‌କୁ ଉଦଘାଟନ କରିବେ। ଏହି ଅଂଚଳର ମୁଖ୍ୟ ବଜାରଗୁଡ଼ିକରେ ବ୍ରାଣ୍ଡର ଦୃଢ଼ ଉପସ୍ଥିତି ରହିଛି। ଏହି ନୂଆ ଶୋରୁମ ଏକ ବିଶ୍ୱସ୍ତରୀୟ ବ୍ୟବସାୟିକ ପରିବେଶରେ ଏକ ବିସ୍ତୃତ ଡିଜାଇନ୍ ପ୍ରଦର୍ଶିତ କରିବ। ଓଡ଼ିଶାରେ କଲ୍ୟାଣ ଜୁଏଲର୍ସର ସମ୍ପ୍ରସାରଣରେ ଏହି ଶୁଭାରମ୍ଭ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଂଟ ଯାହା ରାୟଗଡ଼ା ଓ ଆଖପାଖର ଗ୍ରାହକଙ୍କ ନିକଟରେ ଏକ ବିଶ୍ୱସନୀୟ ଗହଣା ସପିଂ ଅନୁଭୂତିକୁ ପହଂଚାଇବାରେ ଏହାର ପ୍ରତିବଦ୍ଧତାକୁ ସୁଦୃଢ଼ କରିବ। ଏହି ନୂଆ ସୋରୁମରେ ସୁନା, ହୀରା ଓ ମୂଲ୍ୟବାନ ଷ୍ଟୋନ ଗହଣାର ଏକ ବ୍ୟାପକ ସମ୍ଭାର ରହିଛି ଯେଉଁଥିରେ ପାରମ୍ପରିକ କାରିଗରୀ ସହିତ ସମସାମୟିକ ଡିଜାଇନର ମିଶ୍ରଣ ରହିଛି ଯାହା ଗ୍ରାହକଙ୍କ ପ୍ରାଥମିକତାକୁ ପୂରଣ କରିବ। ଏହି ସମ୍ପ୍ରସାରଣ ସମ୍ପର୍କରେ କଲ୍ୟାଣ ଜୁଏଲର୍ସର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ରମେଶ କଲ୍ୟାଣରମଣ କହିଛନ୍ତି ଯେ, ' ଓଡ଼ିଶା ଆମ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ବଜାର ଏବଂ ରାୟଗଡ଼ାରେ ଆମ ପ୍ରଥମ ସୋରୁମ ଜରିଆରେ ଆମ ଉପସ୍ଥିତିକୁ ସୁଦୃଢ଼ କରି ଆମେ ଉଲ୍ଲସିତ। ଏହି ସମ୍ପ୍ରସାରଣ ଅଂଚଳରେ ଗ୍ରାହକମାନଙ୍କ ନିକଟରେ କଲ୍ୟାଣ ଜୁଏଲର୍ସର ଅନୁଭୂତିକୁ ପହଂଚାଇବା ପାଇଁ ଆମର ରହିଥିବା ପ୍ରତିବଦ୍ଧତାକୁ ଏହି ସମ୍ପ୍ରସାରଣ ପ୍ରତିଫଳିତ କରୁଛି। ଚମତ୍କାର କାରିଗରୀ, ବ୍ୟାପକ ସଂଗ୍ରହ ଓ ଗୋଟିଏ ଛାତ ତଳେ ଶ୍ରେଷ୍ଠ ମାନର ସେବା ସହିତ ଏହି ନୂଆ ସୋରୁମ ଆମ ଗ୍ରାହକମାନଙ୍କୁ ଉଲ୍ଲେଖନୀୟ ଗହଣା ସପିଂ ଅନୁଭୂତି ପ୍ରଦାନ କରିବ ବୋଲି ଆମର ବିଶ୍ୱାସ ରହିଛି। ଉଦଘାଟନ ଉପଲକ୍ଷେ କଲ୍ୟାଣ ଜୁଏଲର୍ସ ଆକର୍ଷଣୀୟ ଉଦଘାଟନୀ ଅଫର ଘୋଷଣା କରିଛି ଯେଉଁଥିରେ ସୁନା ଓ ହୀରା ଗହଣା ଗଢ଼ା ମୂଲ୍ୟ ଶୂନ ପ୍ରତିଶତ ପର୍ଯ୍ୟନ୍ତ ଅଫର ରହିଛି ଏଥି ସହିତ କମ୍ପାନିର ସ୍ୱତନ୍ତ୍ର ସୁନା ବୋର୍ଡ ମୂଲ୍ୟ ଯାହା ବଜାରରେ ସର୍ବନିମ୍ନ ଓ କଲ୍ୟାଣ ଜୁଏଲର୍ସର ସମସ୍ତ ଶୋରୁମ୍ ପାଇଁ ସମାନ ତାହା ସୀମିତ ସମୟ ପାଇଁ ଉପଲବ୍ଧ ହେବ ଯାହା ଗ୍ରାହକମାନଙ୍କ ପାଇଁ ସର୍ବାଧିକ ମୂଲ୍ୟ ସ୍ୱଚ୍ଛତାକୁ ସୁନିଶ୍ଚିତ କରିବ।

# ଭାରତରେ ବ୍ୟକ୍ତିଗତ ଋଣ ଏକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଦେଇ ଗତି କରୁଛି

**ଭୁବନେଶ୍ୱର, ୭।୯ (ନି.ପ୍ର) :** ଭାରତରେ ବ୍ୟକ୍ତିଗତ ଋଣ ଏକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଦେଇ ଗତି କରୁଛି। ବ୍ୟକ୍ତିଗତ ଋଣ, ଏକଦା ଜରୁରୀକାଳୀନ ପରିସ୍ଥିତି କିମ୍ବା ଆର୍ଥିକ ସଙ୍କଟ ସହିତ ଜଡିତ, ଆକାଂକ୍ଷା ଏବଂ ବ୍ୟବହାରିକ ଆବଶ୍ୟକତା ଉଭୟ ପୂରଣ କରିବା ପାଇଁ ଯୋଜନାବଦ୍ଧ ଆର୍ଥିକ ଉପକରଣ ଭାବରେ ବର୍ଦ୍ଧିତ ଭାବରେ ବ୍ୟବହାର କରାଯାଉଛି। ଏହି ପରିବର୍ତ୍ତନ ବିଶେଷ ଭାବରେ ଯୁବ ଗ୍ରାହକ ଏବଂ ଧନୀ ଋଣଗ୍ରହୀତାଙ୍କ ମଧ୍ୟରେ ଦୃଶ୍ୟମାନ ହେଉଛି, ଯେଉଁମାନେ ଦୀର୍ଘକାଳୀନ ନିବେଶକୁ ବାଧା ନ ଦେଇ ରଣନୀତିକ ଭାବରେ ଋଣ ବ୍ୟବହାର କରିବାରେ ଅଧିକ ଆରାମଦାୟକ ହେଉଛନ୍ତି। କୋଟକ ମହିନ୍ଦ୍ରା ବ୍ୟାଙ୍କର ବିଜନେସ୍ ହେଡ୍ - ପର୍ସୋନାଲ୍ ଲୋନ୍ ଅମିତ ପାଠକଙ୍କ ଅନୁଯାୟୀ, 'ପରିବର୍ତ୍ତନ ଦୁଇଟି ସମାନ୍ତରାଳ ଧାରା ଦ୍ୱାରା ପରିଚାଳିତ ହେଉଛି: ଋଣଗ୍ରହୀତାଙ୍କ ଆଚରଣରେ ପରିବର୍ତ୍ତନ ଏବଂ ଏଆଇ - ନେତୃତ୍ୱାଧୀନ ଅଣ୍ଡରରାଇଟିଂର ବର୍ଦ୍ଧିତ ବ୍ୟବହାର। ଗ୍ରାହକଙ୍କ ଆଶା ଦ୍ରୁତ, ସୁଗମ ଏବଂ ଅଧିକ ନମନୀୟ ପ୍ରବେଶ ପାଇଁ ଋଣ ପ୍ରଦାନ ଆଡ଼କୁ ସ୍ଥାନାନ୍ତରିତ ହେବା ସହିତ, ବ୍ୟାଙ୍କଗୁଡ଼ିକ ଏକକାଳୀନ ସ୍ମାର୍ଟ ବିପଦ ମୂଲ୍ୟାୟନ ଏବଂ ଠିକେଇ ଚିହ୍ନଟ କ୍ଷମତାରେ ନିବେଶ କରୁଛନ୍ତି।'ଏହି ପରିବର୍ତ୍ତନର ଏକ ପ୍ରମୁଖ ବାହକ ହେଉଛି ଅଭିଜ୍ଞତା-ନେତୃତ୍ୱାଧୀନ ଋଣ ସହିତ ବଢୁଥିବା ଆରାମ। ଯୁବ ଗ୍ରାହକ, ବିଶେଷକରି ଜେନ ଜେଡ୍ ଏବଂ ପ୍ରଥମ ଥର ରୋଜଗାର କରୁଥିବା ଗ୍ରାହକମାନେ, ଯାତ୍ରା, ବିବାହ, ଜୀବନଶୈଳୀ କ୍ରୟ ଏବଂ ଅନ୍ୟାନ୍ୟ ମାଇଲଖୁଂଟ ଅଭିଜ୍ଞତା ପରି ଇଚ୍ଛାକୃତ ଖର୍ଚ୍ଚ ପାଇଁ ଋଣ ବ୍ୟବହାର କରିବାକୁ ଇଚ୍ଛୁକ ହେଉଛନ୍ତି। ପୂର୍ବ ପିଢ଼ି ପରି, ଯେଉଁମାନେ ପ୍ରାୟତଃ ଋଣକୁ ସତର୍କତାର ସହିତ ଦେଖୁଥିଲେ, ଯୁବ ଋଣଗ୍ରହୀତାମାନେ ଋଣକୁ ଏକ ସହାୟକ ଭାବରେ ଦେଖନ୍ତି ଯାହା ସେମାନଙ୍କୁ ଭବିଷ୍ୟତର ରୋଜଗାର ସମ୍ଭାବନା ସହିତ ବର୍ତ୍ତମାନର ଆକାଂକ୍ଷାକୁ ସମାନ କରିବାରେ ସାହାଯ୍ୟ କରେ। ଆଜି ଋଣଗ୍ରହୀତା ସୁସ୍ଥ କ୍ରେଡିଟ୍ ଆଚରଣ ବଜାୟ ରଖିବା ଏବଂ ଅତ୍ୟଧିକ ଋଣ ଷ୍ଟାକିଂ ଭଳି ଅଭ୍ୟାସଗୁଡ଼ିକୁ ଏଡାଇବା ବିଷୟରେ ଅଧିକ ସଚେତନ। ଏଆଇ ଋଣଦାତାମାନଙ୍କୁ କମ ସମୟସୀମାରେ ଗ୍ରାହକ ତଥ୍ୟର ଯଥେଷ୍ଟ ଅଧିକ ପରିମାଣ ବିଶ୍ଳେଷଣ କରିବାକୁ ଅନୁମତି ଦେଇ କ୍ରେଡିଟ୍ ଅଣ୍ଡରରାଇଟିଂକୁ ମଧ୍ୟ ବୃଦ୍ଧି କରୁଛି। ଏହା ଅଧିକ ସୂକ୍ଷ୍ମ ବିପଦ ମୂଲ୍ୟାୟନ, ତୀକ୍ଷ୍ଣ ଡିଫଲ୍ଟ ପୂର୍ବାନୁମାନ ଏବଂ ଉତ୍ତମ ମୂଲ୍ୟ ନିର୍ଦ୍ଧାରଣ ନିଷ୍ପତ୍ତିକୁ ସକ୍ଷମ କରେ। କ୍ଷଣିକ ନଗଦ ଆବଶ୍ୟକତା ସମୟରେ ନିବେଶକୁ ପରିଶୋଧ କରିବା ପରିବର୍ତ୍ତେ, ଅନେକ ତୁରନ୍ତ ତରଳତାକୁ ପ୍ରବେଶ ବଜାୟ ରଖି ଚକ୍ରବୃଦ୍ଧି ରିଟର୍ଣ୍ଣ ସଂରକ୍ଷଣ କରିବା ପାଇଁ ନମନୀୟ କ୍ରେଡିଟ୍ ଉତ୍ପାଦ [illegible] କରୁଛନ୍ତି। ଏହା ମାନସିକତାରେ ଏକ ବ୍ୟାପକ ପରିବର୍ତ୍ତନକୁ ପ୍ରତିଫଳିତ କରେ ଯେଉଁଠାରେ କ୍ରେଡିଟ୍ ଆର୍ଥିକ ଚାପର ଏକ ସଙ୍କେତ ବାହାରେ ବୃଦ୍ଧି ପାଉଛି, ସ୍ମାର୍ଟ ଆର୍ଥିକ ଯୋଜନା ପାଇଁ ଏକ ଉପକରଣ ଭାବରେ ଦେଖାଯାଉଛି।

# ଆସନ୍ତା ୨୪ରେ ଲଞ୍ଚହେବ ମିଭିର ପ୍ରଥମ ସ୍ମାର୍ଟଫୋନ ମିଭି ୱାନ

**ଭୁବନେଶ୍ୱର, ୭।୯ (ନି.ପ୍ର) :** ଭାରତର ଅନ୍ୟତମ ବିଶ୍ୱସ୍ତ ଓ ଅଗ୍ରଣୀ ଘରୋଇ କ୍ୟୁମର ଟେକ୍ନୋଲୋଜି ବ୍ରାଣ୍ଡ 'ମିଭି' ଆଜି କ୍ୱାଲକମ୍, ଫ୍ଲିପକାର୍ଟ ଓ ଗୁଗୁଲ୍ ସହିତ ରଣନୈତିକ ସହଭାଗିତା ମାଧ୍ୟମରେ ସ୍ମାର୍ଟଫୋନ୍ ବଜାରରେ ପ୍ରବେଶ କରିବା ସମ୍ପର୍କରେ ଘୋଷଣା କରିଛି। ଆସ'। ସେପ୍ଟେମ୍ବର ୨୪ ତାରିଖ ୨୦୨୬ରେ 'ମିଭି ୱାନ୍'କୁ ସ୍ୱତନ୍ତ୍ର ଭାବେ ଫ୍ଲିପକାର୍ଟରେ ଲଂଚ କରାଯିବ। ଏଥିସହିତ ଏହା ଏକ ସ୍ନାପଡ୍ରାଗନ ୫ଜି ଚିପ୍‌ସେଟ ସହିତ ନିଜ ଶ୍ରେଣୀରେ ଭାରତର ଏକମାତ୍ର ସ୍ମାର୍ଟଫୋନ ହେବ ଯାହାକୁ ଭାରତୀୟ ଉପଭୋକ୍ତାଙ୍କ ବ୍ୟବହାରକୁ ଦଅଷ୍ଟିରେ ରଖି ଚିନ୍ତାଶୀଳ ଭାବେ ବିକଶିତ କରାଯାଇଛି। ମିଭି ପୂର୍ବରୁ ଭାରତୀୟ ବଜାରରେ ଏକ ବିଶ୍ୱସନୀୟ କମ୍ପାନୀ ରହିଆସିଛି ଏବଂ ପର୍ସନାଲ ଓ ହୋମ୍ ଅଡିଓ କ୍ଷେତ୍ରରେ ଏହାର ଏକ ଦୃଢ ଉପସ୍ଥିତି ରହିଛି। ଭାରତରେ ଏଣ୍ଡ-ଟୁ-ଏଣ୍ଡ ପ୍ରଡକ୍ଟ ଡେଭ୍‌ଲପମେଂଟ୍, ଡିଜାଇନ, ଆରଆଣ୍ଡଡି ଓ ମାନୁଫ୍ୟାକ୍‌ଚରିଂ କ୍ଷେତ୍ରରେ ଏକ ଦଶନ୍ଧିର ଅଭିଜ୍ଞତା ଆଧାରରେ ମିଭି ଏହାର ହାଇଦ୍ରାବାଦ ପ୍ଲାଂଟରେ ମିଭି ୱାନ ସ୍ମାର୍ଟଫୋନର ଉତ୍ପାଦନ କରିବ। ଏହି ଘୋଷଣା ସମ୍ପର୍କରେ 'ମିଭି'ର ସହ-ପ୍ରତିଷ୍ଠାତା ବିଶ୍ୱନାଥ କାନ୍ଦୁଲା କହିଛନ୍ତି, 'ମିଭିର ପ୍ରଥମ ଦଶନ୍ଧିର ଲକ୍ଷ୍ୟ ଥିଲା ଏକ ଭାରତୀୟ କମ୍ପାନୀ ଭାରତର ଚତୁର ଗ୍ରାହକଙ୍କ ପାଇଁ କ୍ୟୁମର ଟେକ୍ନୋଲୋଜିର ନିର୍ମାଣ, ଡିଜାଇନ ଓ ଉତ୍ପାଦନ କରିପାରିବ ବୋଲି ପ୍ରମାଣ କରିବା। ସ୍ମାର୍ଟଫୋନ୍ ହେଉଛି ସେହି ଯାତ୍ରାର ପରବର୍ତ୍ତୀ ସ୍ୱାଭାବିକ ପଦକ୍ଷେପ। ଆମର ଲକ୍ଷ୍ୟ ହେଉଛି ସ୍ମାର୍ଟଫୋନ୍ ପାଇଁ ମଧ୍ୟ ସମାନ ଧରଣର ନିଜସ୍ୱ କ୍ଷମତା କମ୍ପାନୀ ମଧ୍ୟରେ ବିକାଶ କରିବା। ଦେଶରେ ତୃଣମୂଳ ସ୍ତରରୁ କ୍ଷମତା ବିକାଶ କରିବାର ଏହି ଯାତ୍ରା ଆରମ୍ଭ କରି ଆମେ ଖୁବ୍ ଉତ୍ସାହିତ ଅଛୁ। 'ମିଭି ୱାନ୍' କେବଳ ଆମର ପ୍ରଥମ ସ୍ମାର୍ଟଫୋନ୍ ନୁହେଁ; ବରଂ ଭାରତରୁ ଏକ ବିଶ୍ୱସ୍ତରୀୟ କ୍ୟୁମର ଟେକ୍ନୋଲୋଜି କମ୍ପାନୀ ନିର୍ମାଣ କରିବା ପାଇଁ ଆମ ଲକ୍ଷ୍ୟର ଏହା ପ୍ରଥମ ଅଭିବ୍ୟକ୍ତି ଅଟେ।'




ସେହିପରି ମିଭିର ମୁଖ୍ୟ ବାଣିଜ୍ୟିକ ଅଧିକାରୀ ହିମାଂଶୁ ଟଣ୍ଡନ କହିଛନ୍ତି, 'ଆଜିର ସ୍ମାର୍ଟଫୋନ ଉପଭୋକ୍ତାମାନେ ଖୁବ୍ ଚତୁର ଅଟନ୍ତି। କାର୍ଯ୍ୟଦକ୍ଷତା, ଡିଜାଇନ୍, ନିର୍ଭରଯୋଗ୍ୟତା ଓ ମୂଲ୍ୟ ଅ ବିଶେଷକରି ଯୁବ, ଆକାଂକ୍ଷୀ ଭାରତୀୟ ଗ୍ରାହକଙ୍କ ପାଇଁ ଆଉ ଗୁରୁତ୍ୱପୂର୍ଣ୍ଣ ହୋଇରହିନାହିଁ। ଏହା ହେଉଛି ମିଭି ୱାନ୍ ସହିତ ଆମେ ଦେଖୁଥିବା ସୁଯୋଗ। ଆମେ ମିଭି ଯାହା କରିଥାଏ, ତାହାକୁ ନେଇ ଏକ ଭିନ୍ନ ସ୍ମାର୍ଟଫୋନ୍ ବ୍ୟବସାୟ ଗଠନ କରିବାକୁ ଚାହୁଁଛୁ ଯାହା ହେଉଛି ଭାରତୀୟ ଗ୍ରାହକମାନଙ୍କୁ ବୁଝିବା, ସ୍ଥାନୀୟ ଭାବରେ ଉତ୍ପାଦ ନିର୍ମାଣ କରିବା ଏବଂ ଏକ ଚ୍ୟାଲେଞ୍ଜର ବ୍ରାଣ୍ଡର ବେଗ ଓ ମହତ୍ୱାକାଂକ୍ଷା ସହ ଆଗକୁ ବଢିବା ସହିତ ଆଗକୁ ବଢିବା।' ଫ୍ଲିପକାର୍ଟର ବରିଷ୍ଠ ନିର୍ଦ୍ଦେଶକ ମୁକୁନ୍ଦ କେଡିଆ କହିଛନ୍ତି, 'ଭାରତର ଡିଜିଟାଲ୍ ଗ୍ରାହକ ବହୁମାତ୍ରାରେ ଘରୋଇ ବ୍ରାଣ୍ଡଗୁଡ଼ିକୁ ଅନ୍ୱେଷଣ ଓ ଗ୍ରହଣ କରୁଛନ୍ତି ଯାହା ବଜାରକୁ ଭିନ୍ନ ଉତ୍ପାଦ ଓ ଦୃଢ ମୂଲ୍ୟ ପ୍ରସ୍ତାବ ଆଣିଥାଏ। ମିଭି ଏହାର ଅଡିଓ ପୋର୍ଟଫୋଲିଓ ମାଧ୍ୟମରେ ମୂଲ୍ୟବାନ ଗ୍ରାହକ ଆଧାର ନିର୍ମାଣ କରିଛି ଏବଂ ସ୍ମାର୍ଟଫୋନରେ ଏହାର ପ୍ରବେଶ ସେହି ଯାତ୍ରର ଏକ ସ୍ୱାଭାବିକ ବିସ୍ତାର ଅଟେ। ଏହି ପରବର୍ତ୍ତୀ ଅଧ୍ୟାୟରେ ଆମେ ମିଭି ସହିତ ସହଭାଗିତା କରି ଏବଂ ଆମର ବ୍ୟାପକ ଡିଜିଟାଲ୍ ବାଣିଜ୍ୟ ଇକୋସିଷ୍ଟମ୍ ଓ ଦେଶବ୍ୟାପୀ ପହଂଚ ମାଧ୍ୟମରେ ଗ୍ରାହକଙ୍କ ପାଇଁ ମିଭି ୱାନ ଆଣି ଖୁସି ଅନୁଭବ କରୁଛୁ।

# ଖ୍ୱମଜି ଅଟୋମୋବାଇଲସ ଏଲ୍‌ଏଲ୍‌ପି ପକ୍ଷରୁ ନୂଆ ହିମାଳୟାନ ୪୫୦ର ଶୁଭାରମ୍ଭ

**ଭୁବନେଶ୍ୱର, ୭।୯ (ନି.ପ୍ର) :** ଖ୍ୱମଜି ଅଟୋମୋବାଇଲସ ଏଲ୍‌ଏଲ୍‌ପି ଫୁଲନଖରା, କଟକ ପକ୍ଷରୁଶନିବାର ଦିନ ନୂଆହିମାଳୟାନ ୪୫୦ ଉନ୍ମୋଚନ କରାଯାଇଛି। ଭାରତରେ ରୋମାଞ୍ଚକର ମୋଟରସାଇକେଲ ଚାଳନା ପାଇଁହିମାଳୟାନ ଏକ ନୂଆ ପରିଭାଷା ସୃଷ୍ଟିକରିବାର ଏକ ଦଶନ୍ଧି ପୂରଣ କରିବା ଅବସରରେ ହିମାଳୟାନ ୪୫୦ ଏକ ଉନ୍ନତ ଇନ୍ ଓ ଅପରିବର୍ତ୍ତିତ ଆତ୍ମା ସହିତ ଆସିଛି। ସେଂଚୁରିଅନ୍ ବିଶ୍ୱ ବିଦ୍ୟାଳୟରସ୍କୁଲ୍ ଅଫ୍ ଅଟୋମୋବାଇଲ୍ ଡିଜାଇନ୍‌ର ନିର୍ଦ୍ଦେଶକ ପ୍ରଫେସର ରଥୀଶ ନାୟାର, ସେଂଚୁରିଅନ୍ ବିଶ୍ୱ ବିଦ୍ୟାଳୟର ଡିନ୍ ପ୍ରଫେସର ଫିଲିପ୍‌ଏସଙ୍କ ଭଳି ଅତିଥିମାନଙ୍କ ଉପସ୍ଥିତିରେ ଏହି ଉନ୍ମୋଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ନୂଆହିମାଳୟାନ ୪୫୦ ସେହି ପ୍ରାରମ୍ଭିକ ଦୂରଦୃଷ୍ଟିକେତେ ଦୂରବିକଶିତହୋଇଛିତାହାର ଏକ ପ୍ରମାଣଭାବରେ ଦଣ୍ଡାୟମାନ ହୋଇଛି।ଏହା ପ୍ରଥମ ମଡେଲକୁ ପ୍ରତିଷ୍ଠିତକରିଥିବା ଆଇକନିକ୍ ଡିଜାଇନ୍ ଓ ଆରାମଦାୟକ ରାଇଡର ଟ୍ରାଏଙ୍ଗଲକୁ ବଜାୟ ରଖିଛି, ଯାହାସହିତ ଅଧିକ ସ୍ଥାୟୀତ୍ୱ, ବହୁମୁଖୀ ବ୍ୟବହାର ଓ ଟୁରିଂ ଆରାମ ପାଇଁ ଏକ ଉନ୍ନତ ୪୫୩ସିସି ଲଙ୍ଗଷ୍ଟ୍ରୋକ୍ ଇନ୍, ଏକ ନୂଆ ଛଅ ସ୍ପିଡ ଟ୍ରାନ୍ସମିସନ୍ ଓ ଯାନ୍ତ୍ରିକସୁଧାର ପ୍ରଦାନ କରୁଛି।ସୌନ୍ଦର୍ଯ୍ୟ ଅପେକ୍ଷା କାର୍ଯ୍ୟକାରିତା, ଜଟିଳତା ପୂର୍ବରୁ ସାମର୍ଥ୍ୟ ଓ ସମସ୍ତଙ୍କ ଉପରେ ବ୍ୟକ୍ତିତ୍ୱଭଳି ମୂଳ ଦର୍ଶନ ଅପରିବର୍ତ୍ତିତ ରହିଛି। 'ଆମର ସବୁଠାରୁ ଆଦୃତ ଉତ୍ପାଦ ଗୁଡ଼ିକ ମଧ୍ୟରୁ ଗୋଟିଏ, ଏହା ଆଡଭେଂଚର ଟୁରିଂଏବଂ ଅନୁସନ୍ଧାନର ଦ୍ୱାର ଖୋଲିଥିଲା ଯାହା ଏଭରେଷ୍ଟ




ବେସ୍‌କ୍ୟାମ୍ପରୁ ଦକ୍ଷିଣମେରୁ ପର୍ଯ୍ୟନ୍ତ ଅସାଧାରଣ ଯାତ୍ରା ପାଇଁ ପଥ ପରିଷ୍କାରକରିଥିଲା। ହିମାଳୟାନ ୪୫୦ ଏହି ଅବିଶ୍ୱସନୀୟ ଯାତ୍ରାର ଏକ ଉତ୍ସବକୁ ଦର୍ଶାଉଛି। ଆମ ସମ୍ପ୍ରଦାୟର ବାର୍ତା ଦ୍ୱାରା ପରିଚାଳିତ ଓ ପ୍ରକୃତ ଚାଳକମାନଙ୍କମତାମତ ଦ୍ୱାରା ଚିନ୍ତାଶୀଳ ଭାବରେ ପ୍ରସ୍ତୁତ ହିମାଳୟାନ ୪୫୦ ଠିକ୍‌ତାହାହିଁ ପ୍ରଦାନ କରୁଛି ଯାହା ଏକ ସରଳ, ସୁଗମ ଓ ସହଜ ଆଡଭେଂଚର ଟୁରର ପ୍ରଦାନ କରୁଛି। ସେହିସମାନ ସାରାଂଶ ଯାହା ମୂଳ ହିମାଳୟାନକୁ ପରିଭାଷିତ କରିଥିଲା।' ନୂଆହିମାଳୟାନ ୪୫୦ ତିନିଟିରଙ୍ଗ ଯଥା ସେଲାବ୍ଲାକ୍, ମଷ୍ଟାଙ୍ଗବ୍ରାଉନ୍ ଓ ନେଲୋଙ୍ଗ ହ୍ୱାଇଟ୍‌ରେ ଉପଲବ୍ଧ। ଏହି ମୋଟର ସାଇକେଲର ମୂଲ୍ୟ ୨,୨୯,୦୦୦ ଟଙ୍କା (ଏକ୍ସ-ସୋରୁମ୍) ରଖାଯାଇଛି। ସ୍ୱୀକୃତିପ୍ରାପ୍ତ ରୟାଲ୍ ଏନଫିଲ୍ଡ ଡିଲରସିପ୍‌ଗୁଡ଼ିକରେ ବୁକିଂ ଆରମ୍ଭ ହୋଇଛି। ରୟାଲ୍ ଏନଫିଲ୍ଡ ଏବେ ତାହାର ସମସ୍ତ ମୋଟର ସାଇକେଲରେ ସଡ଼କ ପାର୍ଶ୍ୱ ସହାୟତା ସହିତ ଏକ ବ୍ୟାପକ ୭ ବର୍ଷର ବର୍ଦ୍ଧିତ ୱାରେଣ୍ଟି ପ୍ରଦାନ କରୁଛି ଯାହା ଗ୍ରାହକଙ୍କ ବିଶ୍ୱାସ ଓ ମାଲିକାନା ଅନୁଭୂତିକୁ ଆହୁରି ବୃଦ୍ଧିକରୁଛି। ଏହି ବର୍ଦ୍ଧିତ ସୁବିଧା ୩ ବର୍ଷ / ୩୦,୦୦୦ କିମିକିମ୍ବା ୪୦,୦୦୦ କିମି (୬୫୦ସିସି ମୋଟରସାଇକେଲ୍)ର ଷ୍ଟାଣ୍ଡାର୍ଡ ୱାରେଣ୍ଟି ଉପରେ ଅତିରିକ୍ତ ୪ ବର୍ଷ କିମ୍ବା ୪୦,୦୦୦ କିମି (ଯାହା ପ୍ରଥମେ ଆସିବ) ସାମିଲ କରିଛି ଯାହା ଚାଳକଙ୍କ ପ୍ରତ୍ୟେକ ରାଇଡରେ ଦୀର୍ଘମିଆଦୀ ଆଶ୍ୱାସନା ଓ ମାନସିକଶାନ୍ତି ପ୍ରଦାନ କରୁଛି।



## ଅବସରପ୍ରାପ୍ତ ଶିକ୍ଷକଙ୍କୁ ସମ୍ମାନିତ

**ଜଟଣୀ, ୭।୯ (ନି.ପ୍ର):** ଜଟଣୀ ପଞ୍ଚାୟତ ସମିତି ଅଧିନସ୍ଥ ପ୍ରାଥମିକ ଶିକ୍ଷକ ସଂଘ ୫ ସେପ୍ଟେମ୍ବର ୨୦୨୬ରେ ଗୁରୁ ପୁଜନ ଦିବସ ପାଳିଥିଲେ । ମହା ଆଡମ୍ବର ସହିତ ଆୟୋଜନ କରିଥିଲେ ପୁଜ୍ୟପୁଜା ଗୁରୁ ସମ୍ବର୍ଦ୍ଧନା ଉତ୍ସବ । ପୁଜ୍ୟପୁଜା କାର୍ଯ୍ୟକ୍ରମ ଆୟୋଜକ ହୋଇଥିଲା, ରାଜାବଜାର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରାଙ୍ଗଣରେ । ଶର୍ବ ପ୍ରଥମେ ପୂର୍ବତନ ରାଷ୍ଟ୍ରପତି, ବିଶିଷ୍ଟ ଦାର୍ଶନିକ ତଥା ଶିକ୍ଷାବିତ୍, ଡଃ ସର୍ବପଲ୍ଲୀ ରାଧାକୃଷ୍ଣନଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ, ପ୍ରଦୀପ ପ୍ରଯୋଳନ କରାଯାଇ, ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା । ଚଳିତବର୍ଷ ୨୦୨୬ ଗୁରୁପୂଜା ସମାରୋହରେ ଯୋଗଦାନ କରିଥିଲେ ମୁଖ୍ୟ ଅତିଥି ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ରୀଯୁକ୍ତ ପୂର୍ଣ୍ଣଚନ୍ଦ୍ର



ବେହେରା, ମୁଖ୍ୟ ବକ୍ତା ଅବସରପ୍ରାପ୍ତ ପୂର୍ବତନ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ରୀଯୁକ୍ତ ଯୋଗେଶ ଚନ୍ଦ୍ର ସାମନ୍ତସିଂହାର, ପୂର୍ବତନ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ରୀଯୁକ୍ତ ସୁରେନ୍ଦ୍ର ମଙ୍ଗରାଜ, ସମ୍ମାନିତ ଅତିଥି, ଶିକ୍ଷକ ସଙ୍ଗଠନର ସମ୍ପାଦକ ଶ୍ରୀମତୀ ଟୁଲୁ ଦେଇ । ଏତଦ୍ ?ବ୍ୟତୀତ ଅବସରପ୍ରାପ୍ତ ଶିକ୍ଷକ, ଶିକ୍ଷୟିତ୍ରି ସାମ୍ବାଦିକ ବନ୍ଧୁଗଣ, ପଞ୍ଚାୟତ ସମିତି ଅଧିନସ୍ଥ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ ଏବଂ ଉପସ୍ଥିତ ଶିକ୍ଷାପ୍ରେମି ବୃନ୍ଦଙ୍କ ଉପସ୍ଥିତିରେ ସୁନ୍ଦର ପରିବେଶ ସୃଷ୍ଟି ହୋଇଥିଲା । ଗୁରୁ ସମ୍ବର୍ଦ୍ଧନା ଉତ୍ସବରେ, ଜଟଣୀ ପଞ୍ଚାୟତ ସମିତି ସ୍କୁଲର ଶିକ୍ଷକ, ଶିକ୍ଷୟିତ୍ରୀ ଓ ପ୍ରଥମିକ ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ସଙ୍ଗଠନ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ । ଏହିଭଳି ପ୍ରତ୍ୟକ୍ଷଙ୍କ ତତ୍ତ୍ୱାବଧାନରେ ବିଗତ ୧୭ ବର୍ଷ, ବ୍ଲକ୍ ସ୍ତରରେ ଏହି ମହା ସମାରୋହ ପାଳିତ ହୋଇ ଆସୁଅଛି । ପ୍ରତେକ ଭଳି, ଚଳିତବର୍ଷ ସେପଟ୍ଟେମ୍ବର ୩୦ ତାରିଖ ଠାରୁ ଆରମ୍ଭ କରି ଅଗଷ୍ଟ ୩୧ ତାରିଖ ମଧ୍ୟରେ ଅବସରପ୍ରାପ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ମାନଙ୍କୁ ମଞ୍ଚାସୀନ ଅତିଥିବୃନ୍ଦ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା । ଯଥା, ଏସ୍. ସୁଗୁନା କୁମାରୀ , ଏନ୍ ଡି ଆର ସି ସରକାରୀ ପ୍ରାଥମିକ ବିଦ୍ୟାଳୟ, ଜଟଣୀ, ?ଭାଗ୍ୟଲକ୍ଷ୍ମୀ ମହାନ୍ତି, ସରକାରୀ ପ୍ରାଥମିକ ବିଦ୍ୟାଳୟ, ଓରକଲ ବୋତଣ୍ଡା, ?ସୁମିତାରାଣୀ ପାଢୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ରାଜାବଜାର, ?ଶକୁନ୍ତଳା ମିଶ୍ର, ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ରାଜାବଜାର, ?ଶଙ୍କର ବେହେରା, ନିଳକଣ୍ଠେଶ୍ୱର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ବ୍ରହ୍ମକୁଣ୍ଡଳ, ?ବିଶ୍ୱନାଥ ସେଠୀ, ଜଟଣୀ ହିନ୍ଦୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଜଟଣୀ, ?ସ୍ନେହଲତା ସେନାପତି, ସରକାରୀ ପ୍ରାଥମିକ ବିଦ୍ୟାଳୟ ପାଞ୍ଚଗାଁ, ବାଞ୍ଛାନିଧି ବେହେରା, ସରକାରୀ ପ୍ରାଥମିକ ବିଦ୍ୟାଳୟ, ବରକୁଦା, ପାର୍ବତୀ ଦାସ, ସରକାରୀ ପ୍ରାଥମିକ ବିଦ୍ୟାଳୟ, ଦଶଦୋଳ ମେଲଣ ପଡିଆ, ନରେନ୍ଦ୍ର କୁମାର ନାୟକ, ସରକାରୀ ପ୍ରାଥମିକ ବିଦ୍ୟାଳୟ, ହରପୁର । ସମସ୍ତ ବିଦ୍ୟାଳୟର ଶିକ୍ଷକ,ଶିକ୍ଷୟିତ୍ରୀ ଉପସ୍ଥିତରେ ୧୦ ଜଣ ଅବସରପ୍ରାପ୍ତ ଶିକ୍ଷକ,ଶିକ୍ଷୟିତ୍ରୀଙ୍କୁ ମାନପତ୍ର, ଉତ୍ତରୀୟ ଫୁଲଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା ।

### ଟେଲିକମ କମ୍ପାନୀର ଇଣ୍ଟରନେଟ ସେବାରେ ତ୍ରୁଟି

## ମନମାନି ବିରୋଧରେ ଉପଭୋକ୍ତା ମହାସଂଘର ଦାବିପତ୍ର ପ୍ରଦାନ

**ଡେଲାଙ୍ଗ,୭।୯ (ନି.ପ୍ର) :** ଡେଲାଙ୍ଗ ବ୍ଲକ୍ କାର୍ଯ୍ୟାଳୟ ଓ ପରିସରରେ ଥିବା ବିଜୁପଟ୍ଟନାୟକ ସମ୍ମିଳନୀ କକ୍ଷରେ ନେଟୱାର୍କ ସମସ୍ୟା ଦୀର୍ଘ ବର୍ଷ ଧରି ଲାଗିରହିଛି । ଫଳରେ ଇଣ୍ଟରନେଟ ସେବା ବାଧାପ୍ରାପ୍ତ ହେଉଛି । ସେହିପରି ଡେଲାଙ୍ଗ ବ୍ଲକ୍ ର ବିଭିନ୍ନ ଅଞ୍ଚଳ ରେ ଠିକ୍ ଢଙ୍ଗରେ ନେଟୱାର୍କ ର ଆସୁନାହିଁ । ଘରୁ ବାହାରକୁ ଆସିଲେ ଫୋନସେବା ମିଳୁଛି । ତାହା ପୁଣି ସବୁ ସମୟରେ ନୁହେଁ । ସଂପ୍ରତି ମୋବାଇଲ ଫୋନ ମାଧ୍ୟମରେ ଛାତ୍ର ଛାତ୍ରୀମାନେ ଶିକ୍ଷା ସମ୍ପର୍କୀୟ ସୂଚନା ପ୍ରାପ୍ତିର ବ୍ୟବସ୍ଥା ରହିଥିଲା ବେଳେ, ନେଟୱାର୍କ ଠିକ ରହୁନଥିବାରୁ ଛାତ୍ରଛାତ୍ରୀଙ୍କ ପାଠ ପଢା ବ୍ୟାହତ ହେଉଛି । ମୋବାଇଲ ମାଧ୍ୟମରେ ୟୁ ପି ଆଇ ପେମେଣ୍ଟ ଚାହିଦା ବୃଦ୍ଧି ପାଇଥିଲେ ମଧ୍ୟ ନେଟୱାର୍କ ଅଚଳ ରହୁଥିବାରୁ ବ୍ୟବସାୟୀ ଓ ଗ୍ରାହକ ସମସ୍ୟାରେ ରହୁଛନ୍ତି । ସାଧାରଣ ଉପଭୋକ୍ତା ଏକ ମାସ ର ରିଚାର୍ଜ କରିବା ପରେ ୨୮ ଦିନର ସେବା ମିଳୁଛି । କିନ୍ତୁ ଦୁଃଖର ବିଷୟ ସାଧାରଣ ଉପଭୋକ୍ତାଙ୍କ ସୁରକ୍ଷା ପାଇଁ ସରକାର ପକ୍ଷରୁ କୌଣସି ବ୍ୟବସ୍ଥା ହୋଇନାହିଁ । ଆଜି ସାଧାରଣ ଉପଭୋକ୍ତା ନିଜର ସୁରକ୍ଷା କୁ ନେଇ



ବହୁତ ଚିନ୍ତିତ ।ରିଚାର୍ଜ ପ୍ଲାନ୍ ଶେଷ ହେବାମାତ୍ରେ ଇନ୍ କମିଙ୍ଗ୍ କଲ୍ କମ୍ପାନୀ ପକ୍ଷରୁ ବନ୍ଦ କରି ଦିଆଯାଉଛି । ନେଟୱାର୍କ ଠିକ୍ ଭାବରେ କାର୍ଯ୍ୟକାରୀ କରୁନଥିବାରୁ ଇଣ୍ଟରନେଟ୍ ବ୍ୟବହାର କରିବା ବେଳକୁ ସମସ୍ୟା ଭୋଗୁଛନ୍ତି ଉପଭୋକ୍ତା । ଏ ସମ୍ପର୍କରେ ନିଖିଳ ଓଡିଶା ଉପଭୋକ୍ତା ସୁରକ୍ଷା ମହାସଂଘ ପକ୍ଷରୁ ପୁରୀ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଲିଖିତ ଦାବିପତ୍ର ଡେଲାଙ୍ଗ ବିଡ଼ିଓ ସମୀର ବେହେରାଙ୍କୁ ସୋମବାର ପ୍ରଦାନ କରାଯାଇଛି । ଦାବି ସମୂହ ହେଲା (୧) ରିଚାଜ୍ ପ୍ଲାନ୍ ଶେଷ ହେବା ମାତ୍ରେ ଇନ୍ କମିଙ୍ଗ୍ କଲ୍ ବନ୍ଦ କରିବା ନିଷ୍ପତ୍ତି ବଦଳାନ୍ତୁ । ଇନ୍ କମିଙ୍ଗ୍ କଲ୍ ଆସିବା ଜାରିରହୁ (୨) ଯେଉଁ ସବୁ ସ୍ଥାନରେ ୫ଏ ନେଟୱର୍କ ଆସୁନାହିଁ ସେହି ସବୁ ସ୍ଥାନରେ ରିଚାର୍ଜ ପ୍ଲାନ୍ ପରିବର୍ତ୍ତନ କରନ୍ତୁ । (୩) ଜଣେ ଉପଭୋକ୍ତା ଦିନକର ଡାଟା ସାରିପାରୁ ନଥିବା ବେଳେ ତାର ବଳକା ଡାଟା ପରବର୍ତ୍ତୀ ଦିନକୁ କାର୍ଯ୍ୟକ୍ଷମ ରହୁ ଏବଂ ତାର ବୈଧତା ରିଚାଜ୍ ପ୍ଲାନ୍ ଶେଷ ହେବା ପର୍ଯ୍ୟନ୍ତ ରଖା ଯାଉ (୪) ଯେଉଁ ସବୁ ନେଟୱର୍କ ଟାୱାର ଗୁଡିକ କାର୍ଯ୍ୟକାରୀ ହେଉନାହିଁ ତାହାକୁ ଯଥା ଶୀଘ୍ର କାର୍ଯ୍ୟକାରୀ କରାଯାଉ ।(୫) ଯେଉଁ ସ୍ଥାନରେ ବିଏସ୍ଏନ୍ଏଲ୍ ଟାୱାର ବା ବିଭିନ୍ନ କମ୍ପାନୀ ର ଟାୱାର ଗୁଡ଼ିକ ରହିଛି ତାକୁ କାର୍ଯ୍ୟକାରୀ କରାନ୍ତୁ ଏବଂ ଆବଶ୍ୟକ ସ୍ଥଳେ ନୂତନ ଟାୱାର ସ୍ଥାପନ କରାଯାଉ । (୬)ଯେଉଁ ସବୁ ନେଟୱର୍କ ଟାୱାର ଅଛି ସେ କେଉଁ କମ୍ପାନୀ ର ତାହା ସାଧାରଣତଃ ଜାଣି ହେଉନାହିଁ ସେହି ଟାୱାର ମାନଙ୍କରେ କମ୍ପାନୀର ଲୋଗୋ ଲଗାଯାଉ । (୭) ରିଚାର୍ଜ ପ୍ଲାନ୍ ବୃଦ୍ଧି ନହୋଇ ତାହାକୁ କମ କରାଯାଉ ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି । ଉକ୍ତ ଦାବି ଗୁଡ଼ିକୁ ଏକ ମାସ ମଧ୍ୟରେ ସମାଧାନ କରିବା ପାଇଁ ନିବେଦନ କରାଯାଇଛି ଏବଂ ଆଗାମୀ ଦିନରେ ଉପଭୋକ୍ତା ଆନ୍ଦୋଳନକୁ ବ୍ୟାପକ କରାଯିବ ବୋଲି ଚେତାବନୀ ଦିଆଯାଇଛି । କେବଳ ଡେଲାଙ୍ଗ ବ୍ଲକ ପରିସୀମା କାହିଁକି, ପୁରୀ ଜିଲ୍ଲାର ବିଭିନ୍ନ ଗ୍ରାମାଞ୍ଚଳ ବ୍ଲକ ମାନଙ୍କରେ ଏହି ଅବ୍ୟବସ୍ଥା ଲାଗି ରହିଛି । ଏହାର ପ୍ରତିକାର ନିମନ୍ତେ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କୁ ବାଧ କରିବା ପାଇଁ ଉପଭୋକ୍ତା ସୁରକ୍ଷା ମହାସଂଘ ଏବେ ଅଣ୍ଟା ଭିଡ଼ିଛି । ମହାସଂଘର ରାଜ୍ୟ ସଭାପତି ଚିତ୍ରସେନ ନିଶଙ୍କ, ସମ୍ପାଦକ ପ୍ରଦୀପ କୁମାର ନାୟକ, ଉପଦେଷ୍ଟା ତଥା ବର୍ଷୀୟାନ ସାମ୍ବାଦିକ ପ୍ରସନ୍ନ କୁମାର ତ୍ରିପାଠୀ, ସମାଜ ସେବୀ ବିଶ୍ୱରଂଜନ ବଳବନ୍ତରାୟ ପ୍ରମୁଖ ଦାବି ପତ୍ର ପ୍ରଦାନ କରିଥିଲେ ।

## ବିକାଶ ପରିଷଦ କାର୍ଯ୍ୟକାରିଣୀ ବୈଠକରେ ଦୁଇଟି ପ୍ରସ୍ତାବ ପ୍ରସ୍ତାବିତ



**ଜଟଣୀ, ୭।୯ (ନି.ପ୍ର):** ଜଟଣୀ ବିକାଶ ପରିଷଦ, ଓଡ଼ିଶା ପ୍ରସିଦ୍ଧ ଗଣେଶ ପୂଜା ଉଦେଶ୍ୟରେ ଏକ କାର୍ଯ୍ୟକାରିଣୀ ବୈଠକର ଆୟୋଜନ କରିଥିଲେ । ବୈଠକର ଆୟୋଜନ ହୋଇଥିଲା କୁଦିଆରି ବଜାର ସ୍ଥିତ ଝରଣା ମଣ୍ଡପରେ । ବିକାଶ ପରିଷଦର ଶତାଧିକ ସଭ୍ୟ ବୈଠକରେ ଏକତ୍ରିତ ହୋଇଥିଲେ । ଏହି ବୈଠକରେ ସଭାପତିତ୍ୱ କରିଥିଲେ ଶ୍ରୀ ବିଜୁ ଛୋଟରାୟ । ବୈଠକରେ ବିକାଶ ପରିଷଦର ସାଧାରଣ ସମ୍ପାଦକ ଶ୍ରୀ ସୁଦର୍ଶନ ସୁନ୍ଦରାଏ ବିଷୟବସ୍ତୁ ଉପରେ ଆଲୋଚନା ରଖିଥିଲେ । ଆଲୋଚନାରେ କୈଳାସ ମହାପାତ୍ର, ପ୍ରଦୀପ ପାଟଶାହାଣୀ, ରାଜେନ୍ଦ୍ର ପଟ୍ଟନାୟକ, ତିଲୋଚନ ପ୍ରଧାନ, ପ୍ରଶାନ୍ତ ମିଶ୍ର, ମଳୟ ମହାନ୍ତି ,ସୁନୀଲ ରାଉତରାୟ, ବିଷ୍ଣୁ ସାହୁ, ଶଶାଙ୍କ ଶେଖର ରାୟ, ବାବୁ ହୋତା, ଶୁସାନ୍ତ ରାଉତ,ଗଣମାଧମ ପ୍ରତିନିଧି ଓ ସଭ୍ୟବୃନ୍ଦଙ୍କ ଉପସ୍ଥିତରେ ଆଲୋଚନା ହୋଇଥିଲା । ବୈଠକରେ ଦୁଇଟି ପ୍ରସ୍ତାବ ଉପରେ ଆଲୋଚନାର ପ୍ରସଙ୍ଗ ଥିଲା । ପ୍ରଥମ ପ୍ରସ୍ତାବ ମଣ୍ଡପ ଗୁଡିକରେ ପ୍ରସାଦ ବଣ୍ଟନ କାର୍ଯ୍ୟକ୍ରମ । ଦ୍ବିତିଅ ପ୍ରସ୍ତାବ ଭୁବନେଶ୍ୱର ଡେଭଲପମେଣ୍ଟ ଅଥୋରିଟିଜ କରିଥିବା ବସଷ୍ଟାଣ୍ଡ ଅକର୍ମଣ୍ୟ ଅବସ୍ଥାରେ ପଡି ରହିଛି, ଭୁବନେଶ୍ୱର ଡେଭଲପମେଣ୍ଟ ଅଥୋରିଟିଜଙ୍କ ନଜର ରହୁନି, ପୌର କର୍ତ୍ତୃପକ୍ଷ ସ୍ଥାଣୁ ଅବସ୍ଥା । ଉଭୟ ପ୍ରସ୍ତାବ ଉପରେ ଆଲୋଚନା ହୋଇଥିଲା । ପ୍ରଥମ ପ୍ରସ୍ତାବର ସମାଧାନ, ଆସନ୍ତା ୧୯,୦୯,୨୦୨୬ ଏବଂ ୨୦, ୦୯, ୨୦୨୬ ଦୁଇଦିନ ୧୮ଟି ମଣ୍ଡପରେ ଲଡୁ ବଣ୍ଟନ କାର୍ଯ୍ୟକ୍ରମ କରାଯିବା ପାଇଁ ସ୍ଥିର କରାଗଲା । ବସଷ୍ଟାଣ୍ଡର ଉନ୍ନତିକରଣ ପାଇଁ ସମସ୍ତେ ଏକମତ ହୋଇ ଥିଲେ । ସଭାପତି ନିଜର ଅଭିଭାଷଣ ରଖିଥିଲେ, ଗଣେଶ ପୁଜା ପରେ ବସଷ୍ଟାଣ୍ଡ ପୁନରୁଦ୍ଧାର କରାଯିବ । ସମସ୍ତ ସଂଗଠକ ପ୍ରତିଶୃତିକୁ ସ୍ୱାଗତ କରିଥିଲେ । ଶେଷରେ ନିମାଇଁ ଚରଣ ଦାଶ ଧନ୍ୟବାଦ ଅର୍ପଣ କରି ସଭା ସାଙ୍ଗ କରିଥିଲେ ।

### ପ୍ରଦ୍ୟୁଷଣ ସଚେତନତା କାର୍ଯ୍ୟକ୍ରମ ଶୁଭାରମ୍ଭ କଲେ ବିବେଚିତା ଷଡ଼ଙ୍ଗୀ

## ପଲିଥିନ ଓ ପ୍ଲାଷ୍ଟିକ ପ୍ରତି ସଚେତନ ହେଲେ ସମାଜରେ ସଚେତନତା ସୃଷ୍ଟିହେବ




**ପାରାଦୀପ, ୭।୯ (ନି.ପ୍ର):** ରାଜ୍ୟ ଆଞ୍ଚଳିକ ପ୍ରଦ୍ୟୁଷଣ ବିଭାଗ ଏବଂ ପାରାଦ୍ୱୀପ ପୌରପାଳିକା ମିଳିତ ଆନୁକୂଲ୍ୟରେ ସାତ ଦିନ ଧରି ଚାଲିବାକୁ ଥିବା ପ୍ରଦ୍ୟୁଷଣ ସଚେତନତା କାର୍ଯ୍ୟକ୍ରମ ର ଆଜି ବଡ଼ପଡ଼ିଆ ମାର୍କେଟ ନିକଟରେ ଶୁଭାରମ୍ଭ ହେଇଯାଇଛି । ଉକ୍ତ କାର୍ଯ୍ୟକ୍ରମ ରେ ପାରାଦ୍ୱୀପ ଆଞ୍ଚଳିକ ପ୍ରଦ୍ୟୁଷଣ ବୋର୍ଡର ଅଧିକାରିଣୀ ବିବେଚିତା ଷଡ଼ଙ୍ଗୀ, ପାରାଦ୍ୱୀପ ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା, ଏମଏନଏସ ର ସିଇଓ ରାଜଶ୍ରୀ ସିହ୍ନା, ପିପିଏ ର ଏକ୍ସକ୍ୟୁଟିଭ ଅଫିସର ସଂଗ୍ରାମ ସାମଲ, ପିପିଏଲ ର ବରିଷ୍ଠ ଅଧିକାରୀ ନାରାୟଣ ସାହୁ, ଆଇଓସିଏଲ ର ବରିଷ୍ଠ ଅଧିକାରୀ ବୃନ୍ଦାବନ ସାହୁ, ଦିବ୍ୟାଲୋଚନ ମହାପାତ୍ର ପ୍ରମୁଖ ଯୋଗ ଦେଇ ପ୍ରଦ୍ୟୁଷଣ ଉପରେ ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ । ପ୍ରଦ୍ୟୁଷଣ ଯୋଉ ଋତୁ ପରିବର୍ତ୍ତନ ରେ ବିରାଟ ସମସ୍ୟା ଦେଖା ଦେବା ଫଳରେ ଏହାର ପ୍ରଭାବ ସିଧାସଳଖ ମାନବ ସମାଜ ଉପରେ ପଡୁଥିଲା ବେଳେ ଜଳଜୀବ, ବୃକ୍ଷ ଲତା ମାନଙ୍କ ଉପରେ ପଡୁଥିବା ପ୍ରଭାବ କି ପ୍ରକାର କ୍ଷତି ପହଞ୍ଚାଉଛି ବିଶୃତ ଭାବେ ଆଲୋଚନା କରିଥିଲେ । ପ୍ଲାଷ୍ଟିକ ଏବଂ ପଲିଥିନ ପ୍ରଦ୍ୟୁଷଣ ମାତ୍ରାକୁ ଏପରି ଗ୍ରାସୀ ଗଲାଣି ଜଳ ବାୟୁ ପ୍ରଦ୍ୟୁଷଣ ହେବାସହ କୃଷି ଉପରେ କୁ ପ୍ରଭାବ ଅଡୁଥିବାରୁ ଏଥିରୁ ମୁକ୍ତି ପାଇଁ ସମସ୍ତେ ସଚେତନତା ଅବଲମ୍ବନ କରିବାକୁ ଶ୍ରୀମତୀ ଷଡ଼ଙ୍ଗୀ ଅନୁରୋଧ କରି କହିଛନ୍ତି । ମାଆ ଆଉ ପିଲା ପଲିଥିନ ଆଉ ପ୍ଲାଷ୍ଟିକ ବ୍ୟବହାର ପ୍ରତି ସଚେତନ ରହିଲେ ସମାଜ ସଚେତନ ହେବ ବୋଲି ଶ୍ରୀମତୀ ଷଡ଼ଙ୍ଗୀ ଦୃଢୋକ୍ତିର ସହ କହିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ବିଭିନ୍ନ ସ୍କୁଲ ର ଛାତ୍ର ଛାତ୍ରୀ, ଏନଜିଓ, ସାମାଜିକ କର୍ମୀଙ୍କ ସମେତ ବୁଦ୍ଧିଜୀବୀ ଆଉ ସଚେତନ ନାଗରିକ ଯୋଗ ଦେଇଥିଲେ । ଏହି ପରିପ୍ରେକ୍ଷୀରେ ପ୍ଲାକକାର୍ଡ ଧରି ଏକ ସଚେତନତା ରାଲି ମାର୍କେଟ ପରିକ୍ରମା କରିଥିଲା । ଉକ୍ତ କାର୍ଯ୍ୟକ୍ରମ ସାତଦିନ ଧରି ଚାଲିବ ବୋଲି ପାରାଦ୍ୱୀପ ଆଞ୍ଚଳିକ ପ୍ରଦ୍ୟୁଷଣ ଅଧିକାରିଣୀ କହିବାସହ ସମସ୍ତେ ଏହି କାର୍ଯ୍ୟକ୍ରମ ରେ ଯୋଗ ଦେଇ ପ୍ରଦ୍ୟୁଷଣ ରୋକିବାରେ ଆଗେଇ ଆସିବାକୁ ଆହ୍ୱାନ ଦେଇଛନ୍ତି । ଶେଷରେ ସମସ୍ତ ଅତିଥି ମାନଙ୍କ ସହିତ ଉପସ୍ଥିତ ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ପ୍ରଦ୍ୟୁଷଣ ରୋକିବାରେ ଶପଥ ଗ୍ରହଣ କରାଯାଇ ଥିଲା ।

## ସିଉଳା ଆରଆଇ, ଏଆରଆଇ ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଗିରଫ

**ପିପିଲି,୭।୯ (ନି.ପ୍ର):** ପିପିଲି ତହସିଲ ଅଧିନସ୍ଥ ସିଉଳା ଆରଆଇ କଲ୍ୟାଣୀ ଜେନା ଓ ଏଆରଆଇ ପୂର୍ଣ୍ଣ ଚନ୍ଦ୍ର ବେହେରା ଜମି କିସମ ପରିବର୍ତନ କରିବା ପାଇଁ ଆଜି ୩୫ହଜାର ଟଙ୍କା ଲାଂଚ ନେବା ବେଳେ ଭିଜିଲାନ୍ସ ହାତରେ ଧରାପଡି ଗିରଫ ହୋଇଛନ୍ତି । ଏହି ଦୁଇ




ରାଜସ୍ୱ ବିଭାଗ ଅଧିକାରୀଙ୍କୁ ଓଡ଼ିଶା ଭିଜିଲାନ୍ସ ଭୁବନେଶ୍ୱର ଗିରଫ କରିଥିବା ସୂଚନା ମିଳିଛି । ତେବେ ମିଳିଥିବା ସୂଚନା ଅନୁସାରେ, ସିଉଳା ମୌଜାର ଜଣେ ଜମି ମାଲିକ ରଶ୍ମିରଂଜନ ପଣ୍ଡା ସରକାରଙ୍କ ନିୟମ ଅନୁଯାୟୀ କୃଷି ଜମିକୁ ଘରବାରି କିସମରେ ପରିବର୍ତନ କରିବା ପାଇଁ ଆବେଦନ କରିଥିଲେ । ଏହି କିସମ ପରିବର୍ତନ ପାଇଁ ଆରଆଇ ଶ୍ରୀମତୀ ଜେନା ଏବଂ ଏଆରଆଇ ଶ୍ରୀ ବେହେରା ଉଭୟ ୩୫ହଜାର ଟଙ୍କା ଲାଂଚ ଦାବି କରି ଆସୁଥିଲେ । ଜମିମାଲିକ ଅସହାୟତା ପ୍ରକାଶ କରିବା ସହ କିଛି କମ୍ କରିବା ପାଇଁ ବାରମ୍ବାର ଅନୁରୋଧ କରିଥିଲେ । କିନ୍ତୁ ୩୫ ହଜାର ଟଙ୍କା ନେବାକୁ ଜିଦ୍ ଧରିଥିଲେ । ଶ୍ରୀମତୀ ଜେନା ଏବଂ ଶ୍ରୀ ବେହେରାଙ୍କ ଦ୍ୱାରା ହଇରାଣ ହରକତ ହେବାରୁ ଆବେଦନ କାରି ଏ ସଂପର୍କରେ ଭିଜିଲାନ୍ସ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ କରିଥିଲେ । ଏହି ଘଟଣାକ୍ରମରେ ଆରଆଇ ଶ୍ରୀମତୀ ଜେନା, ଏବଂ ଏଆରଆଇ ଶ୍ରୀ ବେହେରା ଜମିମାଲିକଙ୍କ ଠାରୁ ନିଜ ଦାବୀ ମୁତାବକ ଟଙ୍କା ନେବାବେଳେ ଭିଜିଲାନ୍ସ ବିଭାଗର ଅଧିକାରୀମାନଙ୍କ ଦ୍ୱାରା ଗିରଫ ହୋଇଥିଲେ । ସେମାନଙ୍କ ଠାରୁ ରାସାୟନିକ ରଙ୍ଗ ବୋଳା ଟଙ୍କା ଜବତ କରାଯାଇଥିଲା । ଅଧିକାରୀ ଦ୍ୱୟଙ୍କୁ ଭିଜିଲାନ୍ସ ବିଭାଗ ଗିରଫ କରିବା ପରେ ପୁରୀ ଜିଲ୍ଲା ଚାରିଛକ ନିକଟ ବ୍ରହ୍ମକୁଣ୍ଡି, ଚନ୍ଦନପୁର ନିକଟ ଅଚ୍ୟୁତପୁର, ଭୁବନେଶ୍ୱରର ରସୁଲଗଡ଼ ସ୍ଥିତ ସେମାନଙ୍କ ବାସଭବନ, ଭୁବନେଶ୍ୱରରେ ଥିବା ସେମାନଙ୍କ କାର୍ଯ୍ୟାଳୟ ଏବଂ ଘରଗୁଡ଼ିକରେ ଏକକାଳୀନ ଚଢ଼ାଉ ଜାରି ରହିଛି । ଏ ସମ୍ପର୍କରେ ଭୁବନେଶ୍ୱର ଭିଜିଲାନ୍ସ ଥାନାରେ ୨୦/୨୦୨୬ ନଂ ରେ ୭ପି.ସି. (ସଂଶୋଧନ) ଆଇନ, ୨୦୧୮ ଅନୁଯାୟୀ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଥିବା ନେଇ ଭିଜିଲାନ୍ସ ପକ୍ଷରୁ ସୂଚନା ମିଳିଛି ।

### ଓଡ଼ିଶା ଟି-୨୦ ମୁଖ୍ୟମନ୍ତ୍ରୀ ଟ୍ରଫି

## ଭାରତ ମସଲା ପକ୍ଷରୁ ବିପ୍ଳବ ସାମନ୍ତରାୟଙ୍କୁ କଟକ-ପାନ୍ଥରର୍ସର ଅଧିନାୟକ ଦାୟିତ୍ୱ

**କଟକ, ୭।୯ (ନି.ପ୍ର):** ବାରବାଟୀ ଷ୍ଟାଡ଼ିୟମରେ ଆସନ୍ତା ୨୦ରୁ ଆରମ୍ଭ ହେବାକୁ ଯାଉଥିବା ଓ ଓଡ଼ିଶା ଟି-୨୦ ମୁଖ୍ୟମନ୍ତ୍ରୀ କ୍ରିକେଟ୍ ଟ୍ରଫିରେ ଭାଗ ନେଇଥିବା ୬ଟି ଦଳ ମଧ୍ୟରୁ କଟକ-ପାନ୍ଥରର୍ସଙ୍କୁ ଜୟ ଭାରତ ସ୍ପାଇସେସ୍ ପ୍ରାଇଭେଟ୍ ଲିମିଟେଡ୍ ପକ୍ଷରୁ କିଣାଯାଇଥିଲା । ଏହି ପରିପ୍ରେକ୍ଷିରେ ଆଜି ଓସିଏ ପକ୍ଷରୁ ଖେଳାଳିମାନଙ୍କୁ ଡ୍ରାଫ୍ଟ ଜରିଆରେ ଚୟନ କରାଯାଇଛି । ଏଥିରେ କଟକ-ପାନ୍ଥରର୍ସ ଏ- କାଟାଗୋରୀରେ କ୍ରିକେଟ୍ର ବିପ୍ଳବ ସାମନ୍ତରାୟଙ୍କୁ ଅଧିନାୟକ ଭାବେ ଜୟ ଭାରତ ସ୍ପାଇସେସ୍ ଚୟନ କରିଛି । ସେହିପରି ସୌରଭ ଗୌଡ଼, ଶୁଭ୍ ଶତ୍ରୁଜିତ୍, କାର୍ତ୍ତିକ ବିଶ୍ୱାଳ, ପ୍ରଶାନ୍ତ ରଣାଙ୍କୁ ମଧ୍ୟ ଜୟ ଭାରତ ସ୍ପାଇସେସ୍ ଏ-କାଟାଗୋରୀରେ ଅନ୍ତର୍ଭୁକ୍ତ କରି ଚୟନ କରିଛି । ଡ୍ରାଫ୍ଟ ଚୟନରେ ବି-କାଟୋଗୋରୀରେ ଅଭିଷେକ ସିଂ, ପିୟୁସ୍ ମନ୍ତ୍ରୀ, ପ୍ରିୟାଂଶୁ ମହାନ୍ତି ଓ ରାଜ ଯାଦବ ଓ ସି-କାଟାଗୋରୀରେ ସୁବାଶିଷ ମଲ୍ଲିକ ଅଭିରୂପ ଦାଶ, ସାର୍ଥକ ଏସ୍ପ୍ରକାଶ, ଶିବୁନ୍ ନନ୍ଦ ଏବଂ ଡି କାଟାଗୋରିରେ ସୌମ୍ୟରଞ୍ଜନ ବିଶ୍ୱାଳ, ଏମ୍ ଗୌତମ ଗୋପାଳ ଓ ଡି ଆୟୁଷଙ୍କୁ ଖେଳାଳି ଭାବେ କମ୍ପାନୀ ପକ୍ଷରୁ ବଛାଯାଇଛି । ଏହି ଚୟନ ବେଳେ ଜୟ ଭାରତ ସ୍ପାଇସେସ୍



ପ୍ରାଇଭେଟ୍ ଲିମିଟେଡ୍ ପକ୍ଷରୁ ନିର୍ଦ୍ଦେଶକ ଶ୍ରୀମନ୍ତ କୁମାର ପଣ୍ଡା, ଆଶୁତୋଷ ପଣ୍ଡା, ନିର୍ଦ୍ଦେଶିକା ଏସ୍. ଏନ୍ ମିଲେନିୟମ, ଜିଏମ୍ ବିପିନ୍ ରାଉତ, ଜିଏମ୍ ଅରୁଣ ନାୟକ ଉପସ୍ଥିତ ରହି ଖେଳାଳିମାନଙ୍କୁ ବାଛିଥିଲେ । ହେଡ୍-କୋ ଭାବେ ପ୍ରଭଞ୍ଜନ ମଲ୍ଲିକ ଏବଂ ସହଯୋଗୀ କୋଚ୍ ଭାବେ ଦୀପକ ମଙ୍ଗରାଜଙ୍କୁ ଦାୟିତ୍ୱ ଦିଆଯାଇଛି । ଚୟନ ହୋଇଥିବା କ୍ରିକେଟ୍ରଙ୍କୁ ଅଭିଜ୍ଞତା, ନେତୃତ୍ୱ ଦକ୍ଷତା ଓ ଯୁବ କ୍ରିକେଟର ମାନଙ୍କୁ ମାର୍ଗଦର୍ଶନ କରିବାର କ୍ଷମତା କଟକ-ପାନ୍ଥରର୍ସ ପାଇଁ ଏକ ମହତ୍ୱପୂର୍ଣ୍ଣ ସମ୍ପଦ ହେବ ବୋଲି ଦଳ ପକ୍ଷରୁ କୁହାଯାଇଛି । ଏହି ଅବସରରେ ପରିଚାଳନା ନିର୍ଦ୍ଦେଶକ ସୁଶାନ୍ତ ପଣ୍ଡା କହିଛନ୍ତି ଯେ, କଟକ-ପାନ୍ଥରର୍ସର ଉଦ୍ଦେଶ୍ୟ କେବଳ ଏକ ଟି-୨୦ ଦଳ ଗଠନ କରି ପ୍ରତିଯୋଗିତାରେ ଭାଗ ନେବା ନୁହେଁ, ବରଂ ଓଡ଼ିଶାର ମାଟିରେ ଲୁଚି ରହିଥିବା ପ୍ରତିଭା ମାନଙ୍କୁ ଖୋଳି ବାହାର କରି ସେମାନଙ୍କୁ ଏକ ସୁଯୋଗ ଓ ଉପଯୁକ୍ତ ପ୍ଲାଟଫର୍ମ ପ୍ରଦାନ କରିବା । ସେ ଆହୁରି କହିଛନ୍ତି ଯେ, ଖେଳାଳିଙ୍କ ପାଇଁ ଉଚ୍ଚମାନର କୋଚିଂ, ଫିଟନେସ୍ ଟ୍ରେନିଂ, ମ୍ୟା ଏକ୍ସପୋଜର, ମାନସିକ ପ୍ରସ୍ତୁତି ଓ ଆଧୁନିକ କ୍ରିକେଟ୍ ଟେକ୍ନିକ୍ ଉପରେ ଗୁରୁତ୍ୱ ଦିଆଯିବ । ପ୍ରତିଭାକୁ ସୁଯେଗା ସହିତ ଯୋଡ଼ିବା ଏବଂ ଖେଳାଳି ମାନଙ୍କୁ ପର୍ଯ୍ୟାୟକ୍ରମେ ଉଚ୍ଚସ୍ତରୀୟ କ୍ରିକେଟ ପାଇଁ ପ୍ରସ୍ତୁତ କରିବା ଦୀର୍ଘମିଆଦୀ ଲକ୍ଷ୍ୟ ବୋଲି ସେ ପ୍ରକାଶ କରିଛନ୍ତି । କଟକ- ପାନ୍ଥରର୍ସରୁ ବାହାରିବାକୁ ଥିବା କ୍ରିକେଟର ମାନେ ଆଇପିଏଲ୍ରେ ଖେଳିବାର ସମସ୍ତ ସୁଯୋଗ ଜୟଭାରତ ସ୍ପାଇସେସ୍ ପ୍ରଦାନ କରିବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି ।

## ତିନିଘରିଆରେ ରକ୍ତଦାନ ଓ ନିଶୁଳ୍କ ଫିଜିଓ ଥେରାପି ଶିବିର ଅନୁଷ୍ଠିତ

**କଟକ, ୭।୯ (ନି.ପ୍ର):** କଟକ ମହାନଗର ନିଗମ ୫୯ ନମ୍ବର ୱାର୍ଡ ଅନ୍ତର୍ଗତ ତିନିଘରିଆ ଗ୍ରାମର ଗୋପିନାଥ ଜୀଉ କ୍ଲବ ତରଫରୁ ଏକ ରକ୍ତଦାନ ଶିବିର ଓ ନିଶୁଳ୍କ ଫିଜିଓ ଥେରାପି ଶିବିର ଅନୁଷ୍ଠିତ ହୋଇଥିଲା । ତିନିଘରିଆ ୟୁ,ପି, ସ୍କୁଲ ପ୍ରାଙ୍ଗଣେ ଅନୁଷ୍ଠିତ 'ରକ୍ତଦାନ ମହାପୂଣ୍ୟ' କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ମଧୁପାଟଣା ଥାନାର ଆଇ ଆଇ ସି ଶ୍ରୀଯୁକ୍ତ ଚିତ୍ତରଞ୍ଜନ ରାଉତ ଯୋଗଦେଇ ରକ୍ତଦାନ ମହାପୂଣ୍ୟ ଓ ରକ୍ତଦାନ କରି ସମାଜକୁ ସୁସ୍ଥ ଓ ସୁରକ୍ଷିତ ରଖିବାକୁ ରକ୍ତଦାତା ମାନଙ୍କୁହି ଉତ୍ସାହିତ କରିବାସହିତ ,ରକ୍ତଦାନ କରନ୍ତୁ ଓ ଜୀବନ ବଞ୍ଚାଇ ଦିଅନ୍ତୁବୋଲି ବୁଝାଇଥିଲେ । ସମ୍ମାନିତ ଅତିଥିଭାବେ କଂଗ୍ରେସ ନେତା ସୁରେଶ ମହାପାତ୍ର, କର୍ପୋରେଟର ରାକେଶ ସ୍ୱାଇଁ,



ସମାଜସେବୀ ତଥା ଆମ୍ବେଦକର ସ୍ମୃତି ପରିଷଦର ସଭାପତି ସୁକାନ୍ତ ସେଠୀ ଯୋଗଦେଇ ରକ୍ତଦାନ କରୁଥିବା ଯୁବକ, ଯୁବତୀ ମାନଙ୍କୁ ରକ୍ତଦାନ କରନ୍ତୁ ଓ ଜୀବନ ବଚାନ୍ତୁକହି ଉତ୍ସାହିତ କରିଥିଲେ । ରବିନ୍ଦ୍ର କୁମାର ବେହେରାଙ୍କ ପରିଚାଳନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ରେ ତିନିଘରିଆ ଗ୍ରାମର ଅଧୁକାରୀ ପ୍ରଣୟ ଖୁଣ୍ଟିଆ, ମହନ୍ତ ନିରୋଧ ସ୍ୱାଇଁ,ସଞ୍ଜୟ ବେହେରା, ସୁଭାସିସ ଖୁଣ୍ଟିଆ, ଦିପକ ବେହେରା,ଶୀତୋକାନ୍ତ ବେହେରା, ନିର୍ମଳ ସ୍ୱାଇଁ,ଅଭିଷେକ୍ ବସ୍ତିଲ, ବିପିନ ବସ୍ତିଆଙ୍କ ସମେତ କ୍ଲବ ର ସମସ୍ତ କର୍ମକର୍ତ୍ତା,ମୁରବି ଉପସ୍ଥିତ ଥିଲେ ଏବଂ ଫିଜିଓ ଥେରାପିର ମୁଖ୍ୟ ଡାକ୍ତର ସାସ୍ମିତା ସୁଚିସ୍ମିତା ନିଶୁଳ୍କ ଫିଜିଓ ଥେରାପିରେ ସମ୍ପୂର୍ଣ୍ଣ ସହଯୋଗ କରିଥିବେଳେ, ଏସ୍,ସି,ବି, ମେଡିକାଲ କଲେଜ ର ଡାକ୍ତର ଚିନ୍ମୟ ରଞ୍ଜନ ସ୍ୱାଇଁ, ଓ ତାଙ୍କର ଟିମ୍ ରକ୍ତଦାନ ଶିବିର ରେ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ । ୪୮ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା ।

## 'ରାଜ୍ୟରୁ ହକିକୁ ହାଇଜାକ୍ କରାଯାଉଛି, ସରକାରଙ୍କ ହସ୍ତକ୍ଷେପ ପାଇଁ ଦାବି

**ଭୁବନେଶ୍ୱର, ୭।୯ (ନି.ପ୍ର) :** ହକି ଓଡ଼ିଶାର କିଛି କର୍ମକର୍ତ୍ତା ଏବଂ ପୂର୍ବତନ ଖେଳାଳି ରବିବାର ଅଭିଯୋଗ କରିଛନ୍ତି ଯେ, ହକି ଇଣ୍ଡିଆର ସଭାପତି ଦିଲୀପ କୁମାର ତିର୍କୀଙ୍କ ଦ୍ୱାରା ରାଜ୍ୟରେ ହକିର ପ୍ରଶାସନକୁ 'ହାଇଜାକ୍ ଏବଂ ନିଜ ଇଚ୍ଛା ଅନୁସାରେ ପରିଚାଳିତ' କରାଯାଉଛି । ରାଜ୍ୟ ହକି ସଂଗଠନରେ ସ୍ୱଚ୍ଛତା ଓ ଗଣତାନ୍ତ୍ରିକ କାର୍ଯ୍ୟପ୍ରଣାଳୀ ପୁନଃସ୍ଥାପନ ପାଇଁ ସେମାନେ ତୁରନ୍ତ ରାଜ୍ୟ ସରକାରଙ୍କ ହସ୍ତକ୍ଷେପ ଦାବି କରିଛନ୍ତି । ସେମାନେ ଏହା ମଧ୍ୟ ଅଭିଯୋଗ କରିଛନ୍ତି ଯେ, ପୂର୍ବତନ ବିଜେଡି ସରକାର ତିର୍କୀଙ୍କ ସହ ମିଶି ଛକି ଆସୋସିଏସନ୍ ଅଫ୍ ଓଡ଼ିଶା ଗଠନ କରିଥିଲେ, ଯାହା ଅନ୍ତର୍ଜାତୀୟ ଅଲିମ୍ପିକ୍ କମିଟି (IOC)ର ଚାର୍ଟରର ଉଲଂଘନ । ସେମାନେ ଏହାକୁ 'ବେଆଇନ ଏବଂ ଓଡ଼ିଶାରେ ହକିକୁ ଦୁର୍ବଳ କରିବାର ଏକ ନିର୍ଲଜ୍ଜ ପ୍ରୟାସ' ବୋଲି କହିଛନ୍ତି । ବିଷୟଟି କିପରି ନିର୍ଲଜ ଭାବେ ନିୟନ୍ତ୍ରଣ କରାଯାଉଛି ତାହା ଉଲ୍ଲେଖ କରି କର୍ମକର୍ତାମାନେ କହିଛନ୍ତି ଯେ, ଖେଳ ଉପରେ ନିଜର ନିୟନ୍ତ୍ରଣ ଜାରି ରଖିବା ପାଇଁ ବେଆଇନ ଭାବେ ଗଠିତ ହକି ଆସୋସିଏସନ୍ ଅଫ୍ ଓଡ଼ିଶାର ସଭାପତି ଭାବେ ତିର୍କୀ ଏହାର ନିର୍ବାଚନକୁ ତିନି ମାସରୁ ଅଧିକ ସମୟ ଧରି ଅଟକାଇ ରଖୁଛନ୍ତି । ସଂଗଠନର କାର୍ଯ୍ୟକାରୀ କମିଟିର କାର୍ଯ୍ୟକାଳ ୧୭ ମେ ୨୦୨୬ରେ ଶେଷ ହୋଇଥିଲେ ମଧ୍ୟ ନିର୍ବାଚନ ହୋଇନାହିଁ । ୧୮ ଜୁନ୍ ?ରେ ଅନୁଷ୍ଠିତ ବାର୍ଷିକ ସାଧାରଣ ସଭାରେ କାର୍ଯ୍ୟକାରୀ କମିଟି ନିର୍ବାଚନକୁ ଏଜେଣ୍ଡାରେ ରଖାଯାଇଥିଲା, କିନ୍ତୁ ନିର୍ବାଚନ ହୋଇନଥିଲା ଏବଂ ଏପର୍ଯ୍ୟନ୍ତ ନୂଆ ନିର୍ବାଚନ କାର୍ଯ୍ୟସୂଚୀ ମଧ୍ୟ ଘୋଷଣା ହୋଇନାହିଁ ଓ "ଏହା ଆଉ କେବଳ ଏକ ନିର୍ବାଚନ ସମ୍ପର୍କିତ ବିଷୟ ନୁହେଁ । ଏହା ଓଡ଼ିଶାର ହକିକୁ କିଏ ନିୟନ୍ତ୍ରଣ କରିବ ଏବଂ ଏହି କ୍ରୀଡ଼ାର ପରିଚାଳନା ନିୟମିତ ଭାବେ ନିର୍ବାଚିତ ପ୍ରତିନିଧି ?ଙ୍କ ମାଧ୍ୟମରେ ହେବ ନା କି ଏପରି ଏକ ବ୍ୟବସ୍ଥା ମାଧ୍ୟମରେ, ଯାହାକୁ ପ୍ରଭାବିତ ଓ ନିଜ ଇଚ୍ଛା ଅନୁସାରେ ପରିଚାଳିତ କରାଯାଇପାରିବ ସେଥ ?ପାଇଁ ଏହା ଏକ ପ୍ରଶ୍ନ,' ବୋଲି ହକି ଓଡ଼ିଶାର ସାଧାରଣ ସମ୍ପାଦକ ପ୍ରତାପ ଶତପଥୀ କହିଛନ୍ତି । ସେ ଆହୁରି କହିଛନ୍ତି, 'ଆମେ ଚିନ୍ତିତ ଯେ ଓଡ଼ିଶାର ସମଗ୍ର ଛକି ବ୍ୟବସ୍ଥାକୁ ହାଇଜାକ୍ କରାଯାଉଛିଓ




ନିୟମ ସମସ୍ତଙ୍କ ପାଇଁ ସମାନ ଭାବେ ଲାଗୁ ହେବା ଦରକାର । ହକି ଖେଳାଳି ଏବଂ ପ୍ରକୃତ ପ୍ରତିନିଧିମାନଙ୍କର ଏହାର ପ୍ରଶାସନ ନିର୍ଦ୍ଧାରଣରେ ନିଜର ମତ ରଖିବାର ଅଧିକାର ରହିବା ଉଚିତ ।' କର୍ମକର୍ତ୍ତାମାନେ ହକି ଓଡ଼ିଶାର ନିର୍ବାଚନୀ ଆଧାର ଗଠନ କରୁଥିବା ବିଭିନ୍ନ ଜିଲ୍ଲା ହକି ଆସୋସିଏସନ୍ ?ର ଗଠନ ନେଇ ମଧ୍ୟ ପ୍ରଶ୍ନ ଉଠାଇଛନ୍ତି । ଜିଲ୍ଲା ସଂଗଠନଗୁଡ଼ିକରେ IAS ଅଧିକାରୀଙ୍କ ସମେତ ସରକାରୀ ଅଧିକାରୀମାନେ ପଦାଧିକାରୀ ଭାବେ ରହିଥ ?ିବାରୁ, ବର୍ତ୍ତମାନର ବ୍ୟବସ୍ଥା ରାଜ୍ୟ ହକି ଆସୋସିଏସନ୍ ?କୁ ନିୟନ୍ତ୍ରଣ କରୁଥିବା ପ୍ରଯୋଜ୍ୟ ନିୟମ ସହ ସମନ୍ୱୟ ରଖୁଛି କି ନାହିଁ, ସେନେଇ ସ୍ୱଷ୍ଟତା ଦାବି କରାଯାଇଛି । ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବ ସେବା ବିଭାଗ ଜୁଲାଇ ୨୦୨୧ରେ ସମସ୍ତ ୩୦ଟି ଜିଲ୍ଲାରେ ଛକି ଆସୋସିଏସନ୍ ଗଠନ ସମ୍ପର୍କରେ ଜିଲ୍ଲାପାଳମାନଙ୍କୁ ଚିଠି ଲେଖିଥିଲା । ଏଥିରେ ଏକ ବ୍ୟବସ୍ଥା ଉଲ୍ଲେଖ ଥିଲା, ଯାହା ଅନୁସାରେ ଜିଲ୍ଲାପାଳମାନେ ପଦାକାରୀ ସଭାପତି, ମନୋନୀତ ବରିଷ୍ଠ ଅଧିକାରୀମାନେ ପଦାକାରୀ ସମ୍ପାଦକ ଏବଂ ଜିଲ୍ଲା କ୍ରୀଡ଼ା ଅଧୁକାରୀମାନେ କୋଷାଧକ୍ଷ ଭାବେ କାର୍ଯ୍ୟ କରିପାରିବେ । "ଏହା ଉଚ୍ଚସ୍ତରୀୟ ମିଳିଭଗତ ଏବଂ ପୂର୍ବତନ ସରକାରର ସଂସ୍କୃତିର ଏକ ପରିଣାମ । ଆମେ ସୋସାଇଟିଜ୍ ? ରେଜିଷ୍ଟ୍ରାରଙ୍କୁ ସ୍ୱତଃପ୍ରେରିତ ଭାବେ ପଦକ୍ଷେପ ନେଇ ଏକ ଆଡ୍-ହକ୍ କମିଟି ଗଠନ କରିବାକୁ ଅନୁରୋଧ କରୁଛୁ । କାରଣ ବର୍ତ୍ତମାନର ସଂଗଠନର ଚାରି ବର୍ଷର କାର୍ଯ୍ୟକାଳ ଶେଷ ହୋଇସାରିଛି ଏବଂ ଓଡ଼ିଶାରେ ଏହି ସଂଗଠନର ଦାୟିତ୍ୱ ନେବା ପାଇଁ ବର୍ତ୍ତମାନ କୌଣସି ବୈଧ କର୍ତ୍ତୃପକ୍ଷ ନାହାନ୍ତି,' ବୋଲି ଶତପଥୀ କହିଛନ୍ତି । ଶତପଥୀ ଆହୁରି କହିଛନ୍ତି ଯେ, ଶେଷ ପର୍ଯ୍ୟନ୍ତ ଏହି ପ୍ରଶ୍ନ ହକି ଖେଳର ବିଶ୍ୱସନୀୟତାକୁ ସୁରକ୍ଷିତ ରଖିବା ସହ ସମ୍ପର୍କିତ । "ଖେଳାଳି, ପ୍ରଶିକ୍ଷକ, ପ୍ରଶାସକ ଏବଂ ସମର୍ଥକମାନଙ୍କ ଅବଦାନରେ ଓଡ଼ିଶା ଏକ ଅସାଧାରଣ ହକି ପରିବେଶ ଗଢ଼ି ଉଠିଛି । ଏହି ଗୌରବମୟ ପରମ୍ପରା କେବଳ କିଛି ବ୍ୟକ୍ତିଙ୍କ ସ୍ୱାର୍ଥରେ ସୀମିତ ହେବାକୁ ଦିଆଯାଇପାରିବ ନାହିଁ ଓ ଯଦି ନିର୍ବାଚନୀ ମଣ୍ଡଳୀ, ଜିଲ୍ଲା ଆସୋସିଏସନଗୁଡ଼ିକ କିମ୍ବା ନିର୍ଦ୍ଧାରିତ କାର୍ଯ୍ୟକାଳ ପରେ ମଧ୍ୟ କାର୍ଯ୍ୟକାରୀ କମିଟିର ଅବ୍ୟାହତ ରହିବା ନେଇ ପ୍ରଶ୍ନ ।

dishamanthan.com RNI No. ORIORI/20

# ଅନୁଗୋଳ ପୌରପାଳିକାର ବଡ଼ ସଫଳତା

## 'ସ୍ୱଚ୍ଛ ବାୟୁ ସର୍ବେକ୍ଷଣ'ରେ ଜାତୀୟ ସ୍ତରରେ ଦ୍ୱିତୀୟ ପୁରସ୍କାର, ଜିଲ୍ଲା ପ୍ରଶାସନର ଉଦ୍ୟମକୁ ସବୁଠି ପ୍ରଶଂସା

ଅନୁଗୋଳ,୭।୯(ନି.ପ୍ର.); ଅନୁଗୋଳ ଜିଲ୍ଲା ତଥା ପୌରପାଳିକା ପାଇଁ ଏକ ସ୍ମରଣୀୟ ଓ ଗୌରବମୟ ମୁହୂର୍ତ୍ତ। ଦେଶର ୧୩୦ଟି ସହରକୁ ନେଇ ଆୟୋଜିତ ଜାତୀୟ ସ୍ତରର 'ସ୍ୱଚ୍ଛ ବାୟୁ ସର୍ବେକ୍ଷଣ'ର କାଟେଗୋରୀ-୩ ରେ ଅନୁଗୋଳ ପୌରପାଳିକା ସମଗ୍ର ଭାରତରେ ଦ୍ୱିତୀୟ ସ୍ଥାନ ହାସଲ କରିଛି। ଆଜି ନୂଆଦିଲ୍ଲୀଠାରେ ଆୟୋଜିତ ଏକ ଭବ୍ୟ ସମାରୋହରେ ଜିଲ୍ଲାପାଳ ଅବ୍‌ଦାଲ୍ ମୁହମ୍ମଦ୍ ଅଖ୍ ?ତର ଏବଂ ପୌରପାଳିକାର ନିର୍ବାହୀ ଅଧିକାରୀ ଶ୍ରୀ ସତ୍ୟପ୍ରକାଶ ତ୍ରିପାଠୀ ଏହି ସମ୍ମାନଜନକ ଜାତୀୟ ପୁରସ୍କାର ଗ୍ରହଣ କରିଛନ୍ତି। ଏହା ଅନୁଗୋଳ ପୌରପାଳିକା ପାଇଁ କ୍ରମାଗତ ତୃତୀୟ




ଜାତୀୟ ସଫଳତା। ପୂର୍ବରୁ ଅନୁଗୋଳ ଦୁଇଥର ତୃତୀୟ ପୁରସ୍କାର ପାଇଥିବା ବେଳେ ଏଥର ଜିଲ୍ଲା ପ୍ରଶାସନର ସୁଦୃଢ଼ ନେତୃତ୍ୱ ଓ ଦୂରଦୃଷ୍ଟି ଯୋଗୁଁ ଗୋଟିଏ ପାହାଚ ଉପରକୁ ଉଠି ଦ୍ୱିତୀୟ ସ୍ଥାନ ଦଖଲ କରିପାରିଛି। ଅନୁଗୋଳ ଭଳି ଏକ ଶିଳ୍ପବହୁଳ ଅଞ୍ଚଳରେ ବାୟୁ ପ୍ରଦୂଷଣ ନିୟନ୍ତ୍ରଣ କରିବା ଏବଂ ବାୟୁର ଗୁଣବତ୍ତା ବୃଦ୍ଧି କରିବା ଏକ ବଡ଼ ଆହ୍ୱାନ ଥିଲା। ମାତ୍ର ଜିଲ୍ଲାପାଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ଜିଲ୍ଲା ପ୍ରଶାସନର ପ୍ରଶଂସନୀୟ କାର୍ଯ୍ୟଶୈଳୀ ଯୋଗୁଁ ଏହା ସମ୍ଭବ ହୋଇପାରିଛି। ଧୂଳି ନିୟନ୍ତ୍ରଣ, ବୃକ୍ଷରୋପଣ, ବର୍ଜ୍ୟବସ୍ତୁ ପରିଚାଳନା ଏବଂ ସବୁଜିମା ସୃଷ୍ଟି ପାଇଁ ଜିଲ୍ଲା ପ୍ରଶାସନ ନେଇଥିବା ସ୍ୱତନ୍ତ୍ର ପଦକ୍ଷେପ ଆଜି ସାରା ଦେଶରେ ଅନୁଗୋଳକୁ ଏକ ସ୍ୱତନ୍ତ୍ର ପରିଚୟ ଦେଇଛି। ଜିଲ୍ଲାପାଳ ଓ ପୌର ନିର୍ବାହୀ ଅଧିକାରୀଙ୍କ ସହ ପୌରପାଳିକାର ସମସ୍ତ ଅଧିକାରୀ, କର୍ମଚାରୀ, ସଫେଇ କର୍ମଚାରୀ (ସ୍ୱଚ୍ଛ ସାଥୀ) ଏବଂ ଅନୁଗୋଳବାସୀଙ୍କ ମିଳିତ ସହଯୋଗ ଯୋଗୁଁ ଏହି ପ୍ରଶଂସନୀୟ ମାଇଲଖୁଣ୍ଟ ହାସଲ ହୋଇଛି। ଅନୁଗୋଳକୁ ଆହୁରି ସ୍ୱଚ୍ଛ, ସବୁଜ ଓ ସୁସ୍ଥ ରଖିବା ପାଇଁ ଏହି ସଫଳତା ପ୍ରଶାସନ ଓ ନାଗରିକଙ୍କୁ ଆଗାମୀ ଦିନରେ ଅଧିକ ପ୍ରେରଣା ଯୋଗାଇବ।

# ଆବାସିକ ବିଦ୍ୟାଳୟକୁ ସଚେତନ କରାଇଲେ ବୁଦ୍ଧିଜୀବୀ

## ଜିଲ୍ଲା ଉପଭୋକ୍ତା ବିବାଦ ମଞ୍ଚର ରାୟ, ନ୍ୟାୟ ପାଇଲେ ଅଭିଭାବକ

ପାରାଦୀପ - ସରକାରୀ ବିଦ୍ୟାଳୟ ଗୁଡିକର ଶୈକ୍ଷିକ ଗୁଣବତ୍ତା ଓ ମାନକୁ ହ୍ରାସ କରାଇବା ଉଦ୍ଦେଶ୍ୟରେ ଗୁଣାତ୍ମକ ଶିକ୍ଷାଦାନ ବା କ୍ୱାଲିଟୀ ଏଜୁକେସନର ସ୍ଲୋଗାନ ଦେଇ ବ୍ୟବସାୟିକ ମାନସିକତାରେ ସୃଷ୍ଟି ହୋଇଥିବା ଆବାସିକ ବିଦ୍ୟାଳୟ ସମଗ୍ର ଶିକ୍ଷା ବ୍ୟବସ୍ଥାକୁ ନିଜ ନିକଟରେ କବଳିତ କରି ରଖିଛନ୍ତି । ମନଲୋଭା ବିଜ୍ଞାପନ ପୋଷ୍ଟର, ଗ୍ରୀଷ୍ମକାଳୀନ ଅବସର ସମୟରେ ଶିକ୍ଷାଦାନ, କମ୍ପ୍ୟୁଟର ଶିକ୍ଷା, ସ୍ପୋକନ୍ ଇଂଲିସ୍ ଇତ୍ୟାଦିର ଲମ୍ବା ଚଉଡ଼ା ସୁବିଧା ସୁଯୋଗ ଅଭିଭାବକ ମାନଙ୍କୁ ଆକୃଷ୍ଟ କରିବା ସ୍ୱାଭାବିକ। ଅନେକ କାଗଜ ପତ୍ରରେ ଅଭିଭାବକ ମାନଙ୍କୁ ଦସ୍ତଖତ କରାଇ ତାଙ୍କ ଅଜାଣତରେ ସେମାନଙ୍କୁ ଶୋଷଣ କରନ୍ତି। ଏମିତି ଏକ ଘଟଣା ଘଟିଛି ବଡ଼ ବାଲିକଣୀ ଗ୍ରାମର ସଚିତ୍ର ଦାସ ଓ ମୋନାଲିସା ଦାସଙ୍କ କ୍ଷେତ୍ରରେ। ନିଜର ସାନ ପୁଅ, ଅନନ୍ତବ୍ରତ ଦାସ (ଅପୁ) ଙ୍କୁ ନେଇ ଭୁବନେଶ୍ୱର ସ୍ଥିତ ଟି.ଏସ.ଜି ଗୁରୁକୂଳ, ଗୋଠପାଟଣା, ମଳିପଡ଼ା ରେ ପଞ୍ଚମ ଶ୍ରେଣୀରେ ୧୦.୫.୨୦୨୬ ରିଖରେ ଗ୍ରୀଷ୍ମକାଳୀନ ଅବକାଶ ଅଧ୍ୟୟନ ପାଇଁ ଆଡମିଶନ୍ କରାଇଥିଲେ। ଅନନ୍ତ ୧୨.୫.୨୦୨୫ରିଖ ଠାରୁ ୨୯.୫.୨୦୨୫ ପର୍ଯ୍ୟନ୍ତ ହଷ୍ଟେଲ ରେ ରହିବା ପରେ ପ୍ରବଳ ଗ୍ରୀଷ୍ମତାପ ପାଇଁ ସାମୟିକ ଭାବେ ହଷ୍ଟେଲ ବନ୍ଦ ହେବାରୁ ଘରକୁ ଫେରି ଆସିଥିଲେ। ଅନନ୍ତର ହଷ୍ଟେଲରେ ରହଣୀ ମଧ୍ୟରେ ପର୍ଯ୍ୟାୟାନୁକ୍ରମେ ୫୫୦୦୦ ଟଙ୍କା ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ନିକଟରେ ପୈଠ କରାଇଥିଲେ। ସରକାରୀ ଅବକାଶ ଅବଧି ଶେଷ ହେବା ପରେ ବାଳକ ଅନନ୍ତ ୨୦.୬.୨୫ ରିଖରେ ପୁଣି ଗୁରୁକୂଳ ବିଦ୍ୟାଳୟକୁ ଫେରିଥିଲା। ହଷ୍ଟେଲରେ ପୁଅକୁ ଛାଡି ଘରକୁ ଫେରିବା



ପରେ ହଷ୍ଟେଲ ର ୱାର୍ଡେନ ତରଫରୁ ସଚିତ୍ର ବାବୁଙ୍କ ନିକଟକୁ ଫୋନ୍ ଆସିଥିଲା, ଯେ ତୁମ ପୁଅ ପ୍ରବଳ କାନ୍ଦୁଛି, ଖାଉନି ଇତ୍ୟାଦି। ବାପା ମାଆ ହଷ୍ଟେଲ ଯାଇ ସେହିଦିନ ପୁଅକୁ ଯେତେ ବୁଝାଇଲେ ମଧ୍ୟ ସେ ରହିବାକୁ ରାଜି ନହେବାରୁ ପୁଅକୁ ଘରକୁ ଆଣିଥିଲେ। ଅନନ୍ତ ହଷ୍ଟେଲରେ ୧୭ ଦିନ ରହିଛି। ବାପା ମାଆ ବାରମ୍ବାର ବିଦ୍ୟାଳୟକୁ ଯାଇ ଅନୁରୋଧାତ୍ମକ ଭାଷାରେ ବିଦ୍ୟାଳୟ କର୍ତ୍ତୃପକ୍ଷ ଙ୍କୁ ପୁଅର ରହଣୀ ବାବଦକୁ କିଛି ପଇସା ରଖି ଅବଶିଷ୍ଟ ଫେରାଇବାକୁ ଗୁହାରୀ କରିଥିଲେ ମଧ୍ୟ କର୍ତ୍ତୃପକ୍ଷ ନାଲି ଆଖି ଦେଖାଇ କୌଣସି ଟଙ୍କା ଫେରସ୍ତ ଦିଆଯିବ ନାହିଁ ବୋଲି ଏକ ପ୍ରକାର ଧମକ ଦେଇଥିଲେ। ବାପା ମାଆ ଶେଷରେ ବ୍ୟାସ ଫାଉଣ୍ଡେସନର ଅଧ୍ୟକ୍ଷା ତଥା ଅଖିଳ ଭାରତୀୟ ଗ୍ରାହକ କଲ୍ୟାଣ ପରିଷଦର ସଭାନେତ୍ରୀ ଶ୍ରୀମତୀ ସ୍ନେହମୟୀ ଆଚାର୍ଯ୍ୟଙ୍କ ମାଧ୍ୟମରେ ଆଇନଜୀବୀ ହୃଷିକେଶ ନନ୍ଦଙ୍କ ପ୍ରୟାସରେ ଜିଲ୍ଲା ଉପଭୋକ୍ତା ବିବାଦ ମଞ୍ଚ, ଜଗତସିଂହପୁର ନିକଟରେ କ୍ଷତିପୂରଣ ବାବଦକୁ ଏକ କେସ ଦାୟର କରିଥିଲେ। ମାନ୍ୟବର ଜିଲ୍ଲା ଖାଉଟି ବିବାଦ ମଞ୍ଚର ସଭାପତି ପ୍ରଭାତ କୁମାର ପାଢ଼ୀ ଓ ସଭ୍ୟା ମଧୁସ୍ମିତା ସ୍ୱାଇଁ ଉକ୍ତ ବିଷୟକୁ ସାମଗ୍ରିକ ଭାବେ ବିଚାର ବିମର୍ଷ କରି ଉକ୍ତ ବିଦ୍ୟାଳୟ ବିରୁଦ୍ଧରେ ଆର୍ଥିକ ଜୋରିମାନା ସାବ୍ୟସ୍ତ କରି ଅନନ୍ତଙ୍କ ବାପା ମାଆଙ୍କ ଦ୍ୱାରା ପୈଠ କରିଥିବା ୪୬,୭୦୦ ର ୮% ସୁଧ ସହ କ୍ଷତି ପୂରଣ ବାବଦକୁ ଏକ ଲକ୍ଷ ତଥା ମାନସିକ ପ୍ରତାରଣା ପାଇଁ ୧୫୦୦୦ ଟଙ୍କା ଦେବାର ରାୟ ଦେଇଛନ୍ତି। ଜିଲ୍ଲା ଖାଉଟି ବିବାଦ ମଞ୍ଚର ଏପ୍ରକାର ରାୟକୁ ବୁଦ୍ଧିଜୀବୀ ମାନେ ଭୂୟସୀ ପ୍ରଶଂସା କରିବା ସହ ବ୍ୟବସାୟ ରେ ପରିଣତ ହୋଇଥିବା ଶିକ୍ଷା ବ୍ୟବସ୍ଥା ରେ ଅଙ୍କୁଶ ନ ଲାଗିଲେ ରାଷ୍ଟ୍ର ବା ଦେଶ ପ୍ରତି ଶୁଭଙ୍କର ନୁହଁ ବୋଲି ଆଲୋଚନା ଜୋର ଧରିଥିଲା ।

# ଜିଲ୍ଲାସ୍ତରୀୟ ମିଳିତ ଜନ ଶୁଣାଣି କାର୍ଯ୍ୟକ୍ରମ

ଅନୁଗୋଳ,୭।୯(ନି.ପ.): ଆଜି ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରୀତିମୟଙ୍କ ଅଧ୍ୟକ୍ଷତାରେ ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଛେଣ୍ଡିପଦା ଠାରେ ଜିଲ୍ଲା ସ୍ତରୀୟ ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜନଶୁଣାଣି ଶିବିରରେ ସମୁଦାୟ ୪୩ଟି ଅଭିଯୋଗ ଗ୍ରହଣ କରାଯାଇଥିଲା । ସେଥିମଧ୍ୟରୁ ୩୩ଟି ବ୍ୟକ୍ତିଗତ ଓ ୧୦ଟି ଗ୍ରାମ୍ୟଭିତ୍ତିକ ଅଭିଯୋଗ ଶୁଣାଣି ହୋଇଥିବାବେଳେ ୧ ଟି ଅଭିଯୋଗର ତୁରନ୍ତ ଫଇସଲା କରାଯାଇଥିଲା



। ଏହି କାର୍ଯ୍ୟକ୍ରମରେ ଛେଣ୍ଡିପଦା ପଞ୍ଚାୟତ ସମିତି ଅଧ୍ୟକ୍ଷା ମତୀ ସୁମିତ୍ରା ସାହୁ, ଅତିରିକ୍ତ ଜିଲ୍ଲାପାଳ ଉଦୟ କୁମାର ମହାପାତ୍ର, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଦେବଦତ୍ତ ମହନ୍ତ, ଅନୁଗୋଳ ଉପଖଣ୍ଡ ପୋଲିସ ଅଧିକାରୀ ରମାକାନ୍ତ ମହାଲିକ, ଆସିଷ୍ଟାଣ୍ଟ କଲେକ୍ଟର ସଞ୍ଜୟ କୁମାର ଭୋଇ, ଛେଣ୍ଡିପଦା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅରବିନ୍ଦ ବେହେରା, ଛେଣ୍ଡିପଦା ତହସିଲଦାର ମାନସ ରଞ୍ଜନ ରାୟ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରିଣୀ ମଧୁସ୍ମିତା ନନ୍ଦ, ଜିଲ୍ଲା ମଙ୍ଗଳ ଅଧିକାରୀ ଦିଲ୍ଲୀପ କୁମାର ମିଶ୍ର, ଜିଲ୍ଲା ଯୋଗାଣ ଅଧିକାରୀ ନିବାସ ସାହୁ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ପୁଷ୍ପାଞ୍ଜଳୀ ଶତପଥି, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଦିବ୍ୟ ସ୍ୱରୂପ ପଣ୍ଡା,ଉପ-ନିର୍ଦ୍ଦେଶକ ଉଦ୍ୟାନ ଅମର ଲୁଗୁନ୍, ଜିଲ୍ଲା ମୁଖ୍ୟପ୍ରାଣୀ ଚିକିତ୍ସା ଅଧିକାରୀ ଡ. ସତ୍ୟ ନାରାୟଣ ସାହୁ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ମନିଷ ଏକ୍କାଙ୍କ ସମେତ ବିଭିନ୍ନ ଜିଲ୍ଲା ସ୍ତରୀୟ ଓ ବ୍ଲକ୍ ସ୍ତରୀୟଅଧିକାରୀମାନେ ଯୋଗ ଦେଇଥିଲେ । ଏହି ଶିବିରକୁ ଆସିଥିବା ଲୋକମାନେ ଗ୍ରାମ୍ୟ ସମସ୍ୟା, ସ୍ୱାସ୍ଥ୍ୟ, ଗ୍ରାମୀଣ ଆବାସ, ଜମିଜମା ସମ୍ବନ୍ଧୀୟ, ବ୍ୟକ୍ତିଗତ ସମସ୍ୟା ସମେତ ବିଭିନ୍ନ ଅଭିଯୋଗ ଦାଖଲ କରିଥିଲେ ।

# ପରିବେଶ ସୁରକ୍ଷା ସ୍ୱତନ୍ତ୍ର କାର୍ଯ୍ୟକ୍ରମକୁ ଅନୁଗୋଳ ବିଧାୟକଙ୍କ ଦ୍ୱାରା ଉଦଘାଟନ

## ପରିବେଶ ସୁରକ୍ଷା ନେଇ ଛାତ୍ରଛାତ୍ରୀଂକ ସଚେତନତା ବାର୍ତ୍ତା

ଅନୁଗୋଳ,୭।୯(ନି.ପ୍ର.): ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଅନୁଗୋଳ ଶାଖା ପକ୍ଷରୁ ପରିବେଶ ସଚେତନତା ନେଇ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ର ଆୟୋଜନ କରାଯାଇଅଛି । ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ ମାନଂକୁ ନେଇ ଏକ ସାଇକେଲ ରାଲି , ଆବର୍ଜନା ସଫେଇ କାର୍ଯ୍ୟ ସହିତ ସଚେତନତା ସଭାର ଆୟୋଜନ କରାଯାଇଥିଲା । ସାଇକେଲ ରାଲିକୁ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ପତାକା ପ୍ରଦର୍ଶନୀ କରି ଉଦଘାଟନ କରିଥିଲେ ।

ଛାତ୍ରଛାତ୍ରୀ ମାନେ ଆଂଚଳିକ ରାଜ୍ୟ ପ୍ରଦୂଷଣ ବୋର୍ଡ ଶିଳ୍ପାଂଚଳ ଠାରୁ ଅନୁଗୋଳ ସହର ପରିକ୍ରମା କରି ଜଗନ୍ନାଥ ମନ୍ଦିର ପର୍ଯ୍ୟନ୍ତ ଆସିଥିଲେ । ପରିବେଶଧର୍ମୀ ପ୍ଲାଇକାର୍ଡ ପ୍ରଦର୍ଶନୀ ଏବଂ ଡାକବାଜିଯନ୍ତ୍ର ରେ ପରିବେଶ ସମ୍ବନ୍ଧୀୟ ସ୍ଲୋଗାନ ଦେଇ ଛାତ୍ରଛାତ୍ରୀଂକ ସାଇକେଲ ରାଲି ସହରବାସୀଂକୁ ପ୍ରଭାବିତ କରିଥିଲା । ଏହାପରେ ଛାତ୍ରଛାତ୍ରୀ ମାନେ ଜଗନ୍ନାଥ ମନ୍ଦିର ଠାରୁ ଟାଉନହଲ ପର୍ଯ୍ୟନ୍ତ ଏକ ଆବର୍ଜନା ସଫେଇ କାର୍ଯ୍ୟକ୍ରମ



କରାଯାଇଥିଲା । କଠିନ ବର୍ଜ୍ୟବସ୍ତୁ ଏବଂ ଅନ୍ୟାନ୍ୟ ସାଧାରଣ ବର୍ଜ୍ୟବସ୍ତୁର ପରିଚାଳନା ଏବଂ ପରିବେଶଧର୍ମୀ ବ୍ୟବହାର ଉପରେ ପ୍ରଚାର କରାଯାଇଥିଲା । ଅନୁଗୋଳ ଟାଉନ ହଲ୍ ଠାରେ ଏକ ସଚେତନତା ସଭାରେ ଆଂଚଳିକ ଅଧିକାରୀ ଇଂ ରମେଶ ଚନ୍ଦ୍ର ଏକ୍କା ସଭାପତିତ୍ୱ କରିଥିଲେ । ଆଂଚଳିକ ମୁଖ୍ୟ ବନ ସଂରକ୍ଷକ ଅନୁଗୋଳ ତଥା ସାତକୋଶିଆ ବ୍ୟାଘ୍ର ପ୍ରକଳ୍ପ କ୍ଷେତ୍ର ନିର୍ଦ୍ଦେଶକ ଡା. ସଂଜୟ କୁମାର ସ୍ୱାଇଁ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ । କଠିନ ବର୍ଜ୍ୟବସ୍ତୁ ପଲିଥିନର ବ୍ୟାପକ ବ୍ୟବହାର ଜନିତ ମୃତ୍ତିକା, ଜଳାଶୟ, ନଦୀ, ନାଳ ଏବଂ ସମୁଦ୍ର ପ୍ରଦୂଷିତ ହେଉଥିବାର ପ୍ରତିକୂଳ ଭାବରେ ଭୟାନକ ଥିବା ଡ଼ା. ସ୍ୱାଇଁ ପ୍ରକାଶ କରିଥିଲେ । ଆବଶ୍ୟକ ନ ଥାଇ ପଲିଥିନ୍ ବ୍ୟବହାରରୁ ଦୂରରେ ରହିବା ସହିତ ଏକକ ପ୍ଲାଷ୍ଟିକକୁ ବର୍ଜନ ପାଇଁ ଡ଼ା. ସ୍ୱାଇଁ ପରାମର୍ଶ ଦେବା ସଙ୍ଗେ ସହରାଞ୍ଚଳରେ ସ୍ମୃତି ବନୀକରଣ ଓ ସହରାଞ୍ଚଳ ବନୀକରଣକୁ ଗୁରୁତ୍ୱାରୋପ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ବିଜ୍ଞାନ ପରିଚାଳକ ଅମ୍ବୁଜ ଗଡ଼ନାୟକ ଏବଂ ପ୍ରକୃତି ପରିବେଶ ଓ ବନ୍ୟଜୀବ ସମିତି ସମ୍ପାଦକ ପ୍ରସନ୍ନ କୁମାର ବେହେରା ସମ୍ମାନିତ ଅତିଥି ଭାବରେ ପରିବେଶ ସୁରକ୍ଷା ସମ୍ବନ୍ଧୀୟ ପରାମର୍ଶ ପ୍ରଦାନ କରିଥିଲେ । ପରିବେଶ ସୁରକ୍ଷା ନେଇ ସମସ୍ତ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ଅତିଥିମାନେ ଶପଥ ପାଠ କରିଥିଲେ । ଛାତ୍ରଛାତ୍ରୀ ମାନଙ୍କୁ ୨ ଶହ ପିଜୁଳି, ଆଉ ପ୍ରଭୃତିଫଳଚାରା ମାଗଣା ବିତରଣ କରାଯାଇଥିଲା । ଅନ୍ୟାମନଂକ ମଧ୍ୟରେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ବବି ବେହେରା ଛାତ୍ରଛାତ୍ରୀ ମାନଂକୁ ପରିବେଶ ବାର୍ତ୍ତା , ସୋମ୍ୟ ରଂଜନ କୁଅଁର ସଭା ସଂଚାଳନ କରିଥିବା ବେଳେ ପ୍ରଫୁଲ ବେହେରା ଧନ୍ୟବାଦ ପ୍ରଦାନ କରିଥିଲେ । ଅନ୍ୟମାନଂକ ମଧ୍ୟରେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ସଂଜୟ କୁମାର ଭୋଇ, ପ୍ରଫୁଲ ରାଉଳ, ନକୁଳ ସାହୁ ଏବଂ ପ୍ରକୃତି ପରିବେଶ ଓ ବନ୍ୟଜୀବନ ସମିତିର ଶ୍ୟାମ ସୁନ୍ଦର ଦାସ, ରବୀନ୍ଦ୍ର କୁମାର ସାହୁ , ପ୍ରିୟବ୍ରତ ବେହେରା, ସ୍ୱସ୍ତୀ ଦୀପା, ପ୍ରତ୍ୟୁଷା ମାଝୀ, ଲିକୁନ ପ୍ରଧାନ, ବିନୟ ସାହୁ ଆୟୋଜନର ସହଯୋଗ କରିଥିଲେ।

# ଗୋଠିଆ ପ୍ରସ୍ତାବିତ ସଂରକ୍ଷିତ ଜଙ୍ଗଲରେ ବେଆଇନ ଖଣିଜ ଉତ୍ତୋଳନ ଅଭିଯୋଗ

କୋଇଡା,୦୭।୦୯ (ସୌମ୍ୟ ମହାନ୍ତି): କୋଇଡା ବନାଞ୍ଚଳ ଅଧୀନ ଗୋଠିଆ ପ୍ରସ୍ତାବିତ ସଂରକ୍ଷିତ ଜଙ୍ଗଲ (ଚଜର) ଅଞ୍ଚଳରେ କଥିତ ବେଆଇନ ଭାବେ ଖଣିଜ ଉତ୍ତୋଳନ ଅଭିଯୋଗରେ ବନ ବିଭାଗ ପକ୍ଷରୁ ଜଣେ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି। ଘଟଣାକୁ ନେଇ ବନ ବିଭାଗ ପକ୍ଷରୁ ମାମଲା ରୁଜୁ ସହ



ଆଇନଗତ ପ୍ରକ୍ରିୟା ଆରମ୍ଭ ହୋଇଛି ।ବନ ବିଭାଗର ଦଲିଲ ଅନୁଯାୟୀ, ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତମାନଙ୍କୁ ଧରିବାକୁ ଉଦ୍ୟମ କରୁଥିବା ସମୟରେ କିଛି ବ୍ୟକ୍ତି ସେଠାରୁ ଚମ୍ପଟ ମାରିଥିଲେ। ତେବେ ପିଛା କରିବା ସମୟରେ ଜଣେ ବ୍ୟକ୍ତି ଧରାପଡ଼ିଥିଲେ ।ଧରାପଡ଼ିଥିବା ବ୍ୟକ୍ତିଙ୍କ ନାମ ସମାଜନ ପୂର୍ତ୍ତି, ବୟସ ପ୍ରାୟ ୨୧ ବର୍ଷ ବୋଲି ବନ ବିଭାଗୀୟ ଦଲିଲରେ ଉଲ୍ଲେଖ ରହିଛି। ତାଙ୍କ ଠିକଣା ଗୋଠିଆ ଅଞ୍ଚଳ ବୋଲି ଦର୍ଶାଯାଇଛି ।ଘଟଣା ସମ୍ପର୍କରେ କୋଇଡା ବନ ବିଭାଗ ପକ୍ଷରୁ FIR No. ୦୦୫୬୭୮୦/ ୨୭୯୧/୯୫୯ (ଇ) ଆଧାରରେ ମାମଲା ରୁଜୁ କରାଯାଇଥିବା ବେଳେ OR Case No. 79-K of 2026-27 ଭାବେ ମାମଲା ପଞ୍ଜୀକୃତ ହୋଇଛି। ଅଭିଯୁକ୍ତଙ୍କ ବିରୋଧରେ ଓଡ଼ିଶା ଫରେଷ୍ଟ ଆକ୍ଟ, ୧୯୭୨ର ଧାରା ୭୨(୧)(ବ) ଅନୁଯାୟୀ ଅଭିଯୋଗ ରୁଜୁ ହୋଇଥିବା ଦଲିଲରୁ ଜଣାପଡ଼ିଛି। ମାମଲାର ପରବର୍ତ୍ତୀ ଆଇନଗତ ପ୍ରକ୍ରିୟା ପାଇଁ ଅଭିଯୁକ୍ତଙ୍କୁ ମାନ୍ୟବର ଓଗରଉ, କୋଇଡାଙ୍କ ଅଦାଲତରେ ଉପସ୍ଥାପନ କରାଯିବା ସହ ଆଇନ ଅନୁଯାୟୀ ପଦକ୍ଷେପ ନିଆଯାଇଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ, ଗୋଠିଆ PRF ସମେତ ବନାଞ୍ଚଳରେ ବେଆଇନ ଖଣିଜ ଉତ୍ତୋଳନ, ଅନଧିକୃତ କାର୍ଯ୍ୟକଳାପ ଓ ବନ ଆଇନ ଉଲ୍ଲଂଘନ ରୋକିବା ନେଇ ବନ ବିଭାଗ ପକ୍ଷରୁ ନଜରଦାରି ଏବଂ ଆଇନାନୁଗ କାର୍ଯ୍ୟାନୁଷ୍ଠାନ ଜାରି ରହିବ ବୋଲି ବନଖଣ୍ଡ ଅଧିକାରୀ ଯଶବନ୍ତ ସେଠୀ ସୂଚନା ଦେଇଛନ୍ତି ।

# ନବରଙ୍ଗପୁର ପୌର କାର୍ଯ୍ୟାଳୟରେ ଜନ ଅଭିଯୋଗ ଶୁଣାଣି ଶିବିର

ନବରଙ୍ଗପୁର, ଜନସାଧାରଣଙ୍କ ଅଭିଯୋଗ ଓ ସମସ୍ୟାର ତ୍ୱରିତ ତଥା ସମୟୋଚିତ ସମାଧାନ ଉଦ୍ଦେଶ୍ୟରେ ଆଜି ନବରଙ୍ଗପୁର ପୌର ପରିଷଦ କାର୍ଯ୍ୟାଳୟ ପରିସରରେ ଏକ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଡ଼. ମହେଶ୍ୱର ସ୍ୱାଇଁ ଏବଂ ଆରକ୍ଷୀ ଅଧୀକ୍ଷକ କାଶ୍ୟପ ପାର୍ଥ ଜଗଦୀଶଙ୍କ ଯୁଗ୍ମ ଅଧ୍ୟକ୍ଷତାରେ ଏହି ଶିବିର ଅନୁଷ୍ଠିତ ହୋଇଥିଲା।

ଶିବିରରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଡ଼. ପ୍ରମୋଦ କୁମାର ପୃଷ୍ଟି, ବନଖଣ୍ଡ ଅଧିକାରୀ ଶ୍ରୀ ଉଦୟନ୍ ସୁବୁଦ୍ଧି, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଶ୍ରୀ ବିରଞ୍ଚି ନାରାୟଣ ଦରୱାନ, ଉପଜିଲ୍ଲାପାଳ ଶ୍ରୀ ପ୍ରକାଶ କୁମାର ମିଶ୍ରଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ରହି ଜନସାଧାରଣଙ୍କ ଅଭିଯୋଗ ଶୁଣିଥିଲେ। ଆଜିର ଶିବିରରେ ମୋଟ ୪୪ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ୩୪ଟି ବ୍ୟକ୍ତିଗତ ଅଭିଯୋଗ ଏବଂ ୧୦ଟି ଗ୍ରାମ୍ୟ ସମସ୍ୟା ସମ୍ବନ୍ଧୀୟ ଅଭିଯୋଗ ରହିଥିଲା। ଅଭିଯୋଗଗୁଡ଼ିକ ମଧ୍ୟରେ ବ୍ୟକ୍ତିଗତ ସମସ୍ୟା ସହିତ ବିଭିନ୍ନ ସାମୂହିକ ଓ ଗ୍ରାମ୍ୟ ସମସ୍ୟା



ସମ୍ପର୍କିତ ବିଷୟ ଉପସ୍ଥାପିତ ହୋଇଥିଲା।

ଜିଲ୍ଲାପାଳ ଡ଼. ମହେଶ୍ୱର ସ୍ୱାଇଁ ପ୍ରତ୍ୟେକ ଅଭିଯୋଗକାରୀଙ୍କ ସମସ୍ୟାକୁ ଧୈର୍ଯ୍ୟର ସହ ଶୁଣିବା ସହିତ ଅଭିଯୋଗର ପ୍ରକୃତି ଓ ତଥ୍ୟ ଅନୁଧ୍ୟାନ କରିଥିଲେ। ଅଭିଯୋଗଗୁଡ଼ିକର ନିୟମାନୁଯାୟୀ ଯାଞ୍ଚ କରି ତ୍ୱରିତ ଓ ସମୟସୀମା ମଧ୍ୟରେ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଆବଶ୍ୟକ ନିର୍ଦ୍ଦେଶ ପ୍ରଦାନ କରିଥିଲେ।

ଏଥିସହିତ, ପୋଲିସ ସମ୍ପର୍କିତ ଅଭିଯୋଗଗୁଡ଼ିକୁ ଆରକ୍ଷୀ ଅଧୀକ୍ଷକ ଶ୍ରୀ କାଶ୍ୟପ ପାର୍ଥ ଜଗଦୀଶ ଶୁଣାଣି କରିଥିଲେ ଏବଂ ଆବଶ୍ୟକ ପଦକ୍ଷେପ ଗ୍ରହଣ ପାଇଁ ସମ୍ପୃକ୍ତ ପୋଲିସ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ଜନ ଅଭିଯୋଗ ଶୁଣାଣି ଶିବିର ମାଧ୍ୟମରେ ଜନସାଧାରଣ ସେମାନଙ୍କ ସମସ୍ୟାକୁ ଜିଲ୍ଲା ପ୍ରଶାସନର ଦୃଷ୍ଟିକୁ ସିଧାସଳଖ ଆଣିବା ସହିତ ଏହାର ସମାଧାନ ପାଇଁ ପ୍ରଶାସନିକ ସ୍ତରରେ ଆବଶ୍ୟକ ପଦକ୍ଷେପ ନିଆଯାଉଛି। ଏପରି ଶିବିର ମାଧ୍ୟମରେ ଲୋକାଭିମୁଖୀ, ପାରଦର୍ଶୀ ଓ ଉତ୍ତରଦାୟୀ ପ୍ରଶାସନ ସୁନିଶ୍ଚିତ କରିବା ସହିତ ଜନସାଧାରଣଙ୍କ ଅଭିଯୋଗର ତ୍ୱରିତ ନିରାକରଣ ଉପରେ ଜିଲ୍ଲା ପ୍ରଶାସନ ଗୁରୁତ୍ୱ ଦେଇଆସୁଛି।

# ମଣ୍ଡଳସ୍ତରୀୟ ଖେଳକୁଦ ପ୍ରତିଯୋଗିତା

ଭଦ୍ରକ,୭।୯(ନି.ପ୍ର) : ଭଦ୍ରକ ବ୍ଲକର ସାତଭଉଣୀ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆର ୧୬ଟିରୁ ଊର୍ଦ୍ଧ୍ୱ ବିଦ୍ୟାଳୟ ୩୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କୁ ନେଇ ଖେଳକୁଦ ପ୍ରତିଯୋଗିତା ଆରମ୍ଭ କରାଯାଇଥିଲା। ଏଥିପାଇଁ ବିଦ୍ୟାଳୟ ଖେଳପଡିଆରେ ଶୋଭାଟି ମଧ ଆୟୋଜନ କରାଯାଇଥିଲା। ଏହି ଖେଳକୁଦ ସଭାରେ ସଭାପତିତ୍ୱ କରିଥିଲେ ସାତଭଉଣୀ ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଭାମାମଣି ଦାସ। ମୁଖ୍ୟଅତିଥି ଭାବେ ମାନସ କୁମାର ନାୟକ ଗୋଷ୍ଠୀ କ୍ରୀଡ଼ା ସାଧନ ସମ୍ପାଦକ, ସମ୍ମାନନୀୟ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ବଂଶୀଧର ଦାସ, ଭଦ୍ରକ, ଅନ୍ୟ ସମ୍ମାନନୀୟ ଅତିଥି ଭାବେ ଅକୋରା ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ମଧୁସ୍ମିତା ରାଉତରାୟ, ବିଦ୍ୟାଳୟ କମିଟି ଅଧ୍ୟକ୍ଷ ମହେଶ୍ୱର ପରିଡା, ବିଳାସିନୀ ପୁହାଣ, ସାତଭଉଣୀ ଉଚ୍ଚବିଦ୍ୟାଳୟର ସମ୍ପାଦିକା, ସଚିକାନ୍ତ ପଣ୍ଡା,



ଖେଳ ଶିକ୍ଷକ, ଅକୋରା ହାଇସ୍କୁଲ, ଅଶୋକ କୁମାର ପଣ୍ଡା, ଖେଳ ଶିକ୍ଷକ, କ୍ଷେତ୍ରବାସୀ ଚୁନିଦା, ଶିବ ଚରଣ ପତି, ଖେଳ ଶିକ୍ଷକ, ବିରିପଡା ହାଇସ୍କୁଲ, ଶୁଭଲକ୍ଷ୍ମୀ ମହାନ୍ତି, ଖେଳ ଶିକ୍ଷୟିତ୍ରୀ, ଗେଲପୁର ହାଇସ୍କୁଲ, ଗୀତାଞ୍ଜଳି ପରିଡା, ଖେଳ ଶିକ୍ଷୟିତ୍ରୀ, ଉତ୍ତରବାହିନୀ ହାଇସ୍କୁଲ, ନିରୁପମା ବେହେରା ଖେଳ ଶିକ୍ଷୟିତ୍ରୀ, ଭଦ୍ରକ କାଳୀ ହାଇସ୍କୁଲ, ଉପମଣ୍ଡଳ ଖେଳକୁଦ ସ୍ତରୀୟ ଜୋନର ସମସ୍ତ ସିଆରସିମାନେ ଯୋଗଦେଇ ସଭାଟିକୁ ସାଫଲ୍ୟ ମଣ୍ଡନ କରିଥିଲେ। ସଭା ଶେଷରେ ଉପ ଜୋନ ସ୍ତରୀୟ ଖେଳକୁଦ ଆରମ୍ଭ କରାଯାଇଥିଲା। ଏହି ଖେଳକୁଦରେ କୋମଳମତି ଛାତ୍ରଛାତ୍ରୀମାନେ ମୁଣ୍ଡ ଫଟା ଖରା ଟାଣ ହେଲେ ମଧ ଖାତିରି ନ କରି ଖେଳକୁଦରେ ଲାଗିପଡ଼ିଥିଲେ। ଯାହା ହେଉ ଶରତ ଋତୁରେ ଏତେ ବଡ଼ ଟାଣ ଖରାରେ କୋମଳମତି ଛାତ୍ରଛାତ୍ରୀମାନେ ଆନନ୍ଦ ଉଲ୍ଲାସରେ ଖେଳରେ ଯୋଗ ଦେଇଥିଲେ।

# ରାଜଗାଙ୍ଗପୁର ଅଜଣା ମହିଳା ଙ୍କ ମୃତ୍ୟୁ ଦେହ ଉଦ୍ଧାର

ରାଜଗାଙ୍ଗପୁର,୭।୯ : ରାଜଗାଙ୍ଗପୁର ଥାନା ଅନ୍ତର୍ଗତ ମନ୍ଦିରା ଡାମ ଗଭିର ପାଣିରେ ଏକ ଅଜଣା ମହିଳା ଙ୍କ ମୃତଦେହ ଭାସୁଥିବା ସୁଚନା ପାଇଁ ଏସ ଆଇ ହରିଶ୍ ଛତର ପୋଲିସ ସୁରକ୍ଷା ବଳ ସହ ଘଟଣା ସ୍ଥଳରେ ପହଞ୍ଚି ଘଟଣା ସ୍ଥଳରୁ ମହିଳା ଙ୍କ ମୃତଦେହ ପାଣିରୁ ଉଦ୍ଧାର କରିଥିଲେ। ଉକ୍ତ ମୃତ ମହିଳା ଙ୍କ ବୟସ ଆଖାପାଖି ୩୦ ରୁ ୪୦ ବର୍ଷ ୫ ଫୁଟ୍ ଉଚ୍ଚତା ସବୁଜ ସାଡି ଗୋଲାପି ବ୍ଲାଉଜ କଳା ସାୟା ପିନ୍ଧିଥିବା ପୋଲିସ ପକ୍ଷରୁ ସୁଚନା ଦିଆଯାଇଥିଲା। ଅଜଣା ମହିଳା ମୃତଦେହ



ସମ୍ବନ୍ଧରେ କେହି କୈଣସି ସୁଚନା ହସ୍ତଗତ ହେଲେ ରାଜଗାଙ୍ଗପୁର ପୋଲିସ ଷ୍ଟେସନରେ ଅବଗତ କରାଇବା ନିମନ୍ତେ ଥାନା ଅଧିକାରୀ ବିଜୟ କିଶୋର ଦାଶ ସୁଚନା ଦେଇଥିଲେ।

## ଜିଲ୍ଲା ସିନିୟର ନକ୍‌ଆଉଟ ଫୁଟବଲ ଟୁର୍ଣ୍ଣାମେ□

# ସୁପର ନକଆଉଟରେ ନକଟାସର ଓ ରାଇଜିଂ ଷ୍ଟାର ଟିଟିଲାଗଡ

ବଲାଙ୍ଗିର,୦୬।୯(ନି.ପ୍ର): ଜିଲ୍ଲା କ୍ରୀଡା ସଂସଦ ଆନୁକୁଲ୍ୟରେ ଚାଲିଥିବା ଫୁଟବଲ ଖେଳ ୮ ଟିପଡିଆରେ ହୋଇଯାଇଛି। ଚୁଡାପାଲି ହାଇସ୍କୁଲ ପଡିଆରେ ନକଟାସର ୩-୦ ଗୋଲରେ ଭାଲୁଫିଟା କୁ ହରାଇ ଜୋନ ଚମ୍ପିୟାନ ହୋଇଛି। ମୁଖ୍ୟ ଅତିଥି ଭାବେ ଫ୍ରେଣ୍ଡସ କ୍ଲବ, ବଲାଙ୍ଗିର ସଭାପତି ଲୋଟସ ଷଡଙ୍ଗୀ ଯୋଗ ଦେଇଥିବା ବେଳେ ଅତିଥି ଭାବେ ସଂପାଦକ ଜଗନ୍ନାଥ ମିଶ୍ର, କ୍ରୀଡା ସଂସଦର ଯୁଗ୍ମ ସଂପାଦକ ପଦ୍ମଚରଣ ଆର୍ଯ୍ୟ, ଶତ୍ରୁଘନ ସିଂହ, କୋଷାଧ୍ୟକ୍ଷ ହେମନ୍ତ କୁମାର ବେହେରା, କ୍ରୀଡା ସଂପାଦକ ବିଭୁତି ଭୂଷଣ ପଣ୍ଡା ଓ ଫୁଟବଲ ସଂପାଦକ ଶରତ କୁମାର ନନ୍ଦ ଯୋଗ ଦେଇଥିଲେ । ଟିଟିଲାଗଡ ସିଟି ସ୍କୁଲ ପଡିଆରେ ରାଇଜିଂ ଷ୍ଟାର ୫-୧ ଗୋଲରେ ଖଜୁରପଡା କୁ ହରାଇ



ଜୋନ ଚମ୍ପିୟାନ ହୋଇଛି। ମୁଖ୍ୟ ଅତିଥି ଭାବେ ଟିଟିଲାଗଡ ପୌରାଧ୍ୟକ୍ଷା ମମତାଦେବୀ ଜୈନ ଯୋଗ ଦେଇଥିବା ବେଳେ ଅତିଥି ଭାବେ ଆଇଆଇସି ଟିଟିଲାଗଡ ମନୋଜ କୁମାର ମୁଣ୍ଡା, ପୂର୍ବତନ ରାଜ୍ୟ ଖେଳାଳି ସଦାନନ୍ଦ ନାଏକ ଓ ପୂର୍ବତନ ଆନ୍ତର୍ଜାତୀୟ ଖୋ ଖୋ ଖେଳାଳି ମନ୍ଦାକିନୀ ମାଝି ଯୋଗ ଦେଇଥିଲେ । ଖୁଜେନପାଲି ପଡିଆରେ ସ୍ପୋର୍ଟ ହଷ୍ଟେଲ ୩-୦ ଗୋଲରେ ମହିମୁଣ୍ଡା କୁ ହରାଇଲା। ଅତିଥି ଭାବେ ବିଜେଡି ଯୁବ ସଭାପତି ରାଜେନ୍ଦ୍ର ହୋତା ଓ ଜିଲ୍ଲା ସଂସ୍କୃତି ଅଧିକାରୀ ରଶ୍ମିରଂଜନ ମିଶ୍ର ଯୋଗ ଦେଇଥିଲେ। ପଲ୍ଲିଶ୍ରୀ ଷ୍ଟାଡିୟମ ସଦାଇପାଲି ଠାରେ ରିଜର୍ଭ ପୋଲିସ ବଲାଙ୍ଗିର ୩-୦ ଗୋଲ ରେ ଆଗଲପୁରକୁ ହରାଇ ବିଜୟୀ ହେଲା। ଅତିଥି ଭାବେ ଏଡିସିନାଲ ଏସ୍‌ପି ଗୁଣନିଧି ମଲ୍ଲିକ, କ୍ରୀଡା ସଂସଦ ସଦସ୍ୟ ଜୟରାମ ମିଶ୍ର, କାଉନସିଲ ସଭ୍ୟ ପ୍ରଭାତ କୁମାର ମିଶ୍ର ଓ ପୂର୍ବତନ ଖେଳାଳି ଗରୁଡଧ୍ୱଜ ସାଏ ଯୋଗ ଦେଇଥିଲେ । ଟାଉନ ହାଇସ୍କୁଲ ପଡିଆରେ ଗେର୍ଡି ୨-୦ ଗୋଲରେ ଜେଏସ୍‌ସି ଖଲିଆପାଲି କୁ ହରାଇ ବିଜୟୀ ହେଲା। ଅତିଥି ଭାବେ ବଲାଙ୍ଗିର ବ୍ଲକ ପୂର୍ବତନ ଅଧ୍ୟକ୍ଷ ଗୋଲାପ ବାଗ, କ୍ରୀଡା ସଂଗଠକ ରାଜିବ ଲୋଚନ ନେପାକ, ଆଇନଜିବୀ ସୁମିତ ଭରଦ୍ୱାଜ, ସମାଜସେବୀ ଗୋବିନ୍ଦ ଶତପଥି ଓ ସଂସଦର ବରିଷ୍ଠ ସଦସ୍ୟ ଡା. ସିଦ୍ଧେଶ୍ୱର ମିଶ୍ର ଯୋଗ ଦେଇଥିଲେ। ଜରାସିଂହା ମିନି ଷ୍ଟାଡିୟମରେ ଜରାସିଂହା ୪-୦ ଗୋଲରେ ନାଇକେନସିରା କୁ ହରାଇଲା।

# କ୍ୟାରିୟର ଉଦୟ ଛାତ୍ରଛାତ୍ରୀମାନଙ୍କୁ ସଶକ୍ତ କରାଇବାରେ ସହାୟକ ହେବ : ମନ୍ତ୍ରୀ ସମ୍ପଦ ସ୍ୱାଇଁ

ପାରାଦ୍ୱୀପ,୭।୯(ନି.ପ୍ର.): ପବିତ୍ର ଗୁରୁ ଦିବସ ଅବସରରେ ଜୟଦେବ ସଦନ ପ୍ରାଙ୍ଗଣରେ ଗୁରୁ ସମ୍ମାନ ସମାରୋହ କାର୍ଯ୍ୟକ୍ରମ ଶନିବାର ଦିନ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପାରାଦ୍ୱୀପର ବିଧାୟକ ତଥା ମାନ୍ୟବର ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଯୋଗ ଦେଇ ଗୁରୁ ଦିବସ ହେଉଛି ଭାରତୀୟ ସଂସ୍କୃତିର ଏକ ପରମ୍ପରା ବୋଲି କହିବାସହ ଗୁରୁ ହେଉଛି ଦୁଇଟି ଶବ୍ଦ ଯୋଉ ଶବ୍ଦ ଭିତରେ ଲୁଚି ରହିଛି ଅନେକ ପ୍ରତିଭା । ଗୁ ହେଉଛି ଅନ୍ଧାର ଆଉ ରୁ ହେଉଛି ଆଲୋକ ।ଯିଏ ଅନ୍ଧାରର ରୁ ଆଲୋକ ବାଟ ଦେଖାଇ ଜଣେ ମଣିଷକୁ ଭଲ ନାଗରିକ ଭାବେ ଗଢି ତୋଳିବାରେ ଗୁରୁ ଯେତିକି ଭୂମିକା ଗ୍ରହଣ କରିଥାନ୍ତି, ଦେଶ ବା ରାଷ୍ଟ୍ରର ଭବିଷ୍ୟତ ନିର୍ମାଣରେ ଗୁରୁଙ୍କ ଭୂମିକା ବେସ ଗୁରୁତ୍ୱପୂର୍ଣ୍ଣ ବୋଲି ଶ୍ରୀ ସ୍ୱାଇଁ କହିଥିଲେ। ଖାଲି ଏତିକି ନୁହଁ ଜଣେ ଶିକ୍ଷକ ଙ୍କ ପ୍ରେରଣା ଛାତ୍ରର ସମ୍ପୂର୍ଣ୍ଣ ଜୀବନକୁ ବଦଳାଇ ଦେଇଥାଏ । ଆଜିର ଟେକ୍ନୋଲୋଜି ଯୁଗରେ ଟେକ୍ନୋଲୋଜି ଆମକୁ ସୂଚନା ପ୍ରଦାନ କରୁଥିଲା ବେଳେ ଶିକ୍ଷକ ଆମକୁ ବିବେକ ଦେଇଥାନ୍ତି ବୋଲି କହିବା ସହ ଆମ ଚରିତ୍ର ଗଠନ ଦିଗରେ ଗୁରୁଙ୍କ ଭୂମିକା ଅତୁଳନୀୟ ବୋଲି କହିଥିଲେ । ଶିକ୍ଷକତା କେବଳ ଏକ ବୃତ୍ତି ନୁହଁ ବରଂ ଏକ ସାଧନା । ଏଇ ମାଟିରୁ ପଣ୍ଡିତ ଜଗନ୍ନାଥ ରଥ ଙ୍କ ଅବଦାନ କୁ କେବେବି ଭୁଲି ହେବନି , ଅନେକ ପରିବାରକୁ ଅନ୍ଧାର ଭିତରୁ ଆଲୋକ ର ମାର୍ଗ ଦେଖାଇ ରଚିଛନ୍ତି ସ୍ୱତନ୍ତ୍ର ପରିଚୟ ।ଛ ପାରାଦ୍ୱୀପ ନିର୍ବାଚନ ମଣ୍ଡଳୀ ରେ ଥିବା ସ୍କୁଲ ମାନଙ୍କରେ ଦଶମ ଶ୍ରେଣୀ ରେ ଅଧ୍ୟୟନ କରୁଥିବା ଛାତ୍ର ଛାତ୍ରୀ ମାନଙ୍କ ଭବିଷ୍ୟତ ଗଠନ ଦିଗରେ ଶ୍ରୀ ସ୍ୱାଇଁ ବିଭିନ୍ନ ପଦକ୍ଷେପ ମାନ ଗ୍ରହଣ କରି ଚାଲୁ ଥିବାବେଳେ କ୍ୟାରିୟର କାଉନସିଲିଂ ବେସ ସହାୟକ ହେବ ବୋଲି ଦୃଢୋକ୍ତିର ସହ କହିଥିଲେ । ଏହି ଅବସରରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ ସମସ୍ତ ଗୁରୁ ମାନଙ୍କର ପାଦ ଧୋଇ ପ୍ରଣିପାତ କରି ସମ୍ବର୍ଦ୍ଧିତ କରିଥିଲେ। ପରେ ପରେ ବେଦାନ୍ତ ଆଲୁମିନିୟମ ଏବଂ ବ୍ରିଜ ଭାରତ ଫାଉଣ୍ଡେସନର ସହାୟତାରେ ପାରାଦ୍ୱୀପ କ୍ୟାରିୟର ଉଦୟର ଶୁଭାରମ୍ଭ କରିବା ସହିତ କ୍ୟାରିୟର ଡାଏରୀ ପୁସ୍ତକ ମଧ୍ୟ ଉନ୍ମୋଚନ କରିଥିଲେ। ପାରାଦ୍ୱୀପ-କୁଜଙ୍ଗ ଅଞ୍ଚଳ ହେଉଛି ଜ୍ଞାନ, ସଂସ୍କୃତି ଓ ସାଧନାର ପବିତ୍ର ଭୂମି। । ଆଜିର ଏକବିଂଶ ଶତାବ୍ଦୀର ଆଧୁନିକ ଓ ପ୍ରଯୁକ୍ତିବିଦ୍ୟା ଯୁଗରେ ଶିକ୍ଷାଦାନର ଶୈଳୀ ବଦଳିଛି। ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ (ଏଆଇ), ଡିଜିଟାଲ୍ କ୍ଲାସ୍ ରୁମ୍, ସ୍ମାର୍ଟ ବୋର୍ଡ, ଏବଂ ଇଣ୍ଟରନେଟ୍ ଯୋଗୁଁ ତଥ୍ୟ ବା ସୂଚନା ପାଇବା ଆଜି ଅତ୍ୟନ୍ତ ସହଜ ହୋଇପାରିଛି। କିନ୍ତୁ ଆମକୁ ମନେରଖିବାକୁ ହେବ ପ୍ରଯୁକ୍ତିବିଦ୍ୟା ସୂଚନା ଦେଇପାରେ, କିନ୍ତୁ ବିବେକ, ନୈତିକତା ଏବଂ ମାନବୀୟ ମୂଲ୍ୟବୋଧ କେବଳ ଜଣେ ଗୁରୁ ହିଁ ପ୍ରଦାନ କରିପାରିବେ। ଯେତେବେଳେ ଦେଶ ବିକାଶ ପଥରେ ଦ୍ରୁତ ଗତିରେ ଆଗେଇ ଚାଲିଛି, ସେତେବେଳେ ଜାତୀୟ ଶିକ୍ଷା ନୀତି ଏବଂ ଆଧୁନିକ ଶିକ୍ଷା ବ୍ୟବସ୍ଥାକୁ କାର୍ଯ୍ୟକାରୀ କରିବା ପଛରେ ଶିକ୍ଷକମାନଙ୍କର ଅକ୍ଳାନ୍ତ ପରିଶ୍ରମ ରହିଛି। ଶ୍ରେଣୀଗୃହରୁ ହିଁ ଭବିଷ୍ୟତର ବୈଜ୍ଞାନିକ, ନେତା, ଉଦ୍ୟୋଗୀ, ଇଞ୍ଜିନିୟର, ଡାକ୍ତର, ପ୍ରଶାସନିକ ଅଧିକାରୀ ଏବଂ ଦେଶପ୍ରେମୀ ନାଗରିକ ସୃଷ୍ଟି ହୋଇଥାନ୍ତି। ଶିକ୍ଷକମାନେ ହେଉଛନ୍ତି ସେହି ବିଶ୍ୱକର୍ମା, ଯିଏ ନିଶବ୍ଦରେ ଦେଶ ଓ ଜାତିର ଭବିଷ୍ୟତ ନିର୍ମାଣ କରନ୍ତି। ତେଣୁ, ଶିକ୍ଷକମାନଙ୍କୁ ସମୃଦ୍ଧ ଓଡ଼ିଶା ବା ବିକଶିତ ଭାରତର ପ୍ରମୁଖ ବିନ୍ଧାଣୀ କହିଲେ ଅତ୍ୟୁକ୍ତି ହେବ ନାହିଁ । ପାରାଦ୍ୱୀପ କ୍ୟାରିୟର ଉଦୟର ଶୁଭାରମ୍ଭ ଛାତ୍ର ଛାତ୍ରୀ ମାନଙ୍କ ଭବିଷ୍ୟତ, ସ୍ୱପ୍ନ, ଆକାଂକ୍ଷା ଏବଂ ସାମ୍ନାରେ ଥିବା ଅସୀମସୁଯୋଗ ବିଷୟରେ ବେସ ସହାୟକ ହେବ। ଏହି କ୍ୟାରିୟର ଉଦୟ କାର୍ଯ୍ୟକ୍ରମ କୁଜଙ୍ଗ ବ୍ଲକ୍ ଏବଂ ପାରାଦ୍ୱୀପ ପୌର ପାଳିକାର ର ମୋଟ ୪୧ଟି ବିଦ୍ୟାଳୟରେ କାର୍ଯ୍ୟକାରୀ କରାଯିବ। ଏହି କାର୍ଯ୍ୟକ୍ରମ ଆଗାମୀ ଏକ ବର୍ଷ ଧରି ୩,୩୭୫ ଜଣ ଦଶମ ଶ୍ରେଣୀର ଛାତ୍ରଛାତ୍ରୀଙ୍କ ସହିତ କାର୍ଯ୍ୟ କରିବ।

Printed and Published by Sitesh Kumar Rout _ owned by Manthan Printers Pri\ate Limited and Printed at WEB LINE, Plot No. D-2/19, Mancheswar Industrial Estate, Bhubaneswar-751010, Dist-Khurda (Odisha) and Published at A-17/8, Surya Nagar, Unit-7, Bhubaneswar-3, Dist- Khurda (Odisha), Tele-Fax: Ph. No: (0674) 2397438, 9778071104, **Email : odishamanthan@gmail.com**
● **Editor : Sarat Raut**
ସଂପାଦକ: ଶରତ ରାଉତ